

ଯା ଦେବୀ ସର୍ବଭୂତେଷୁ...


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଗୁରୁବାର ୧୭ ସେପ୍ଟେମ୍ବର ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 17 September 2026
Vol.No. 36 ■ No.245 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା
ସାଗରିକା
(ରଥ ସଂଖ୍ୟା)
ଡିଜିଟାଲ ଫର୍ମାଟରେ
ମଧ୍ୟ ଉପଲବ୍ଧ...
ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର
website : sagarika.in.net


## ଭାରତୀୟ ଜଳ ଜାହାଜକୁ ଧକ୍କା ଦେଲା ପାକିସ୍ତାନ ଜାହାଜ: ପାକ୍ ହାଇକମିଶନରଙ୍କୁ ଭାରତର ଜବାବ ତଲବ



ନୂଆଦିଲ୍ଲୀ,୧୬/୯ : ସମୁଦ୍ର ମଝିରେ ପାକିସ୍ତାନର ବଦମାସୀ । ଭାରତୀୟ ଜାହାଜକୁ ଧକ୍କା ଦେଲା ପାକିସ୍ତାନୀ ଜାହାଜ । ଜାଣିଶୁଣି ନାଁ ଅଘଟଣ, ତାର ତନାଘନା କରୁଛି ଭାରତ । ଘଟଣାରେ ଭାରତ କଡ଼ା ଆଭିମୁଖ୍ୟ ଗ୍ରହଣ କରିଥିବା ବେଳେ, ଦିଲ୍ଲୀରେ ଥିବା ପାକିସ୍ତାନ ରାଷ୍ଟ୍ରଦୂତଙ୍କୁ ନୋଟିସ୍ କରିଛି । ଅନ୍ତର୍ଜାତୀୟ ଜଳସୀମାରେ ପାକିସ୍ତାନ ନୌସେନାର ଦୁଃସାହସିକ ଆଚରଣକୁ ନେଇ ଭାରତ କଡ଼ା କୂଟନୈତିକ ପଦକ୍ଷେପ ଗ୍ରହଣ କରିଛି । ଉତ୍ତର ଆରବ ସାଗରରେ ନିୟମିତ ନିରୀକ୍ଷଣ କରୁଥିବା ଭାରତୀୟ ନୌସେନାର ଏକ ଜାହାଜ ନିକଟକୁ ଚାଲି ଆସି ପାକ୍ ଜାହାଜ ଧକ୍କା ହେବା ଘଟଣାକୁ ଭାରତ ଅତ୍ୟନ୍ତ ଗମ୍ଭୀରତାର ସହ ନେଇଛି । ଏହି ଘଟଣା ପରେ ନୂଆଦିଲ୍ଲୀ ପାକିସ୍ତାନ ହାଇକମିଶନର ଚାର୍ଜ ଦି ଆଫେୟାର୍ସଙ୍କୁ ବୈଦେଶିକ ବ୍ୟାପାର ମନ୍ତ୍ରାଳୟକୁ ଡକାଇ ଦୃଢ଼ ଭାବେ ପ୍ରତିବାଦ କରିଛି । ସେହିପରି ଇସଲାମାବାଦ ସ୍ଥିତ ଭାରତୀୟ ଚାର୍ଜ ଡି'ଆଫେୟାର୍ସ ମଧ୍ୟ ପାକ୍ ବୈଦେଶିକ ମନ୍ତ୍ରଣାଳୟରେ ସମାନ ଢଙ୍ଗରେ କଡ଼ା ପ୍ରତିବାଦ ଦାଖଲ କରାଯାଇଛି । ଘଟଣାରେ କୌଣସି ବଡ଼ ଧରଣର କ୍ଷୟକ୍ଷତି ହୋଇନଥିଲେ ମଧ୍ୟ ଏହା ଏପ୍ରିଲ ୧୯୯୧ର ଦ୍ୱିପାକ୍ଷିକ ଚୁକ୍ତିନାମାର ଧାରା ୧୦ର ସିଧାସଳଖ ଉଲ୍ଲଂଘନ। ଭିଓ- ଭାରତ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ପାକିସ୍ତାନୀ ସାମରିକ ୟୁନିଟ୍‌ଗୁଡ଼ିକ ଅତ୍ୟନ୍ତ ସତର୍କତା ଅବଲମ୍ବନ କରନ୍ତୁ ଏବଂ ସମୁଦ୍ରରେ ଏଭଳି ବିପଜ୍ଜନକ ପଦକ୍ଷେପରୁ ନିବୃତ୍ତ ରୁହନ୍ତୁ । ଭବିଷ୍ୟତରେ ଏପରି ଘଟଣା ରୋକିବା ପାଇଁ ଉଭୟ ଦେଶ ମଧ୍ୟରେ ସ୍ୱାକ୍ଷରିତ ନିୟମ ଓ ସାମୁଦ୍ରିକ ନାଭିଗେସନ୍ ନିୟମାବଳୀକୁ ସମ୍ମାନ ଦେବାକୁ ପରାମର୍ଶ ଦିଆଯାଇଛି । ସମୁଦ୍ରରେ ପାକିସ୍ତାନ ନୌସେନାର ଏଭଳି ବିଶୃଙ୍ଖଳିତ ଆଚରଣ ପ୍ରଥମ ଥର ନୁହେଁ । ୨୦୧୧ ମସିହାରେ ଏମଭି ସୁଏଜ୍ ମାମଲା ବେଳେ ପାକିସ୍ତାନୀ ଯୁଦ୍ଧଜାହାଜ ପିଏନଏସ ବାବର ଅତ୍ୟନ୍ତ ନିକଟତର ହୋଇଯିବାରୁ ଭାରତର ଆଇଏନଏସ ଗୋଦାବରୀର ହେଲିକପ୍ଟର ଜାଲ କ୍ଷତିଗ୍ରସ୍ତ ହୋଇଥିଲା । ସେତେବେଳେ ତତ୍କାଳୀନ ନୌସେନା ମୁଖ୍ୟ ଆଡମିରାଲ ଏହାକୁ ନେଇ କ୍ଷୋଭ ପ୍ରକାଶ କରିବା ସହ ଭାରତୀୟ ନୌସେନାର ମନୋଭାବ ବିଷୟରେ ଉଲ୍ଲେଖ କରିଥିଲେ।

## ଓଡ଼ିଶା ଡିଜିପି ନିଯୁକ୍ତିରେ ଗୋଳମାଳିଆ ପରିସ୍ଥିତି: କୋର୍ଟ କହିବେ କେବେ ହେବ ଡିଜିପି ନିଯୁକ୍ତି ?



ଭୁବନେଶ୍ୱର, ୧୬/୯ (ନି.ପ୍ର): ଓଡିଶା ଡିଜିପି ନିଯୁକ୍ତିକୁ ନେଇ ଗୋଳମାଳିଆ ପରିସ୍ଥିତି। ପ୍ରଥମେ ସୁପ୍ରିମକୋର୍ଟ ପ୍ରଶ୍ନ ଉଠାଇବା ପରେ ଆମିକସ୍ କ୍ୟୁରି ମଧ୍ୟ ଉଠାଇଲେ ଆପତ୍ତି ଓ ଡିଜିପି ଏମ୍ପାନେଲ୍‌ମେଣ୍ଟ ପାଇଁ ରାଜ୍ୟ ସରକାର ପଠାଇଥିବା ତାଲିକାରେ ହୋଇଥିବା ପରିବର୍ତ୍ତନ। ଦୁଇଜଣ ଆଇପିଏସ୍‌ଙ୍କୁ ଡିଜି ରାଙ୍କକୁ ପଦୋନ୍ନତି ଦିଆଯିବାର ସମୟକୁ ନେଇ ପ୍ରଶ୍ନ ଉଠିଛି। ଡିଜିପି ଚୟନ ପ୍ରକ୍ରିୟାରୁ ନିଜକୁ ବାଦ୍ ଦିଆଯାଇଥିବା ଦାବି କରି ସୁଶାନ୍ତ ନାଥ ସୁପ୍ରିମକୋର୍ଟରେ ଇଣ୍ଟେରଭେନର ଭାବେ ନିଜ ପକ୍ଷ ରଖିଛନ୍ତି। ଡିଜିପି ଚୟନ ପାଇଁ ପ୍ରସ୍ତୁତ ହୋଇଥିବା ପ୍ରାରମ୍ଭିକ ତାଲିକାରେ ସୁଶାନ୍ତଙ୍କ ନାଁ ଥିଲା। କିନ୍ତୁ କାହିଁକି ଓ କେମିତି ସେ ବାଦ୍ ପଡ଼ିଲେ ସେନେଇ କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। କୋର୍ଟରେ ମୁଖ୍ୟ ପ୍ରଶ୍ନ ହେଉଛି, ଡିଜିପି ଚୟନ ପ୍ରକ୍ରିୟା ସୁପ୍ରିମକୋର୍ଟଙ୍କ ପୂର୍ବ ନିର୍ଦ୍ଦେଶ, ବିଶେଷକରି ପ୍ରକାଶ ସିଂଙ୍କ ମାମଲା ଆଧାରରେ ହୋଇଛି କି ନାହିଁ? ଏହାରି ଭିତରେ ୟୁପିଏସ୍‌ସିକୁ ଡିଜିପି ପାନେଲ, ନିର୍ଣ୍ଣୟ ନକରିବାକୁ ପୂର୍ବରୁ ନିର୍ଦ୍ଦେଶ ଦିଆଯାଇଥିଲା।

◆◆ପୃଷ୍ଠା ୭

## କଂଗ୍ରେସକୁ ମୂରବୀ ଶୂନ୍ୟ କରିଥିବା ନରସଂହାର ଘଟଣାରେ ୧୦ ଜଣଙ୍କୁ ମିଳିଲା ମୃତ୍ୟୁଦଣ୍ଡ



ନୂଆଦିଲ୍ଲୀ,୧୬/୯ : ଦୀର୍ଘ ୧୩ ବର୍ଷରେ ଦେଶକୁ ଦୋହଲାଇ ଦେଇଥିବା ନକ୍ସଲ ଆଟାକରେ ଆସିଛି ରାୟ। ଛତିଶଗଡ଼କୁ ମୁରବୀ ଶୂନ୍ୟ କରି ଦେଇଥିବା ଝିରମ ଘାଟି ନରସଂହାର ଘଟଣାରେ ୧୦ ଜଣଙ୍କୁ ମିଳିଛି ଫାଶୀ ଦଣ୍ଡ। ୨୦୧୩ ନରସଂହାରରେ ଝିରମ ଘାଟିରେ ହୋଇଥିବା ମାଓବାଦୀ ଆକ୍ରମଣରେ କଂଗ୍ରେସର ଅନେକ ବରିଷ୍ଠ ନେତାଙ୍କ ସମେତ ୨୯ ଜଣ ପ୍ରାଣ ହରାଇଥିଲେ। ଏବେ ଛତିଶଗଡ଼ର ବସ୍ତର ରିଜନର ସ୍ୱତନ୍ତ୍ର ଏନଆଇଏ କୋର୍ଟ ୧୦ ଜଣଙ୍କୁ ଦୋଷୀ ସାବ୍ୟସ୍ତ କରି ଫାଶୀ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଲାଲ ହିଂସାର ଅନ୍ୟତମ ବଡ଼ ଘଟଣା ହେଉଛି ଝିରାମ ଘାଟି ଆଟାକ। ୨୦୧୩ ମସିହା ମେ' ୨୫ ତାରିଖରେ ମାଓବାଦୀମାନେ କଂଗ୍ରେସ କନଭୟକୁ ଜାତୀୟ ରାଜପଥରେ ଆଟାକ କରିଥିଲେ। ବସ୍ତର ଜିଲ୍ଲା ଅନ୍ତର୍ଗତ ଦର୍ଭା ପୁଲିସ ଷ୍ଟେସନ ଅଧୀନରେ ଥିବା ଝିରାମ ଘାଟିର ଗୋଟିଏ ଜାତୀୟ ରାଜପଥ ଅତିକ୍ରମ କରୁଥିଲା କଂଗ୍ରେସ ନେତାମାନଙ୍କ ଗାଡ଼ି।

◆◆ପୃଷ୍ଠା ୭

## ବିକ୍ରମ ପଣ୍ଡାଙ୍କ ବିରୋଧରେ ନୂଆ ମାମଲା: ସାକ୍ଷୀଙ୍କୁ ଧମକ ଅଭିଯୋଗ

ଭୁବନେଶ୍ୱର, ୧୬/୯ (ନି.ପ୍ର): ପୁଣି ଅଡୁଆରେ ବିକ୍ରମ ପଣ୍ଡା । ସାକ୍ଷୀଙ୍କୁ ଧମକ, ମାମଲା ରୁଜୁ । ୨ ସପ୍ତାହ ତଳେ ଜାମିନରୁ ମୁକୁଳିଥିବା ବିକ୍ରମ ପଣ୍ଡାଙ୍କ ପାଇଁ ପୁଣି ବଢ଼ିଛି ଅଡୁଆ। ଏବେ ଆଉ ଏକ ନୂଆ ମାମଲାରେ ଛନ୍ଦି ହୋଇଛନ୍ତି ବ୍ରହ୍ମପୁରର ପୂର୍ବତନ ବିଧାୟକ। ସାକ୍ଷୀଙ୍କୁ ଫୋନ୍‌ରେ ଧମକଚମକ ଦେବା ଅଭିଯୋଗରେ ନୂଆ ମାମଲା ରୁଜୁ ହୋଇଥିବା ସୂଚନା ଦେଇଛନ୍ତି ବ୍ରହ୍ମପୁର ଏସ୍‌ପି । ଜେଲ୍‌ରେ ଥିବା ସମୟରେ ଡାକ୍ତରଙ୍କ ଜରିଆରେ ବିକ୍ରମ ପଣ୍ଡା ଫୋନ୍ କରି ଜଣେ ସାକ୍ଷୀଙ୍କୁ ଧମକାଇଥିବା ଅଭିଯୋଗ ହୋଇଛି।

## ସମ୍ବଲପୁରରେ ସ୍ଥାପିତ ହେଲା ନୂତନ ଡିପ୍‌ଲର୍ ରାଡାର: ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରଥମ



ସମ୍ବଲପୁର, ୧୬/୯ (ନି.ପ୍ର): ପାଣିପାଗର ସଠିକ ପୂର୍ବାନୁମାନ କରିବା ପାଇଁ ସମ୍ବଲପୁର ଜମଦାରପାଲି ରୋଡ୍ ସ୍ଥିତ ମଧୁପୁରଠାରେ ନୂତନ ଡପଲର୍ ପାଣିପାଗ ରାଡାର୍ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଆଜି (ବୁଧବାର) ଏହି ଆଧୁନିକ କେନ୍ଦ୍ରକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଲୋକାର୍ପିତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଆଭାଷୀ ମାଧ୍ୟମରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଡ ଜିତେନ୍ଦ୍ର ସିଂହ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଡ ମୃତ୍ୟୁଞ୍ଜୟ ମହାପାତ୍ର, ସ୍ୱତନ୍ତ୍ର ରିଲିଫ୍ କମିଶନର ତଥା ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓଏସଡିଏମଏ)ର ପରିଚାଳନା ନିର୍ଦ୍ଦେଶକ ରାଜେଶ ପ୍ରଭାକର ପାଟିଲ୍ ଉପସ୍ଥିତ ଯୋଗ ଦେଇଥିଲେ। ଭାରତୀୟ ପାଣିପାଗ ବିଜ୍ଞାନ ବିଭାଗ (ଆଇଏମଡି) ଏବଂ ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନରେ ପରିଚାଳିତ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓଏସଡିଏମଏ)ର ମିଳିତ ସହଯୋଗରେ ସମ୍ବଲପୁରଠାରେ ଏହି ଆଧୁନିକ କେନ୍ଦ୍ର ନିର୍ମାଣ କରାଯାଇଛି ଓ ଏଠାରେ ନୂତନ ଡପଲର୍ ପାଣିପାଗ ରାଡାର କାର୍ଯ୍ୟକ୍ଷମ ହେବା ଫଳରେ ରାଜ୍ୟରେ ପାଣିପାଗ ପୂର୍ବାନୁମାନ ବ୍ୟବସ୍ଥା ଆହୁରି ସଶକ୍ତ ଓ ସୁଦୃଢ଼ ହେବ। ସୂଚନାଯୋଗ୍ୟ, ବର୍ତ୍ତମାନ ପାରାଦୀପ ଓ ଗୋପାଳପୁରରେ ଦୁଇଟି ଡପଲର ରାଡାର ସ୍ଥାପିତ ହୋଇଛି। ପଶ୍ଚିମ ଓଡ଼ିଶାର ସମ୍ବଲପୁରଠାରେ ଏହି କେନ୍ଦ୍ର ହେବା ଫଳରେ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକର ପାଣିପାଗ ପୂର୍ବାନୁମାନ ପାଇଁ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହେବ ।

## ସମ୍ଭାବ୍ୟ ବାତ୍ୟା ନେଇ କୌଣସି ଆକଳନ ହୋଇନି: ଆଇଏମଡି ଡିଜି

ଭୁବନେଶ୍ୱର , ୧୬/୯ (ନି.ପ୍ର): ସମ୍ଭାବ୍ୟ ବାତ୍ୟାକୁ ନେଇ କୌଣସି ଆକଳନ ହୋଇନି ବୋଲି ସ୍ପଷ୍ଟ କରିଛନ୍ତି ଆଇଏମଡି ଡିଜି ମୃତ୍ୟୁଂଜୟ ମହାପାତ୍ର। ସେ କହିଛନ୍ତି ଯେ କେବଳ ଲଘୁଚାପ କ୍ଷେତ୍ର ସୃଷ୍ଟି ନେଇ ଆକଳନ ହୋଇଛି। ୧୯ ତାରିଖ ବେଳକୁ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବ। ପଶ୍ଚିମ ଉତରପଶ୍ଚିମ ଦିଗକୁ ଗତି କରି ୨୩ ବେଳକୁ ଉପକୂଳ ଛୁଇଁବ। ଉତର ଆନ୍ଧ୍ର ପ୍ରଦେଶ ଓ ଦକ୍ଷଣ ଓଡ଼ିଶାରେ ବର୍ଷାର ପ୍ରଭାବ ରହିବ।

## ୟୁପିଆଇ ପେମେଣ୍ଟରେ ଫି'କୁ ନେଇ ହଙ୍ଗାମା: ସୁପ୍ରିମକୋର୍ଟରେ ପହଞ୍ଚିଲା ମାମଲା




ନୂଆଦିଲ୍ଲୀ,୧୬/୯ : ୨,୦୦୦ ଟଙ୍କାରୁ ଅଧିକ ୟୁପିଆଇ ମର୍ଚ୍ଚାଣ୍ଟ ପେମେଣ୍ଟ ଉପରେ ମର୍ଚ୍ଚାଣ୍ଟ ଡିସ୍କାଉଣ୍ଟ ରେଟ୍ ଲାଗୁ କରିବା ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ଅଞ୍ଜନ ଦତ୍ତଙ୍କ ପକ୍ଷରୁ ଏନେଇ ଏକ ଜନହିତ ଯାଚିକା ଦାଖଲ ହୋଇଛି। ଯାଚିକାରେ ଅର୍ଥ ମନ୍ତ୍ରଣାଳୟର ୧୪ ସେପ୍ଟେମ୍ବରର ଚାର୍ଜ ସମ୍ପର୍କିତ ନୋଟିଫିକେସନ ଏବଂ ୧୫ ସେପ୍ଟେମ୍ବରରେ ଜାରି ଏମଡିଆର୍ ଫ୍ରେମୱାର୍କକୁ ରଦ୍ଦ କରିବାକୁ ଦାବି କରାଯାଇଛି। ଯାଚିକାକାରୀଙ୍କ ଅଭିଯୋଗ ଅନୁସାରେ, ଏହି ନିୟମ ଆଣିବା ପୂର୍ବରୁ ପର୍ଯ୍ୟାପ୍ତ ଆଇନଗତ ପ୍ରକ୍ରିୟା ପାଳନ କରାଯାଇନାହିଁ। ଏଥିସହ ସ୍ୱଚ୍ଛତା ରକ୍ଷା କରାଯାଇନଥିବା ଏବଂ ସାଧାରଣ ଲୋକଙ୍କ ମତାମତ ନିଆଯାଇନଥିବା ମଧ୍ୟ ଯାଚିକାରେ କୁହାଯାଇଛି। ସୂଚନା ଅନୁସାରେ, ପେମେଣ୍ଟ ଆଣ୍ଡ ସେଟଲମେଣ୍ଟ ସିଷ୍ଟମ୍ସ ଆକ୍ଟ, ୨୦୦୭ର ଧାରା ୧୦ଇ ଅଧୀନରେ ସରକାର ଏହି ବ୍ୟବସ୍ଥା ପାଇଁ ଆଇନଗତ ରାସ୍ତା ପ୍ରସ୍ତୁତ କରିଛନ୍ତି। କେନ୍ଦ୍ର ସରକାର ଓ ଏନପିସିଆଇ ପକ୍ଷରୁ ୧୫ ସେପ୍ଟେମ୍ବର ୨୦୨୬ରେ ଘୋଷିତ ନୂଆ ଫ୍ରେମୱାର୍କ ଅନୁସାରେ, ୧୫ ଅକ୍ଟୋବର ୨୦୨୬ରୁ ଚୟନିତ ବ୍ୟବସାୟୀଙ୍କ ପାଇଁ ୨,୦୦୦ ଟଙ୍କାରୁ ଅଧିକ ୟୁପିଆଇ ପେମେଣ୍ଟ ଉପରେ ସର୍ବାଧିକ ୦.୪ ପ୍ରତିଶତ ଏମଡିଆର୍ ଲାଗୁ ହେବ। ତେବେ ସରକାର ସ୍ପଷ୍ଟ କରିଛନ୍ତି ଯେ, ଏହି ଚାର୍ଜ ସାଧାରଣ ଗ୍ରାହକଙ୍କ ଉପରେ ଲାଗିବ ନାହିଁ। ଚ୨ଚ ଟ୍ରାଞ୍ଜାକ୍ସନ ଏବଂ ୨,୦୦୦ ଟଙ୍କା ପର୍ଯ୍ୟନ୍ତ ମର୍ଚ୍ଚାଣ୍ଟ ପେମେଣ୍ଟ ମାଗଣା ରହିବ।

◆◆ପୃଷ୍ଠା ୭

## ଜଳାଶୟ ନେଲା ଜୀବନ: ନଦୀ, ପୋଖରୀରେ ବୁଡ଼ି ୧୨ ଜଣଙ୍କ ମୃତ୍ୟୁ

ଭୁବନେଶ୍ୱର, ୧୬/୯ (ନି.ପ୍ର): ଜଳାଶୟ ନେଲା ଜୀବନ । ପାଣିରେ ବୁଡ଼ି ୧୨ ଜଣଙ୍କ ମୃତ୍ୟୁ । ଓରାମ ସମାଜର କରମ ପୂଜା ପାଇଁ ନଦୀରୁ ପାଣି ଆଣିବାକୁ ଯାଇଥିଲେ ୫ ଜଣ ଛାତ୍ରୀ। ସୁନ୍ଦରଗଡ଼ ବୀରମିତ୍ରପୁର ରାଏବଗା-ଶଙ୍ଖ ନଦୀରେ ହଠାତ୍ ନଦୀରେ ପାଣି ଆସିଯିବାରୁ ଭାସିଗଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ୨ ଜଣଙ୍କୁ ଉଦ୍ଧାର କରାଗଲା। ପୁଲିସ ଓ ଦମକଳ ବାହିନୀ ପହଞ୍ଚି ୩ ଜଣ ନାବାଳିକାଙ୍କ ମୃତଦେହ ଉଦ୍ଧାର କରିଛି। ମୃତକଙ୍କ ବୟସ ୮ରୁ ୧୦ ବର୍ଷ ହେବ। ତିନି ଛାତ୍ରୀଙ୍କ ମୃତ୍ୟୁ ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସେପଟେ ଜଗତସିଂହପୁରରେ ଗଣେଶ ମୂର୍ତ୍ତି ବିସର୍ଜନ ବେଳେ ଭାସିଯାଇ ୪ ଜଣଙ୍କ ମୃତ୍ୟୁ ହୋଇଛି । ଗଞ୍ଜାମ ହିଞ୍ଜିଳି କାଟୁରେ ଘଟିଛି ବଡ଼ ଅଘଟଣ। ବଇଚବଣିଆ ନିକଟ ଘୋଡ଼ାହାଡ଼ ନଦୀକୁ ମୂର୍ତ୍ତି ବିସର୍ଜନ ପାଇଁ ଯାଇଥିଲେ ୩ ଜଣ ଛାତ୍ର। ପାଣିରେ ବୁଡ଼ି ପ୍ରୀତମ ସାମଲ ଓ ଆଦର୍ଶ ସାହୁଙ୍କ ମୃତ୍ୟୁ ହୋଇଥିବାବେଳେ ଜଣକୁ ସୁରକ୍ଷିତ ଉଦ୍ଧାର କରାଯାଇଛି।

## ମିସାଇଲ ମାଡ଼ରେ ଥରିଲା ସାଉଦି: ମକ୍କାରେ ହାଇଆଲର୍ଟ, ଭାରତର ନିନ୍ଦା



ନୂଆଦିଲ୍ଲୀ,୧୬/୯ : ୟେମେନ ଯୁଦ୍ଧର ନିଆଁ ଏବେ ଆରବ ଭୂଖଣ୍ଡକୁ ଘେରିବାରେ ଲାଗିଛି। ଇରାନ ସମର୍ଥିତ ହୁତି ବିଦ୍ରୋହୀମାନଙ୍କ ତାଣ୍ଡବରେ ସାଉଦି ଆରବର ପ୍ରମୁଖ ସହର ଗୁଡ଼ିକରେ ଏବେ ରୀତିମତ ତାଣ୍ଡବ । ଆକାଶମାର୍ଗରୁ ବର୍ଷୁଥିବା ଡ୍ରୋନ ଓ ବାଲିଷ୍ଟିକ ମିସାଇଲ ଆକ୍ରମଣ ଯୋଗୁଁ ଇତିହାସରେ ପ୍ରଥମଥର ପାଇଁ ପବିତ୍ର ସହର ମକ୍କା ସମେତ ଜେଦାହ ଓ ତୈଫରେ ଜାରି ହୋଇଛି ଜରୁରୀକାଳୀନ ରେଡ୍ ଆଲର୍ଟ । ବଡ଼ ବଡ଼ ଅଟ୍ଟାଳିକାରୁ ଦୂରେଇ ରହିବାକୁ ନାଗରିକଙ୍କୁ ସିଭିଲ୍ ଡିଫେନ୍ସ ପକ୍ଷରୁ ସତର୍କ କରାଯାଇଛି । ଖାମିସ ମୁସୈଟ ସ୍ଥିତ ଏହି ପ୍ରମୁଖ ସାମରିକ ଘାଟି ଉପରେ ଏକାସଙ୍ଗେ ୧୨ରୁ ଅଧିକ ମିସାଇଲ ଓ ବିସ୍ଫୋରକ ଡ୍ରୋନ ମାଡ଼ ହୋଇଛି, ଯାହା ଫଳରେ ବିମାନବନ୍ଦର ପରିସରରେ ଭୟଙ୍କର ଅଗ୍ନିକାଣ୍ଡ ଓ ବିସ୍ଫୋରଣ ଘଟି ବ୍ୟାପକ କ୍ଷୟକ୍ଷତି ଘଟିଛି । ହୁତି ଡ୍ରୋନ ଆକ୍ରମଣରେ ସାଉଦିର ଏକ ମୁଖ୍ୟ ତୈଳ ପାଇପଲାଇନ କ୍ଷତିଗ୍ରସ୍ତ ହେବା ପରେ ଦେଶର ତୈଳ ଯୋଗାଣ ପ୍ରକ୍ରିୟା ସାମୟିକ ଭାବେ ବନ୍ଦ ହୋଇପଡ଼ିଛି । ଖାମିସ ମୁସୈଟ, ଆଭା ଓ ତୈଫର ଜନବସତି ଉପରେ ହୋଇଥିବା ପ୍ରହାରରେ ୧୩ ଜଣ ସାଧାରଣ ନାଗରିକ ଗୁରୁତର ଆହତ ହୋଇଥିବା ବେଳେ ବହୁ ଅଟ୍ଟାଳିକା ଓ ଗାଡ଼ି ଭାଙ୍ଗିରୁଜି ଯାଇଛି।

◆◆ପୃଷ୍ଠା ୭

## ଆସୁଛି ଆଉ ଏକ ଲଘୁଚାପ: ପୁଣି ଭିଜିବ ଦକ୍ଷିଣ ଓଡ଼ିଶା

ଭୁବନେଶ୍ୱର, ୧୬/୯ (ନି.ପ୍ର): ଆସୁଛି ଆଉ ଏକ ଲଘୁଚାପ । ପୁଣି ଭିଜିବ ଦକ୍ଷିଣ ଓଡ଼ିଶା । ଆଜି ସକାଳେ ଉତ୍ତର ଥାଇଲାଣ୍ଡ ଉପରେ ସୃଷ୍ଟି ହୋଇଛି ଘୂର୍ଣ୍ଣିବଳୟ । ୧୯ରେ ଉତ୍ତର ଆଣ୍ଡାମାନ ସାଗରରେ ଲଘୁଚାପ ସମ୍ଭାବନା । ପରବର୍ତ୍ତୀ ୩-୪ଦିନରେ ପଶ୍ଚିମ ଉତ୍ତର-ପଶ୍ଚିମ ଦିଗକୁ ଗତି କରିବ । ଦକ୍ଷିଣ ଓଡ଼ିଶା ଓ ଉତ୍ତର ଆନ୍ଧ୍ର ପ୍ରଦେଶ ଉପକୂଳ ମୁହାଁ ହେବ। ଓଡ଼ିଶା, ଆନ୍ଧ୍ରପ୍ରଦେଶ ଏବଂ ଛତିଶଗଡ଼ରେ ବର୍ଷା ସମ୍ଭାବନା । ଘଣ୍ଟା ପ୍ରତି ୪୦-୫୦ କି.ମି ବେଗରେ ପବନ ହେବା ସମ୍ଭାବନା । ବଙ୍ଗୋପସାଗର ଅଶାନ୍ତ ଥିବାରୁ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ଯିବାକୁ ବାରଣ। କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି।

# ଦି ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସ (ଇଣ୍ଡିଆ) ରାଉରକେଲା ସେଣ୍ଟର ଏବଂ ରାଉରକେଲା ଇସ୍ପାତ କାରଖାନା ଦ୍ୱାରା ୫୯ତମ ଇଞ୍ଜିନିୟର୍ସ ଦିବସ ପାଳିତ




ରାଉରକେଲା,୧୬/୦୯ (ନି.ପ୍ର): ଦି ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସ (ଇଣ୍ଡିଆ), ରାଉରକେଲା ଆଞ୍ଚଳିକ କେନ୍ଦ୍ର ଏବଂ ରାଉରକେଲା ଇସ୍ପାତ କାରଖାନା ର ମିଳିତ ଆନୁକୂଲ୍ୟରେ ସେପଟ୍ମେର ୧୫ ତାରିଖ ରେ ଆରଏସପିର ଗୋପବନ୍ଧୁ ଅଡିଟୋରିୟମ୍‌ଠାରେ ବିପୁଳ ଉତ୍ସାହ ର ସହିତ ୫୯ତମ ଇଞ୍ଜିନିୟର୍ସ ଦିବସ ପାଳିତ ହୋଇଯାଇଛି। 'ସୁଦୃଢ଼ ଏବଂ ପ୍ରଯୁକ୍ତିବିଦ୍ୟାଗତ ସାର୍ବଭୌମ ଭାରତ ପାଇଁ ଇଞ୍ଜିନିୟରିଂ ଶ୍ରେଷ୍ଠତା' ଜାତୀୟ ବିଷୟବସ୍ତୁ ଉପରେ ଆଧାରିତ ଏହି କାର୍ଯ୍ୟକ୍ରମରେ ସାରା ଦେଶରେ ପ୍ରଯୁକ୍ତି ବିଦ୍ୟାଗତ ଆତ୍ମନିର୍ଭରଶୀଳତା, ସବୁଜ ଶିଳ୍ପାୟନ ଏବଂ ସୁଦୃଢ଼ ବିକାଶକୁ ଆଗେଇ ନେବାରେ ଇଞ୍ଜିନିୟରିଂ ସମ୍ପ୍ରଦାୟର ଅପରିହାର୍ଯ୍ୟ ଭୂମିକାକୁ ରେଖାଙ୍କିତ କରାଯାଇଥିଲା।

କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ରାଉରକେଲା ଇସ୍ପାତ କାରଖାନାର ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ) ଶ୍ରୀ ବି.ଆର. ପଲାଇ, ମୁଖ୍ୟ ବକ୍ତା ଆଦିତ୍ୟ ଆଲୁମିନିୟମ୍, ହିନ୍ଦାଲ୍‌କୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ସଭାପତି ଓ ୟୁନିଟ୍ ମୁଖ୍ୟ ଶ୍ରୀ ଜଗନ୍ନାଥ ପି ନାୟକ, ସମ୍ମାନିତ ଅତିଥି ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏନ୍‌ଆଇଟି) ରାଉରକେଲାର ଭାରପ୍ରାପ୍ତ ନିର୍ଦ୍ଦେଶକ ପ୍ରଫେସର ପ୍ରଦୀପ ସରକାର, ଆଇଇଆଇ ରାଉରକେଲାର ଅଧ୍ୟକ୍ଷ ତଥା ଆରଏସପିର ମହାପ୍ରବନ୍ଧକ (ପ୍ଲେଟ୍ ମିଲ୍) ଶ୍ରୀ ଦୀପ୍ତଙ୍କର ମହାପାତ୍ର ଏବଂ ଆଇଇଆଇ ରାଉରକେଲାର ଅବୈତନିକ ସମ୍ପାଦକ ଶ୍ରୀ ହିମାଂଶୁ ଶତପଥୀ ମଞ୍ଚାସୀନ ଥିଲେ। ଭାରତ ରତ୍ନ ସାର୍ ଏମ୍. ବିଶ୍ୱେଶ୍ୱରାୟାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ସହିତ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା, ଯାହାଙ୍କ ଜୟନ୍ତୀକୁ ପ୍ରତିବର୍ଷ ଇଞ୍ଜିନିୟର୍ସ ଦିବସ ଭାବରେ ପାଳନ କରାଯାଏ। ନିଜ ଅଭିଭାଷଣରେ ଶ୍ରୀ ବି.ଆର. ପଲାଇ ଇଞ୍ଜିନିୟରିଂ ସମ୍ପ୍ରଦାୟକୁ ସେମାନଙ୍କର ନିରନ୍ତର କାର୍ଯ୍ୟ ଶ୍ରେଷ୍ଠତା ପାଇଁ ପ୍ରଶଂସା କରିଥିଲେ ଏବଂ ଭାରତକୁ ଏକ ସାର୍ବଭୌମ ପ୍ରଯୁକ୍ତିବିଦ୍ୟା ଶକ୍ତି ଭାବରେ ଗଢ଼ିତୋଳିବାରେ ସହାୟତା ପାଇଁ ସୁଦୃଢ଼ ପ୍ରଯୁକ୍ତିବିଦ୍ୟାକୁ କ୍ରମାଗତ ଭାବରେ ଆପଣାଇବାକୁ ଉତ୍ସାହିତ କରିଥିଲେ। ନିଜର ଆଧାର ବକ୍ତବ୍ୟରେ ଶ୍ରୀ ଜେ.ପି. ନାୟକ ସ୍ଥାନୀୟ ନବୋନ୍ମେଷ ଏବଂ ଉନ୍ନତ ଇଞ୍ଜିନିୟରିଂ ପଦ୍ଧତି ମାଧ୍ୟମରେ ପ୍ରଯୁକ୍ତିବିଦ୍ୟାଗତ ସାର୍ବଭୌମତ୍ୱ ହାସଲ କରିବା ବିଷୟରେ ବିସ୍ତୃତ ଭାବରେ ଉଲ୍ଲେଖ କରିଥିଲେ । ପ୍ରଫେସର ପି. ସରକାର ଶିକ୍ଷାଗତ ଗବେଷଣା ଏବଂ ଶିଳ୍ପାଞ୍ଚଳ କାର୍ଯ୍ୟକାରୀତା ମଧ୍ୟରେ ଥିବା ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ ବିଷୟରେ ଶ୍ରୋତାମାନଙ୍କୁ ସମ୍ବୋଧିତ କରିଥିଲେ। ଏ ଅବସରରେ ବିଶିଷ୍ଟ ନେତୃତ୍ୱ ଏବଂ ଆନୁଷ୍ଠାନିକ ସେବାକୁ ସ୍ୱୀକୃତି ଦେଉଥିବା ମାନ୍ୟଗଣ୍ୟ 'ବିଶିଷ୍ଟ ଇଞ୍ଜିନିୟର ପୁରସ୍କାର' ଆରଏସପିର ପ୍ରାକ୍ତନ ମହାପ୍ରବନ୍ଧକ ଶ୍ରୀ ଏ.କେ. ଗୋସ୍ୱାମୀ ଏବଂ ଆଞ୍ଚଳିକ କେନ୍ଦ୍ରର ପ୍ରାକ୍ତନ ଅବୈତନିକ ସମ୍ପାଦକ ତଥା ଏନ୍‌ଆଇଟି ରାଉରକେଲାର ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ବିଭାଗର ଅବସରପ୍ରାପ୍ତ ପ୍ରଫେସର ସରଦିନ୍ଦୁ ଘୋଷଙ୍କୁ ପ୍ରଦାନ କରାଯାଇଥିଲା। ପୂର୍ବରୁ, ବିଶିଷ୍ଟ ଅତିଥିମାନଙ୍କୁ ସ୍ୱାଗତ କରି ଶ୍ରୀ ଦୀପ୍ତଙ୍କର ମୋହାପାତ୍ର ଶିଳ୍ପ ସମ୍ପ୍ରସାରଣକୁ ପରିବେଶଗତ ସୁଦୃଢ଼ତା ସହିତ ଯୋଡ଼ିବା ପାଇଁ ଆଧୁନିକ ଇଞ୍ଜିନିୟରଙ୍କ କର୍ତ୍ତବ୍ୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ସାର୍ ଏମ୍. ବିଶ୍ୱେଶ୍ୱରାୟାଙ୍କ ପ୍ରେରଣାଦାୟୀ ଜୀବନୀ, ଗୁରୁତ୍ୱପୂର୍ଣ୍ଣ ସଫଳତା ଏବଂ ସ୍ଥାୟୀ ଶିଳ୍ପ ଅବଦାନକୁ ଦର୍ଶାଉଥିବା ଏକ ଭିଡିଓ ପ୍ରଦର୍ଶିତ ହୋଇଥିଲା, ଯାହା ପରେ ଆଇ.ଇ(ଆଇ) ରାଉରକେଲା ଆଞ୍ଚଳିକ କେନ୍ଦ୍ରର ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଆଇଇ(ଆଇ) ରାଉରକେଲା ଆଞ୍ଚଳିକ କେନ୍ଦ୍ରର ଅବୈତନିକ ସମ୍ପାଦକ ଶ୍ରୀ ହିମାଂଶୁ ଶତପଥୀ ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିଲେ।

# ମାଲକାନଗିରି ଭାଜପା କାର୍ଯ୍ୟାଳୟଠାରେ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ

ମାଲକାନଗିରି ,୧୬/୦୯ (ନି.ପ୍ର): ମାଲକାନଗିରି ଜିଲ୍ଲା ଭାଜପା କାର୍ଯ୍ୟାଳୟ ଠାରେ ଜିଲ୍ଲା କାର୍ଯ୍ୟକାରିଣୀ ବୈଠକ ଆୟୋଜିତ ହୋଇଥିଲା । ଜିଲ୍ଲା ସଭାପତି ଅଶୋକ କୁମାର ପରିଡ଼ା ଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ରାଜ୍ୟ ଉପ ସଭାପତି ରମେଶ ସାହୁ ମଂଚାସିନ ହୋଇଥିଲେ । ପ୍ରାରମ୍ଭରେ ସମସ୍ତ ଅତିଥି ଦଳର ପ୍ରତିଷ୍ଠାତା ଡଃ ଶ୍ୟାମାପ୍ରସାଦ ମୁଖାର୍ଜୀ ଓ ପଣ୍ଡିତ ଦିନ ଦୟାଲ ଉପାଧ୍ୟାୟ ଙ୍କ ତୈଳଚିତ୍ର ସମ୍ମୁଖ୍‌ରେ ପ୍ରଦୀପ ପ୍ରଜ୍ୱଳନ କ ରି ବୈଠକକୁ ଆରମ୍ଭ କରିଥିଲେ । ପ୍ରାରମ୍ଭରେ ଜିଲ୍ଲା ସଭାପତି ସ୍ୱାଗତ ଭାଷଣ ଦେଇ ସଭକାର୍ଯ୍ୟକୁ ଆରମ୍ଭ କରିଥିଲେ । ବିଧାୟକ ନରସିଂହ ମାଡକାମୀ ୨୦୧୪ ମସିହା ପରେ ଭାଜପା ଦେଶରେ ନିଜ ଶାସନ ଭାର ଗ୍ରହଣ କରିବା ପରେ ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦିଜୀ ଦେଶରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣି କିଭଳି କୃଷି,ସ୍ୱାସ୍ଥ୍ୟ,ଗମନା ଗମନ ଓ ଖାଦ୍ୟ ନିରାପତ୍ତା କୁ ପ୍ରାଧାନ୍ୟ ଦେଇ ଦେଶକୁ ଆଗକୁ ବଢ଼ାଇ ଥିଲେ ମୋଦିଜୀ ଙ୍କ ନେତୃତ୍ୱରେ ଦେଶରୁ ନକ୍ସଲ ବାଦ୍ ର ମୂଳ ସମାପ୍ତି ଘଟିବା ସହ ଗ୍ରାମାଂଚଳ ଗୁଡ଼ିକ ଦେଶ ର ବିକାଶ ସହ ଯୋଡ଼ି ହୋଇ ପାରିଥିଲା । ରାଜ୍ୟରେ ବିଜେପି ସରକାର ର ଆଗମନ ତଥା ଡବଲ ଇଞ୍ଜିନ ସରକାର ରେ ଓଡ଼ିଶାର ବିକାଶରେ ନୂତନ ଅଧ୍ୟାୟ ଯୋଡ଼ି ହୋଇଥିଲା । ଚାଷୀଙ୍କ ହିତ ସାଧନ ପାଇଁ ଧାନର ମୂଲ୍ୟ ବୃଦ୍ଧି, ମା ଭଉଣୀଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସୁଭଦ୍ରା ଯୋଜନା, ସଡ଼କ ପଥର ବିକାଶ,ରେଳ ପ୍ରକଳ୍ପ ର ଅଗ୍ରଗତି ପାଇଁ ଜମି ଅଧିଗ୍ରହଣ, ଗାଆଁ ଗୁଡ଼ିକର ସାମଗ୍ରିକ ବିକାଶ ପାଇଁ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା, ବିଧାୟକ ଆଦର୍ଶ ଗାଁ ଭଳି ଅନେକ ଯୋଜନା ମାନ କରିଥିବା ବେଳେ ୨୪ବର୍ଷର ବିଗତ ବିଜେଡି ସରକାର କେନ୍ଦ୍ର ଯୋଜନା ଗୁଡିକୁ ନିଜ ନାଁ ଦେଇ ରାଜ୍ୟ ବାସୀଙ୍କୁ ଭ୍ରମିତ କରିଥିଲା ସେ ବାବଦରେ ଅଭିଭାଷଣ ଦେଇଥିଲେ । ଏହି କ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଗଙ୍ଗା ସୋଡ଼ି ରାଜ୍ୟ ବିରୋଧୀ ଦଳ ଓ କେନ୍ଦ୍ର ବିରୋଧୀ କଂଗ୍ରେସ ର ଦେଶ ବିରୋଧୀ ନୀତିକୁ ନେଇ ଉଦବେଗ ପ୍ରକାଶ କରିବା ସହ ସାମୂହିକ ଭାବେ ନିନ୍ଦା ପ୍ରସ୍ତାବ ଆଗତ କରିଥିଲେ । ଆଗାମୀ ଦିନରେ ହେବାକୁ ଥିବା ସେବା ସଂକଳ୍ପ କାର୍ଯ୍ୟକ୍ରମର ବ୍ୟାପକ ପ୍ରସାର ପାଇଁ ସଦସ୍ୟଙ୍କୁ ଦାୟିତ୍ୱ ନ୍ୟସ୍ତ କରିବା ସହ ଏହାକୁ ଜିଲ୍ଲାର ବିଭିନ୍ନ ଅଂଚଳରେ ସରକାରୀ ସ୍ତରରେ ପାଳ ନ ହେବାକୁ ଥିବା କାର୍ଯକ୍ରମରେ ସହ ଯୋଗ କରିବାକୁ ଅନୁରୋଧ କରାଯାଇଥିଲା ।

ଆଜିର ଏହି ବୈଠକରେ ,ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡ଼ିଆମି , ସମସ୍ତ ମଣ୍ଡଳ ସଭାପତି,ସମ୍ପାଦକ, ସମସ୍ତ ଶକ୍ତି କେନ୍ଦ୍ର ପ୍ରମୁଖ ଜିଲ୍ଲା ଅଧିକାରୀ ସମେତ ସାଧାରଣ ସମ୍ପାଦକ ମାଣିକ ଲାଲ ଚକ୍ରବର୍ତ୍ତୀ,ନବଘନ ଲୋକେଇ, କୋଷାଧକ୍ଷ ସଞ୍ଜୟ ସରକାର ,ବିଧାୟକ ପ୍ରତିନିଧି ନିହାର ରାୟ, ଦେବି ମାଡି ,ସବିତା ମିଶ୍ର, ବେଣୀ କାର୍ତ୍ତୁଲ, ଏବଂ ମିଡ଼ିଆ ପ୍ରମୁଖ ଭାବେ ବି ଶ୍ରୀନିବାସ ପାତ୍ର ,ସୋସିଆଲ ମିଡ଼ିଆ ପ୍ରମୁଖ ଦୀପକ ସାହା ସମେତ ପ୍ରାୟ ୫୦୦ରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥଲେ ?

# ଦୁର୍ବଳ ହେଉଛି ବିଜେଡି ସଂଗଠନ, ବଢୁଛି ବିଜେପିର ଲୋକ ପ୍ରିୟତା

ଘଟଗାଁ,୧୬/୦୯ (ନି.ପ୍ର): ଦୁର୍ବଳ ହେଉଛି ବିଜେଡି ସଂଗଠନ ବଢୁଛି ବିଜେପି ଲୋକ ପ୍ରିୟତା। ରାଜ୍ୟର ଚର୍ଚ୍ଚିତ ନିର୍ବାଚନ ମଣ୍ଡଳୀ ଘସିପୁରା ବିଧାନସଭା କ୍ଷେତ୍ର ଘଟଗାଁ ବ୍ଲକରେ ଧିରେ ଧିରେ ବିଜେଡି ସଂଗଠନ ଦୁର୍ବଳ ହେବାରେ ଲାଗୁଛି। ବ୍ଲକର ବିଭିହ୍ନ ଜୋନ ବିଜେଡି କର୍ମୀ ମାନେ ବିଜେପିକୁ ଚାଲି ଆସୁଥିବା ନଜର ରହୁଛି। ପ୍ରକାଶ ଥାଉକି ପୂର୍ବରୁ ଅନେକ ବିଜେଡି ନେତା ଓ କର୍ମୀ ବିଜେପି ଶିବିରରେ ବିଧିବଦ୍ଧ ଭାବରେ ଯୋଗ ଦେଇଥିବା ବେଳେ ନିକଟରେ ସାଂସଦଙ୍କ ଉପସ୍ଥିରେ ପଣ୍ଡାପଡା ଜୋନ ଆଗଧାଡିର ଟାଣୁଆ ବିଜେଡି ନେତା ପୂର୍ବତନ ବ୍ଲକ ଉପାଧାକ୍ଷା ଓ ଜିଲ୍ଲା ଉପ ସଭାପତି ରମେଶ ପଲେଇ ବିଧିବୋଧ ଭାବେ ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଛନ୍ତି।ତାଙ୍କ ସହ ବସନ୍ତପୁର ପଂଚାୟତ ବିଜେଡି ସଭାପତି ଗଣେଶ୍ୱର ମହାନ୍ତ ସମେତ ସନ୍ତୋଷ ସାହୁ, ରତିକାନ୍ତ ମହାନ୍ତ, ସତ୍ୟସବ୍ରତ ମହାନ୍ତ ପ୍ରମୁଖ ବିଜେଡି ଛାଡି ସାଂସଦ ଅନନ୍ତ ନାୟକ ଉପସ୍ଥିତିରେ ବିଜେପିରେ ଯୋଗଦେଇଛନ୍ତି।ତେବେ ଆଗକୁ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ଥିବା ବେଳେ ବିଜୁ ଜନତା ଦଳର ବହୁ କର୍ମୀ ଭାରତୀୟ ଜନତା ପାର୍ଟିରେ ଯୋଗଦେଇ ବିଜେଡି ସଂଗଠନକୁ ଦୁର୍ବଳ କରୁଛନ୍ତି।

# ବିଦ୍ୟାଳୟରେ ଭବ୍ୟ ହିନ୍ଦୀ ପକ୍ଷ ପାଳନ

ଝାରସୁଗୁଡ଼ା,୧୬/୦୯ (ନି.ପ୍ର): ଝାରସୁଗୁଡ଼ା ସ୍ଥିତ ଡିଏଭି ପବ୍ଲିକ ସ୍କୁଲରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ହିନ୍ଦୀ ଭାଷା ପ୍ରତି ଆଗ୍ରହ, ସଚେତନତା ଓ ସମ୍ମାନର ଭାବନା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଭବ୍ୟ ହିନ୍ଦୀ ପକ୍ଷ ପାଳନ କରାଯାଇଥିଲା। ଏହି ପକ୍ଷ ପାଳନ ଅବସରରେ ବିଦ୍ୟାଳୟ ପରିସରରେ ବିଭିନ୍ନ ସାହିତ୍ୟିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ଦୋହା ଗାୟନ, କବିତା ପାଠ, ପ୍ରତିଷ୍ଠିତ ହିନ୍ଦୀ ସାହିତ୍ୟିକମାନଙ୍କ ଜୀବନୀ ଓ କୃତି ଉପରେ ଭୂମିକା ନିର୍ବାହ, ନୁକ୍କଡ଼ ନାଟକ ଏବଂ ନାଟ୍ୟ ମଞ୍ଚନ ଆଦି ପ୍ରମୁଖ ଥିଲା। ବିଭିନ୍ନ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନେ ଉତ୍ସାହର ସହିତ ଅଂଶଗ୍ରହଣ କରି ନିଜର ପ୍ରତିଭା, ସୃଜନଶୀଳତା ଓ ଅଭିବ୍ୟକ୍ତି ଦକ୍ଷତାର ଚମତ୍କାର ପ୍ରଦର୍ଶନ କରିଥିଲେ। ସେମାନଙ୍କର ବିବିଧ ପ୍ରସ୍ତୁତି ମାଧ୍ୟମରେ ହିନ୍ଦୀ ଭାଷାର ସମୃଦ୍ଧ ସାହିତ୍ୟିକ ପରମ୍ପରା, ସାଂସ୍କୃତିକ ଐତିହ୍ୟ ତଥା ସମସାମୟିକ ଜୀବନରେ ଏହାର ଗୁରୁତ୍ୱକୁ ପ୍ରଭାବଶାଳୀ ଢଙ୍ଗରେ ଉପସ୍ଥାପନ କରାଯାଇଥିଲା। ପ୍ରସିଦ୍ଧ ସାହିତ୍ୟିକମାନଙ୍କ ଜୀବନୀ ଓ ସାହିତ୍ୟକୃତି ଆଧାରିତ ଭୂମିକା ନିର୍ବାହ କାର୍ଯ୍ୟକ୍ରମର ଏକ ବିଶେଷ ଆକର୍ଷଣ ଥିଲା। ଏହି ଅବସରରେ ହିନ୍ଦୀ ଭାଷାର ସଂରକ୍ଷଣ, ସମ୍ବର୍ଦ୍ଧନ ଓ ବ୍ୟାପକ ପ୍ରଚାର-ପ୍ରସାରର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ଦେବତା ଛାତ୍ରଛାତ୍ରୀମାନଙ୍କୁ ହିନ୍ଦୀ ଭାଷା ପ୍ରତି ଗର୍ବ ଓ ସମ୍ମାନର ଭାବନା ବଜାୟ ରଖିବା ସହ ଦୈନନ୍ଦିନ ଜୀବନରେ ହିନ୍ଦୀର ଅଧିକରୁ ଅଧିକ ପ୍ରୟୋଗ କରିବାକୁ ପ୍ରେରିତ କରିଥିଲେ। ଭାଷା କେବଳ ଯୋଗାଯୋଗର ମାଧ୍ୟମ ନୁହେଁ, ବରଂ ଏହା ଆମ ସଂସ୍କୃତି, ପରମ୍ପରା ଓ ଜାତୀୟ ପରିଚୟର ପ୍ରତିଫଳନ ସେ ଭାବବ୍ୟକ୍ତ କରିଥିଲେ। ହିନ୍ଦୀ ପକ୍ଷର ସଫଳ ଆୟୋଜନରେ ହିନ୍ଦୀ ବିଭାଗର ଶିକ୍ଷୟିତ୍ରୀ ନମିତା ପାଣ୍ଡେ, ହେମଲତା ଜୟସ୍ୱାଲ, ଗୌତମୀ ଶର୍ମା, ଜୟନ୍ତୀ ପଟେଲ ଓ ଲିଲି ଲେଙ୍କାଙ୍କ ନିଷ୍ଠାପୂର୍ଣ୍ଣ ଅବଦାନ ରହିଥିଲା। ସେମାନଙ୍କ ମାର୍ଗଦର୍ଶନରେ ଛାତ୍ରଛାତ୍ରୀମାନେ ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟ ଓ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ କରିଥିଲେ।

# ଆନ୍ତଃ ଜିଲ୍ଲା ବାଇକ ଚୋର ଗ୍ୟାଙ୍ଗ ଧରାପଡିଲା : ୧୮ ବାଇକ ଜବତ, ୨ ଗିରଫ

ଗଞ୍ଜାମ,୧୬/୦୯ (ନି.ପ୍ର): ବ୍ରହ୍ମପୁର ବଡ଼ବଜାର ଥାନା ପୋଲିସ ଆନ୍ତଃ ଜିଲ୍ଲା ବାଇକ ଚୋର ଗ୍ୟାଙ୍ଗର ପର୍ଦ୍ଦାଫାସ କରି ୧୮ଟି ଚୋରି ବାଇକ ଜବତ କରିଛି । ୨ ଜଣଙ୍କୁ ଗିରଫ ଓ ୨ ନାବାଳକଙ୍କୁ ଜୁଭେନାଇଲ ଜଷ୍ଟିସ ବୋର୍ଡ(ଜେ.ଜେ.ବି.)ରେ ହାଜର କରାଯାଇଛି। ୧୨.୦୯.୨୦୨୬ ରେ ମେଣ୍ଟୁ ଛକ, ପୁରୁଣା ବ୍ରହ୍ମପୁରର ୫୭ ବର୍ଷୀୟ ଅଭିଯୋଗକାରୀଙ୍କ ହିରୋ ଏଚଏଫ ଡିଲକ୍ସ ବାଇକ ଧୋବା ବନ୍ଧ ହୁଡା ପାର୍କରୁ ୦୭.୦୯.୨୦୨୬ ଭୋରରେ ଚୋରି ହୋଇଥିଲା। ଏନେଇ ବଡ଼ବଜାର ଥାନା କେସ ନଂ ୬୮୨/୨୦୨୬, ଧାରା ୩୩୧(୪)/୩୦୫(ଏ)/ ୬୧(୨)/୧୧୧(୨)(ଏ)/ ୧୧୧(୪)/୧୧୧(୬) ବିଏନଏସରେ ମାମଲା ରୁଜୁ ହୋଇଥିଲା। ଘଟଣାସ୍ଥଳ ଯାଂଚ୍, ସିସିଟିଭି ଓ ଗୁଇନ୍ଦା ସୂଚନା ଆଧାରରେ ସଂଗଠିତ ଗ୍ୟାଙ୍ଗର ପର୍ଦ୍ଦାଫାସ ହୋଇଛି। ଗିରଫ ଅଭିଯୁକ୍ତହେଲେ ଶଙ୍କର ଦାସ (୨୬), ପିତା ରମେଶ ଦାସ, ବାଇଗଂଣବାଡି, ସଦର ଥାନା- ରାହୁଲ ସାହୁ, (୧୯), ପିତା ବିପ୍ର ସାହୁ, ବାଇଗଂଣବାଡି କ୍ଷମୋଟ ୧୮ଟି ଚୋରି ବାଇକ ଓ ଅପରାଧରେ ବ୍ୟବହୃତ ୨ଟି ଗାଡି ଜବତ ହୋଇଛି।ରାହୁଲ ନିକଟରୁ ଏକ ହିରୋ ଏଚଏଫ ଡିଲକ୍ସ ମୋଟର ସାଇକେଲ, ୨ଟି ହିରୋ ଗ୍ଲାମର ଓ ହୋଣ୍ଡା ଆକ୍ଟିଭା ୩ଜି ଶଙ୍କର ନିକଟରୁ: ହିରୋ ଏଚଏଫ ଡିଲକ୍ସ, ୨ଟି ଟିଭିଏସ ଏକ୍ସେଲ ୧୦୦ ଓ ୟାମାହା ଏମଟି ଡବ୍ଲୁବି ଜବତ ହୋଇଛି କ୍ଷପ୍ରଥମ ନାବାଳକ ନିକଟରୁ: ହିରୋ ଏଚଏଫ ଡିଲକ୍ସ, ଟିଭିଏସ ଏକ୍ସେଲ ସୁପର, ହୋଣ୍ଡା ସାଇନ ଏସପି, ହିରୋ ପାସନ ପ୍ଲସ ଓ ହୋଣ୍ଡା ସାଇନଦ୍ୱିତୀୟ ନାବାଳକ ନିକଟରୁ: ଟିଭିଏସ ଷ୍ଟାର, ବଜାଜ ଏନଏସ ୧୨୫, ବଜାଜ ସିଟି ୧୦୦, ବଜାଜ ପ୍ଲାଟିନା ଓ ହୋଣ୍ଡା ଆକ୍ଟିଭା-ଆଇଅପରାଧରେ ବ୍ୟବହୃତ: ହିରୋ ଗ୍ଲାମର ଓ ଭେସପା ଭିଏକ୍ସଏଲ ସ୍କୁଟର ଜବତ ହୋଇଛି କ୍ଷଦୁଇ ପ୍ରାପ୍ତ ବୟସ୍କଙ୍କୁ କୋର୍ଟ ଚାଲାଣ ଓ ଦୁଇ ନାବାଳକଙ୍କୁ ପିତାମାତାଙ୍କ ଉପସ୍ଥିତିରେ କାଉନସେଲିଂ ପରେ ଜୁଭେନାଇଲ ଜଷ୍ଟିସ ବୋର୍ଡରେ ହାଜର କରାଯାଇଛି। ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ତଦନ୍ତ ଜାରି ରହିଛି।

# କୋରାପୁଟର ମାଟିରୁ ବିଶ୍ୱ ମଂଚକୁ ମାଳିପୁଟ ମେଲୋଡି : ବୈପାରୀଗୁଡାର ଦୁର୍ଗମ ଅଞ୍ଚଳର ପୁଅ ସନାଙ୍କ ଅଭିନୟକୁ ନେଇ ଚର୍ଚ୍ଚା

ଜୟପୁର,୧୬/୦୯ (ନି.ପ୍ର): କୋରାପୁଟର ମାଟି, ପାହାଡ଼, ଜଙ୍ଗଲ ଓ ଗ୍ରାମୀଣ ଜୀବନକୁ ନେଇ ନିର୍ମିତ ଓଡ଼ିଆ ଚଳଚ୍ଚିତ୍ର 'ମାଳିପୁଟ ମେଲୋଡି' ଏବେ ଚର୍ଚ୍ଚାର ଶୀର୍ଷରେ। ବିଶ୍ୱର ବିଭିନ୍ନ ଚଳଚ୍ଚିତ୍ର ମଂଚରେ ପ୍ରଦର୍ଶିତ ହୋଇ ପ୍ରଶଂସା ସାଉଁଟିବା ପରେ ଆସନ୍ତା ୧୮ ସେପଟ୍ମେରରୁ ଓଡ଼ିଶାର ବିଭିନ୍ନ ପ୍ରେକ୍ଷାଳୟରେ ଏହା ମୁକ୍ତିଲାଭ କରିବ। ଚଳଚ୍ଚିତ୍ରର କାହାଣୀ ସହ ଏଥିରେ ଅଭିନୟ କରିଥିବା ବୈପାରୀଗୁଡା ବ୍ଲକର ଦୁର୍ଗମ ଅଂଚଳର ପୁଅ ସନା ଖେମୁଣ୍ଡୁଙ୍କୁ ନେଇ ମଧ୍ୟ ଅଂଚଳରେ ଉତ୍ସାହ ଦେଖାଦେଇଛି। କିଛି ବର୍ଷ ପୂର୍ବେ ମାଲକାନଗିରି ଜିଲ୍ଲାର ସ୍ୱାଭିମାନ ଅଂଚଳରେ ଜଣେ ଡାକ୍ତର ମ୍ୟାଲେରିଆ ନିରାକରଣ ପାଇଁ କରିଥିବା ସଂଘର୍ଷର ବାସ୍ତବ କାହାଣୀକୁ ନେଇ ନିର୍ମିତ 'ଦମନ' ଚଳଚ୍ଚିତ୍ର ଓଡ଼ିଶା ସମେତ ସାରା ଦେଶରେ ଦର୍ଶକଙ୍କ ମନ ଜିଣିଥିଲା। ଏବେ ଦକ୍ଷିଣ ଓଡ଼ିଶାର ଗାଁ ଜୀବନ, ଲୋକଙ୍କ ସଂଘର୍ଷ ଓ ସ୍ୱପ୍ନକୁ ନେଇ 'ମାଳିପୁଟ ମେଲୋଡି' ଏକ ଭିନ୍ନ ଧରଣର କାହାଣୀ ନେଇ ପରଦାକୁ ଆସୁଛି। ଚଳଚ୍ଚିତ୍ରର କାହାଣୀରେ ଗ୍ରାମୀଣ ଜୀବନର ବାସ୍ତବତା, ପରିବାର, ବନ୍ଧୁତ୍ୱ, ଆଶା, ନିରାଶା, ପରମ୍ପରା ଓ ଜୀବନ ସଂଘର୍ଷକୁ ସ୍ଥାନ ଦିଆଯାଇଛି। କାହାଣୀକୁ ଅଧିକ ବାସ୍ତବ ଓ ଜୀବନ୍ତ କରିବା ପାଇଁ ସ୍ଥାନୀୟ ଅଂଚଳର ଲୋକଙ୍କୁ ମଧ୍ୟ ଅଭିନୟରେ ସାମିଲ କରାଯାଇଛି। ଏହି କ୍ରମରେ ବୈପାରୀଗୁଡା ବ୍ଲକର ଦୁର୍ଗମ ଅଂଚଳର ସନା ଖେମୁଣ୍ଡୁଙ୍କୁ ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ଅଭିନୟର ସୁଯୋଗ ମିଳିଛି। ଦୁଃଖକଷ୍ଟ ମଧ୍ୟରେ ପାଠପଢ଼ା ଜାରି ରଖୁଥିବା ସନାଙ୍କୁ ଚଳଚ୍ଚିତ୍ରରେ ପରିବାରର ଛୋଟ ପୁଅ ଭୂମିକାରେ ଦେଖିବାକୁ ମିଳିବ। ତାଙ୍କ ନିଜ ଜୀବନର ସଂଘର୍ଷ ସହ ଚରିତ୍ରର ସାମଞ୍ଜସ୍ୟ ଥିବାରୁ ଅଭିନୟଟି ଅଧିକ ସ୍ୱାଭାବିକ ହୋଇପାରିଛି। ସନାଙ୍କୁ ଏହି ଅଭିନୟର ସୁଯୋଗ ଦେଇଥିବା ଶିକ୍ଷକ ନିଶାନ ପଟ୍ଟନାୟକ ତାଙ୍କ ପ୍ରତିଭା ଓ ଜୀବନ ସଂଘର୍ଷକୁ ଚିହ୍ନଟ କରିଥିଲେ। ଚଳଚ୍ଚିତ୍ରର କାହାଣୀ ମାଧ୍ୟମରେ ଦୁର୍ଗମ ଅଂଚଳର ଜଣେ ସାଧାରଣ ଛାତ୍ରଙ୍କ ସ୍ୱପ୍ନ ଓ ସଂଘର୍ଷକୁ ବଡ଼ ପରଦାରେ ଉପସ୍ଥାପନ କରାଯାଇଛି। ବର୍ତମାନ ସନା କୋରାପୁଟ ସରକାରୀ ମହାବିଦ୍ୟାଳୟରେ +୩ ପଢୁଛନ୍ତି। ଏକ ଦୁର୍ଗମ ଗାଁରୁ ଆସି ଚଳଚ୍ଚିତ୍ରରେ ମୁଖ୍ୟ ଭୂମିକାରେ ଅଭିନୟ କରିବା ଏବଂ ଚଳଚ୍ଚିତ୍ରଟି ଜାତୀୟ ଓ ଅନ୍ତର୍ଜାତୀୟ ମଂଚରେ ପ୍ରଶଂସା ପାଇବା ସନାଙ୍କ ପାଇଁ ଏକ ବଡ଼ ସଫଳତା। ଏଥିପାଇଁ ସନା ବୈପାରୀଗୁଡା ବ୍ଲକ ତଥା କୋରାପୁଟ ଜିଲ୍ଲା ପାଇଁ ଗର୍ବ ଆଣିଛନ୍ତି ବୋଲି ଅଂଚଳବାସୀ ମତ ପ୍ରକାଶ କରିଛନ୍ତି। 'ମାଳିପୁଟ ମେଲୋଡି' ୫୬ତମ ଆଇଏଫଏଫଆଇ ଗୋଆର ଭାରତୀୟ ପାନରମା ରେ ଏକମାତ୍ର ଓଡ଼ିଆ ଫିଚର ଫିଲ୍ମ ଭାବେ ଚୟନ ହେବା ସହ ଦେଶ ଓ ବିଦେଶର ବିଭିନ୍ନ ଫିଲ୍ମ ଫେଷ୍ଟିଭାଲରେ ପ୍ରଦର୍ଶିତ ହୋଇଛି। ଲସ୍ ଆଞ୍ଜେଲସ୍ ର ଅନ୍ତର୍ଜାତୀୟ ଚଳଚିତ୍ର ପ୍ରଦର୍ଶନି ଉତ୍ସବରେ ଶ୍ରେଷ୍ଠ ଚଳଚିତ୍ର ଭାବର ବ୍ରୋଞ୍ଜ ପୁରସ୍କାର ହାସଲ କରିଥିବା ଏହି ଚଳଚ୍ଚିତ୍ର ଏବେ ଓଡ଼ିଆ ଦର୍ଶକଙ୍କ ନିକଟକୁ ଆସୁଛି। କୋରାପୁଟର ମାଟିରୁ ବିଶ୍ୱ ମଂଚ ପର୍ଯ୍ୟନ୍ତ 'ମାଳିପୁଟ ମେଲୋଡି'ର ଯାତ୍ରା ଏବଂ ଏଥିରେ ବୈପାରୀଗୁଡାର ପୁଅ ସନାଙ୍କ ଅଭିନୟ ଏବେ ସ୍ଥାନୀୟ ଅଂଚଳରେ ଗର୍ବ ଓ ଉତ୍ସାହର ବିଷୟ ପାଲଟିଛି। ସନାଙ୍କ ଏହି ସଫଳତା ପାଇଁ କୋରାପୁଟ ବିଧାୟକ ରଘୁରାମ ମାଛ ସ୍ଥାନୀୟ ଜିଲ୍ଲା ପରିଷଦ ରାଜେଶ୍ୱର ମହୁରିଆ ଶୁଭେଚ୍ଛା ଜଣାଇବା ସହ ବୈପାରୀଗୁଡା ପାଇଁ ଏହା ଗର୍ବ ବୋଲି କହିଛନ୍ତି ।

# ଭୁବନେଶ୍ୱର ମହାନଗର ନିଗମ ୫୫ ନମ୍ବର ୱାର୍ଡରେ ଓଜେସିର ସାଂଗଠନିକ ବୈଠକ

ଭୁବନେଶ୍ୱର,୧୬/୦୯ (ନି.ପ୍ର): ଆଗାମୀ ପୌର ନିର୍ବାଚନକୁ ଓଡ଼ିଶା ଜନତା କଂଗ୍ରେସ ଗୁରୁତର ସହ ନେଉଥିବା ଓଜେସି ସଭାପତି ଇଂ ମହମ୍ମଦ ମୋକିମ୍ ପୂର୍ବରୁ ସ୍ପଷ୍ଟ କରିସାରିଛନ୍ତି । ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ସାଂଗଠନିକ ଶକ୍ତିବୃଦ୍ଧି ନିମନ୍ତେ ଓଜେସି ପକ୍ଷରୁ ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । ବିଏମସିର ବିଭିନ୍ନ ୱାର୍ଡରେ ସାଂଗଠନିକ ବୈଠକ ଆୟୋଜନ କରାଯାଇ ଏଥିରେ ନିଜେ ମହମ୍ମଦ ମୋକିମ୍ ଉପସ୍ଥିତ ମଧ୍ୟ ରହୁଛନ୍ତି। ଏହି କ୍ରମରେ ଓଡ଼ିଶା ଜନତା କଂଗ୍ରେସ ପକ୍ଷରୁ ଭୁବନେଶ୍ୱର ମହାନଗର ନିଗମ ୫୫ ନମ୍ବର ୱାର୍ଡରେ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଅଛି । ଦଳର ଯୁବନେତା ଆଦିତ୍ୟ ମିଶ୍ରଙ୍କ ସଂଯୋଜନାରେ ସ୍ଥାନୀୟ ନାଗେଶ୍ୱର ଟାଙ୍ଗୀ ଅଂଚଳରେ ଏକ ବୈଠକରେ ମୁଖ୍ୟ ଅତିଥି ଭାବେ ଓଜେସି ସଭାପତି ଇଂ ମହମ୍ମଦ ମୋକିମ୍ ଯୋଗ ଦେଇଥିଲେ । ସେ ସ୍ଥାନୀୟ କର୍ମକର୍ତ୍ତା ମାନଙ୍କ ସହିତ ୱାର୍ଡର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ । ଲୋକମାନେ ପିଇବା ପାଣି ଭଳି ମୌଳିକ ସୁବିଧାରୁ ମଧ୍ୟ ବଂଚିତ ବୋଲି ସେ ନିଜ ବକ୍ତବ୍ୟରେ କହିଥିଲେ । ରାସ୍ତାଘାଟ ଠାରୁ ଆରମ୍ଭ କରି ନାଳନର୍ଦ୍ଦମା ଓ ବର୍ଜ୍ୟବସ୍ତୁ ପରିଚାଳନାରେ ବିଏମସି କର୍ତ୍ତୃପକ୍ଷ ଓ ସ୍ଥାନୀୟ ନେତୃତ୍ୱ ବିଫଳ ହୋଇଥିବା ସେ କହିଥିଲେ । ଓଜେସି ସାଧାରଣ ଲୋକଙ୍କ ଦଳ ଭାବେ ଭୁବନେଶ୍ୱରବାସୀଙ୍କ ସହ ଯୋଡ଼ି ହୋଇ ସେମାନଙ୍କ ସ୍ୱର ହେବ ବୋଲି ସେ ଅଭିଭାଷଣ ରଖିଥିଲେ ।

# ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବନ୍ଦ ପାଇଁ ପୁରୀ ବେଳାଭୂମିରେ ସଚେତନତା ଅଭିଯାନ

ପୁରୀ,୧୬/୦୯ (ନି.ପ୍ର): ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବ୍ୟବହାର ବନ୍ଦ ଏବଂ ପରିବେଶ ସୁରକ୍ଷା ନେଇ ମଙ୍ଗଳବାର ପୁରୀ ବେଳାଭୂମିରେ ଏକ ସଚେତନତା ଅଭିଯାନ ଆୟୋଜିତ ହୋଇଛି। ମିଶନ ଲାଇଫ୍ (ଖସରର) ଅଧୀନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପର୍ଯ୍ୟଟକ, ଛାତ୍ରଛାତ୍ରୀ ଏବଂ ସାଧାରଣ ଲୋକଙ୍କୁ ଏକଥର ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍‌ର କୁପ୍ରଭାବ ସମ୍ପର୍କରେ ସଚେତନ କରାଯାଇଥିଲା। ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧୀନ ସେଂଟର ଫ ଏନଭାଇରନମେଂଟ ଷ୍ଟଡିଜ୍-ଇଆଇଏସିପି ହବ୍, ନୂଆଦିଲ୍ଲୀସ୍ଥିତ ଡବ୍ଲ୍ୟୁଡବ୍ଲ୍ୟୁଏଫ୍ ଇଆଇଏସ୍‌ପି ପିସି-ଆଁପି ଏବଂ ଭାରତ ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ମିଳିତ ଆନୁକୂଲ୍ୟରେ ଏହି ଅଭିଯାନ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମର ଅଂଶସ୍ୱରୂପ ପୁରୀ ବେଳାଭୂମିରେ ଏକ ସଚେତନତା ରଥ ପରିକ୍ରମା କରାଯାଇଥିଲା। ଏଥିସହ ପ୍ଲାଷ୍ଟିକ୍ ବ୍ୟାଗ୍ ବଦଳରେ କପଡ଼ା ବ୍ୟାଗ୍ ବ୍ୟବହାର କରିବାକୁ ପର୍ଯ୍ୟଟକ ଓ ସାଧାରଣ ଲୋକଙ୍କୁ ଆହ୍ୱାନ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ପରିବେଶ ସମ୍ପର୍କିତ ପ୍ରଶ୍ନୋତ୍ତର, ଚିତ୍ରାଙ୍କନ ସମେତ ବିଭିନ୍ନ ପ୍ରତିଯୋଗିତା ମଧ୍ୟ ଆୟୋଜିତ ହୋଇଥିଲା। ସିଙ୍ଗଲ୍ ୟୁଜ୍ ପ୍ଲାଷ୍ଟିକ୍ ବର୍ଜନ, ବିକଳ୍ପ ବ୍ୟାଗ୍ ବ୍ୟବହାର, ପରିବେଶ ସୁରକ୍ଷା ଏବଂ ସ୍ୱଚ୍ଛତା ସମ୍ପର୍କରେ ଲୋକଙ୍କୁ ସଚେତନ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

# ଅସ୍ୱାସ୍ଥ୍ୟକର ପରିବେଶରେ ପ୍ରସ୍ତୁତି ସହ ବିକ୍ରିଚାଲିଛି ଗୁପଚୁପ: ପ୍ରଶାସନର ଚଢାଉ ଦାବି

ଜୟପୁର,୧୬/୦୯ (ନି.ପ୍ର): କୋରାପୁଟ ଜିଲାରେ ଅସ୍ୱାସ୍ଥ୍ୟ କର ପରିବେଶରେ ପ୍ରସ୍ତୁତ ଓ ବିକ୍ରିଚାଲିଛି ଗୁପଚୁପ୍ । କୋରାପୁଟ ଜିଲାର ଜୟପୁର ସହର, କୋରାପୁଟ, ସେମିଳିଗୁଡା, ବୋରିଗୁମ୍ମା, କୋଟପଡ ରେ ଚାଲିଛି ଜୋର ସୋରରେ ଗୁପ ଚୁପ ବେପାର । ଛୋଟ ଠାରୁ ବଡ ଯାଏ ଗୁପଚୁପ ନାଁ ଶୁଣିବା ମାତ୍ରେ ପାଟିରୁ ଲାଳ ବୋହିଯାଇଥାଏ । ସେ ପୁଅ ହେଉ କି ଝିଅ, ଯୁବକ ହେଉକି ଯୁବତୀ, ପୁରୁଷ ହେଉକି ମହିଳା ପ୍ରାୟ ସମସ୍ତଙ୍କ ଗୁପଚୁପ ପ୍ରତି ଦୁର୍ବଳତା ଥାଏ । ଯେଉଁଥି ପାଇଁ କୋରାପୁଟ ଜିଲା ଜୟପୁର ସହର ତଥା ଏହାର ଆଖପାଖ ଅଂଚଳର ମୁଖ୍ୟରାସ୍ତା କଡର ରାଜ୍ୟ ବାହାରର ବହୁ ବ୍ୟବସାୟୀ ଠେଲାଗାଡିରେ ଗୁପଚୁପ ବିକ୍ରୀ କରୁଥିବା ଦେଖିବାକୁ ମିଳୁଛି । କେବଳ ଏତିକି ନୁହେଁ ଗୁପଚୁପର ଚାହିଦାକୁ ଦୃଷ୍ଟିରେ ରଖି ବିଗତ କିଛି ବର୍ଷ ହେଲା ବିବାହ, ବ୍ରତ ସମେତ ଅନ୍ୟ କେତେକ ମାଙ୍ଗଳିକ କାର୍ଯ୍ୟକ୍ରମରେ ଓ ଭୋଜିଭାତରେ ବି ଗୁପଚୁପର ପସରା ପଡୁଥିବା ଦେଖିବାକୁ ମିଳୁଛି । କିନ୍ତୁ ଦୁଃଖର କଥା ଏହି ଗୁପଚୁପ ବିକ୍ରୀ ସ୍ଥାନକୁ ଥରେଗଲେ ତାକୁ ଖାଇବାକୁ ଆଉ ମନ ବଳାଇବେ ନାହିଁ ବୋଲି ସଚେତନ ନାଗରିକ ମହଲରେ ଆଲୋଚିତ ହେଉଛି । ଜୟପୁର ସହରର କେତେକ ମୁଖ୍ୟରାସ୍ତା ପାର୍ଶ୍ୱରେ ରାଜ୍ୟ ବାହାରର ବହୁ ଗୁପଚୁପ ବ୍ୟବସାୟୀ ସ୍ୱଚ୍ଛତା ଭୁଲି ଯାଇ ଅସ୍ୱାସ୍ଥ୍ୟକର ପରି ବେଶ ମଧ୍ୟରେ ଗୁପଚୁପ ବିକ୍ରୀ କରୁଥିଲେ ମଧ୍ୟ ଯାଂଚ କରିବା ଦିଗରେ ପ୍ରଶାସନର ପଦକ୍ଷେପ ନେଉଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ଓ ପ୍ରତିକ୍ରିୟା ପ୍ରକାଶ ପାଉଥିବା ଦେଖିବାକୁ ମିଳୁଛି । ରାସ୍ତାକଡରେ ଠେଲାରେ ବିକ୍ରୀ ହେଉଥିବା ପାଟି ସୁଆଦିଆ ଗୁପଚୁପ ଖାଇ ବହୁ ବ୍ୟକ୍ତି ନାନା ପ୍ରକାର ପେଟରୋଗରେ ଆକ୍ରାନ୍ତ ହେଉଥିବା ମଧ୍ୟ ଅଭିଯୋଗ ହେଉଛି । ପାଟିକୁ ସୁଆଦ ଲାଗୁଥିବା ଗୁପଚୁପର ଆଳୁଚକଟା ଓ ଖଟା ପାଣିକୁ ବାହାର ରାଜ୍ୟର କେତେକ ବ୍ୟବସାୟୀ କେଉଁ ପରିବେଶରେ ତିଆରି କରୁଛନ୍ତି ତାହା ଯାଂଚ କରିବା ଦିଗରେ କାହାର ନଜର ପଡୁନଥିବା ଅଭିଯୋଗ ହେଉଛି । ଏହା ସତ୍ତ୍ୱେ ପାଟିକୁ ସୁଆଦ ଲାଗିବା ଓ ଜିହ୍ୱାଲାଳସାରେ ବହୁ ବ୍ୟକ୍ତି ଗୁପଚୁପ ପ୍ରତି ମୋହ ତୁଟାଇ ନପାରି ଶରୀର ପ୍ରତି କ୍ଷତିକାରକ ଥିଲେ ମଧ୍ୟ ତାହା ଖାଉଥିଲା ବେଳେ ଅସାଧୁ ଗୁପଚୁପ ବିକାଳୀ ମାଲାମାଲ ହେଉଥିବା ଚର୍ଚ୍ଚା ହେଉଛି । ଗୁପଚୁପ ଖାଇବା ପାଇଁ ବିଭିନ୍ନ ସ୍କୁଲ କଲେଜ ଠାରୁ ଆରମ୍ଭକରି ରାସ୍ତାକଡରେ ଗ୍ରାହକଙ୍କ ଭିଡ ଜମୁଛି । ଦୈନିକ ପ୍ରାୟ ୫୦ ହଜାରରୁ ଉର୍ଦ୍ଧ୍ୱ ଟଙ୍କାର ଗୁପଚୁପ ବ୍ୟବସାୟ ଜୟପୁର ଅଂଚଳରେ ହେଉଥିବା ଆକଳନ କରାଯାଉଛି।

# ବିଚିତ୍ରା

ଧ୍ୱନି ପ୍ରତିଧ୍ୱନି

୩ ♣ ବାଲେଶ୍ୱର ♣ ୧୭ ସେପ୍ଟେମ୍ବର ୨୦୨୬ ଗୁରୁବାର


**ଧାରାବାହିକ:** ଭାଗ-୫୭

# ସଂକ୍ଷିପ୍ତ ଭାଗବତ କଥାମୃତ

## ଏକାଦଶ ସ୍କନ୍ଧ





**ଡ. ଶ୍ରୀହରି ପଣ୍ଡା**

ଏହି ତ୍ରିବିକାର କେବଳ ମଧ୍ୟ କାଳରେ ପ୍ରକାଶ ପାଏ, ସୃଷ୍ଟିର ଆରମ୍ଭ କି ଅନ୍ତରେ ନଥାଏ । ତେଣୁ ଏହାର ପରମାର୍ଥିକ ସତ୍ତା ନଥାଏ କାରଣ ଏହାର ଜନ୍ମ ମରଣରେ ଆତ୍ମାର କିଛି ଯାଏ ଆସେନା । ରଜ୍ଜୁରେ ସର୍ପର ଭୟ ଭ୍ରମ ସୃଷ୍ଟି ହୁଏ ମାତ୍ର ବାସ୍ତବରେ ଭ୍ରମ କଟିଗଲେ ରଜ୍ଜୁ ନିଜସ୍ଥାନରେ ରହିବା ଭଳି ଅବିଦ୍ୟା କାରଣରୁ ଏହି ତିନି ବିକାର ଆତ୍ମା ସହିତ ଜଡିତ ମନେ ହେଲେ ମଧ୍ୟ ଆତ୍ମା ଜନ୍ମାଦି ରହିତ ନିର୍ବିକାର ବ୍ରହ୍ମ । ଉଦ୍ଧବ ପଚାରିଲେ, ବାସ୍ତବରେ ଭକ୍ତ ଲକ୍ଷଣ ଓ ମୁନିଜନ ବାଞ୍ଛିତ ବିଶୁଦ୍ଧ ଜ୍ଞାନ ଲାଭର ଉପାୟ କଣ? ତାହା ମୋତେ ବୁଝାଇ କୁହନ୍ତୁ । ତ୍ରିତାପଦଗ୍ଧ ମନୁଷ୍ୟର ତୁମ ଚରଣ ଯୁଗଳ ରୂପୀ ଛତ୍ର ବିନା ଅନ୍ୟ ଆଶ୍ରୟ ନାହିଁ । ମୁଁ ମୁଢ ପଥଭ୍ରଷ୍ଟ ହୋଇ ସଂସାର ରୂପୀ ଅନ୍ଧକୂପରେ ପଡି କାଳସର୍ପ ଦ୍ୱାରା ଅବିରତ ଦଂଶିତ ହୋଇ ବଡ କଷ୍ଟ ପାଉଛି । ଦୟାକରି ମୋତେ ଏଥିରୁ ଉଦ୍ଧାର କରନ୍ତୁ । ଭଗବାନ କହିଲେ, ଉଦ୍ଧବ, କୁରୁକ୍ଷେତ୍ର ଯୁଦ୍ଧପରେ ବନ୍ଧୁବାନ୍ଧବ, ଆତ୍ମୀୟ, ସ୍ୱଜନଙ୍କ ମୃତ୍ୟୁରେ କାତର ଯୁଧିଷ୍ଠିରଙ୍କ ପ୍ରଶ୍ନରେ ପରମ ଜ୍ଞାନୀ ଭୀଷ୍ମଦେବ ତାଙ୍କୁ ଜ୍ଞାନ-ବୈରାଗ୍ୟ-ଶ୍ରଦ୍ଧା-ଭକ୍ତ-ସଂଯୁକ୍ତ ମୋକ୍ଷ ଧର୍ମର ଉପଦେଶ ପ୍ରଦାନ କରିଥିଲେ । ତାହା ମୁଁ ତୁମ ନିକଟରେ ପ୍ରକାଶ କରୁଛି । ପଞ୍ଚ କର୍ମେନ୍ଦ୍ରିୟ, ପଞ୍ଚ ଜ୍ଞାନେନ୍ଦ୍ରିୟ, ମନ, ପଞ୍ଚମହାଭୂତ ଏବଂ ତ୍ରିଗୁଣ ମିଶି ସତର ଗୋଟି । ପ୍ରକୃତି, ପୁରୁଷ, ମହତ୍ତତ୍ୱ, ଅହଂକାର, ଶବ୍ଦ, ସ୍ପର୍ଶ ରୂପ ରସ ଓ ଗନ୍ଧ ଆଦି ସର୍ବମୋଟ ଅଠେଇଶ ତତ୍ତ୍ୱ ଦ୍ୱାରା ବିଶ୍ୱର ସୃଷ୍ଟି ସକଳ ପ୍ରାଣୀର ମଧ୍ୟେ ଏହା ଦୃଶ୍ୟମାନ ହୁଏ । ଏକ ଓ ଅଦ୍ୱିତୀୟ ପରମାତ୍ମାଙ୍କୁ ଏହି ସକଳର ସ୍ରଷ୍ଟା ରୂପେ ତନ୍ମଧ୍ୟରେ ସ୍ଥିତ ବୋଲି ଉପଲବ୍ଧି କରିପାରିଲେ ତାହାକୁ ଜ୍ଞାନ କୁହାଯାଏ । ଏହି ବିଶ୍ୱ ବ୍ରହ୍ମାଣ୍ଡ ଏକ ବୁଢିଆଣୀ ଜାଲ ସଦୃଶ । ବୁଢିଆଣୀ ମୁଖରୁ ତନ୍ତୁ ବାହାରି ଜାଲ ବୁଣି ମଧ୍ୟସ୍ଥଳରେ ରହେ ମାତ୍ର ନିମିଷକରେ ଜାଲର ଯେ କୌଣସି ସ୍ଥାନରେ ପହଞ୍ଚିଯାଏ । ବିଶ୍ୱ ସ୍ରଷ୍ଟା ପରମାତ୍ମା ବ୍ରହ୍ମଠାରୁ ସ୍ତମ୍ଭ ପର୍ଯ୍ୟନ୍ତ ସର୍ବତ୍ର ଅଧିଷ୍ଠାନ କରିଛନ୍ତି । ସେ କେବଳ ଜ୍ଞାନ ଚକ୍ଷୁରେ ଦୃଶ୍ୟ ହୁଅନ୍ତି । ସେ ଜ୍ଞାନ କେବଳ ଆତ୍ମସମର୍ପଣ ଓ ଦୃଢ ଭକ୍ତିରୁ ମିଳିଥାଏ ତର୍କ ବା ଅଧ୍ୟୟନରୁ ନୁହେଁ । କାର୍ଯ୍ୟ-କାରଣ ମଧ୍ୟରେ ଏକତ୍ୱ ଦୃଷ୍ଟ ହେଉଥିଲେ ମଧ୍ୟ ବହୁର ମଧ୍ୟରେ ଏକ ଓ ଏକର ମଧ୍ୟରେ ବହୁ ଦର୍ଶନ ହିଁ ଜ୍ଞାନ । ବହୁର ଉତ୍ପତ୍ତି, ସ୍ଥିତି, ଲୟ ପୂର୍ବେ ଏବଂ ପରେ ମଧ୍ୟ ଏହି ଏକ ପରମାର୍ଥ ପରଂବ୍ରହ୍ମ ସତ୍ୟ ଓ ଅତୁଟ ଭାବେ ନିତ୍ୟ ଅବସ୍ଥାନ କରିଥାନ୍ତି । ତାଙ୍କୁ ହିଁ କୁହାଯାଏ ସତ୍ୟ ଓ ଜ୍ଞାନତତ୍ତ୍ୱ । ତାଙ୍କ ବିନା ଅନ୍ୟ ସବୁ ମିଥ୍ୟା । ବେଦବାକ୍ୟ, ପ୍ରତ୍ୟକ୍ଷ ଅଭିଜ୍ଞତା, ମହାଜନ ପ୍ରସିଦ୍ଧି ଏବଂ ଅନୁମାନ ଏହି ଚାରି ପ୍ରକାର ପ୍ରମାଣ ଦ୍ୱାରା ଜଗତର ନଶ୍ୱରତା ସିଦ୍ଧି ହୁଏ । ବିଶେଷ ପୁରୁଷ ଏହା ଜାଣି ଦୃଶ୍ୟ ବିଷୟ ସମୁହରେ ବୈରାଗ୍ୟ ଭାବ ପୋଷଣ କରେ । ତେଣୁ ସ୍ୱର୍ଗପ୍ରାପ୍ତି ଆଦି କର୍ମ ସମୁହର ଫଳ ଲାଭକୁ ଅସ୍ଥାୟୀ ବୋଲି ମନେ କରି ବିବେକୀ ପୁରୁଷ ସେହି ଅଦୃଶ୍ୟ ଭୋଗ ଆଶାକୁ ମଧ୍ୟ ଐହିକ ସୁଖ ପରି ମନରୁ ତ୍ୟାଗ କରିବେ । ତୁମକୁ ଭକ୍ତି ଯୋଗର ବିଷୟ ପୂର୍ବରୁ କହିଥିଲେ ମଧ୍ୟ ତୁମ ଅନୁରାଗ କାରଣରୁ ଏବେ ଭକ୍ତି ମୁକ୍ତିର କାରଣ ଓ ଶ୍ରେଷ୍ଠ ଉପାୟ ପୁନର୍ବାର କହୁଛି । ମୋର କଥାମୃତ ଶ୍ରବଣ, କୀର୍ତ୍ତନ, ଗାନ, ପୂଜାରେ ଅନୁରାଗ, ସ୍ତୁତିପାଠ, ମୋର ସେବାରେ ତତ୍ପରତା, ସାଷ୍ଟାଙ୍ଗ ପ୍ରଣାମ, ପୂଜା ଆରାଧନା, ମୋର ଭକ୍ତଗଣଙ୍କର ସେବା, ସମ୍ମାନ, ମୁଁ ସର୍ବଭୂତାଶ୍ରୟୀ ଜାଣି ସମସ୍ତ ପ୍ରାଣୀରେ ଦୟା, ମୋ ଉଦ୍ଦେଶ୍ୟରେ ସକଳ କାର୍ଯ୍ୟ ସମ୍ପାଦନ, ମୋର ମହିମା ବ୍ୟାଖ୍ୟାନ, ମୋଠାରେ ଚିତ୍ତ ସମର୍ପଣ ଫଳରେ ଆଶା ତ୍ୟାଗ ପୂର୍ବକ ମୋର ଚରଣରେ ଶରଣ, ମୋର ପ୍ରୀତ୍ୟର୍ଥେ ଯଜ୍ଞ, ତପ ଓ ଦାନ ବିତରଣ, ମୋ ଚରଣରେ ଦେହ ପ୍ରାଣ ଅର୍ପଣ ଇତ୍ୟାଦି ମୋ ପ୍ରତି ଭକ୍ତିଲାଭର ଉପାୟ । ଭକ୍ତିଲାଭରେ ସାଧକ ପୂର୍ଣ୍ଣକାମ ହୁଏ । ତାର ଚିତ୍ତ ଅନ୍ତର୍ମୁଖୀ ହୋଇ ମୋର ଚରଣରେ ନିବଦ୍ଧ ହୁଏ । ମୋ ଚରଣରେ ଦଣ୍ଡେ ମାତ୍ର ମନ ନିବେଶ କରିପାରିଲେ ଉଦ୍ଧବ ଜ୍ଞାନବୈରାଗ୍ୟ ଉଦୟ ହୁଏ ଫଳରେ ସକଳ ପ୍ରକାର କଲ୍ୟାଣ, ଧର୍ମ ଜ୍ଞାନ, ବୈରାଗ୍ୟ ସମନ୍ୱିତ ସର୍ବ ବିଭୂତି ପ୍ରାପ୍ତି ହୁଏ । ଅଣିମାଦି ଅଷ୍ଟନିଧି ତାହାର ନିକଟରେ ନିରବଧି ବାସ କରନ୍ତି । ବୈରାଗ୍ୟ ହେତୁ ଏହି ସିଦ୍ଧି ବା ବିଭୁତି ସମୁହ ତାହାର ପତନ ଘଟାଇ ପାରନ୍ତି ନାହିଁ । ଐଶ୍ୱର୍ଯ୍ୟ ତା ନିକଟରେ ହେୟ,ଅପାଙ୍‌କ୍ତେୟ ମନେହୁଏ । ଉଦ୍ଧବ କହିଲେ, ପ୍ରଭୁ ଦୟାକରି ମୋର କିଛି ସଂଶୟ ମୋଚନ କରନ୍ତୁ । ନାମ, ନିୟମ, ଶମ, ଦମ, ତିତିକ୍ଷା, ଧୃତି, ଦାନ, ତପଃ. ଶୌର୍ଯ୍ୟ, ସତ୍ୟ, ଋତ, ତ୍ୟାଗ, ଧନ, ଦକ୍ଷିଣା,ଯଜ୍ଞ, ପୁରୁଷର ବଳ ସ୍ୱରୂପ ଭାଗ୍ୟଲାଭ, ବିଦ୍ୟା, ଲଜ୍ଜ୍ୟା, ଶ୍ରୀସମ୍ପଦ, ଇତ୍ୟାଦିର ପ୍ରକାର ଭେଦ ଓ ସ୍ୱରୂପ ମୋତେ ଦୟାକରି ବୁଝାଇଦିଅ । ତୁମର ବ୍ୟାଖ୍ୟା ଓ ଲୋକ ପ୍ରଚଳିତ ଧାରଣା ମଧ୍ୟରେ ପାର୍ଥକ୍ୟ ଆସୁଛି । ହେ କେଶବ ! ପ୍ରକୃତ ସୁଖ-ଦୁଃଖ କ'ଣ? କିଏ ପଣ୍ଡିତ, କିଏ ମୂର୍ଖ? ସୁପଥ-କୁପଥ, ସ୍ୱର୍ଗ-ନର୍କ,ଧନୀ-ଦରିଦ୍ର କିଏ? ପ୍ରକୃତ ବନ୍ଧୁ କିଏ? ଗୃହ କହିଲେ କ'ଣ ବୁଝାଏ ଏବଂ କିଏ କୃପଣ ବା କରୁଣାର ପାତ୍ର? କିଏ ଈଶ୍ୱର ଯେ କି ଅନ୍ୟ ଉପରେ ଆଧିପତ୍ୟ କରିପାରେ? ଶ୍ରୀ ଭଗବାନ କହିଲେ, ଅହିଁସା, ସତ୍ୟ, ଅସ୍ତେୟ, ଅନାସକ୍ତି, ଅସତକର୍ମରେ ଲଜ୍ଜା,ଅପରିଗ୍ରହ, ଶାସ୍ତ୍ର, ବିଶ୍ୱାସ, ବ୍ରହ୍ମଚର୍ଯ୍ୟ, ମୌନ,ସ୍ଥୈର୍ଯ୍ୟ ଏବଂ ଭୟଶୂନ୍ୟତା ବା ଭୟ ବର୍ଜନ -ଏହି ବାରଗୋଟିର ନାମ ଯମ । ବାହ୍ୟ ଓ ଅନ୍ତର ଶୌଚ, ଜପ, ତପସ୍ୟା, ଦାନ, ହୋମ, ଶ୍ରଦ୍ଧା, ଆତିଥେୟତା, ଈଶ୍ୱରୋପସନା, ତୀର୍ଥ ଦର୍ଶନ, ପରୋପକାର, ସନ୍ତୋଷ ଏବ ଗୁରୁସେବା- ଏହି ବାରଗୋଟିର ନାମ ନିୟମ । ପ୍ରତ୍ୟେକ ବ୍ୟକ୍ତିର ଏହା ପାଳନୀୟ । ଏହା ଉଭୟ ପ୍ରବୃତ୍ତି ଓ ନିବୃତ୍ତି ମାର୍ଗ । ମୋକ୍ଷକାମୀ ବ୍ୟକ୍ତି ବିଶେଷ ଭାବରେ ଯମ ସମୁହର ଆଚରଣ କରିବେ ଓ ପ୍ରବୃତ୍ତି ମାର୍ଗୀ ସକାମ ବ୍ୟକ୍ତି ବିଶେଷ ନିୟମ ସମୁହର ଆଚରଣ କରିବେ । ବୁଦ୍ଧି ମୋଠାରେ ବା ଆତ୍ମାରେ ନିବଦ୍ଧ ରହିଲେ ଶମ କୁହାଯାଏ । ଇନ୍ଦ୍ରିୟ ସଂଯମର ନାମ ଦମ, ସର୍ବ ଦୁଃଖ ସହ୍ୟ କରି ଶାନ୍ତ ରହିବା ତିତିକ୍ଷା, ଜିହ୍ୱା ଓ ଜନନେନ୍ଦ୍ରିୟର ବେଗ ଧାରଣକୁ ଧୃତି ଏବଂ ସମସ୍ତଙ୍କ ପ୍ରତି ଶତ୍ରୁଭାବର ତ୍ୟାଗ ହିଁ ଦାନ । ସକଳ ପ୍ରକାର ଭୋଗ ବିଳାସ ତ୍ୟାଗର ନାମ ତପସ୍ୟା, ବାସନା ସଂଯମ ହିଁ ଶୌର୍ଯ୍ୟ ବା ବୀରତ୍ୱ । ବ୍ରହ୍ମଦର୍ଶନ, ଚିନ୍ତନ ଓ ଭଜନ ସତ୍ୟାନୁସରଣ, ପ୍ରିୟ ବା ସତ୍ୟ ବାକ୍ୟକୁ ଋତ, କର୍ମରେ ଅନାସକ୍ତିକୁ ଶୌଚ, ସନ୍ୟାସ ଗ୍ରହଣରେ ନାମ ତ୍ୟାଗ, ଧର୍ମ ହିଁ ଧନ, ଜ୍ଞାନୋପଦେଶ ହିଁ ଦକ୍ଷିଣା । ମୁଁ ସ୍ୱୟଂ ସର୍ବୈଶ୍ୱର୍ଯ୍ୟ ସମ୍ପନ୍ନ ଯଜ୍ଞରୂପୀ ଅର୍ଥାତ୍ ସକଳ ଯଜ୍ଞ ମୋହରି ଉଦ୍ଦେଶ୍ୟରେ ଅନୁଷ୍ଠିତ ହୁଏ । ପ୍ରାଣାୟମ ଶ୍ରେଷ୍ଠ ବଳ କାରଣ ଏହା ଦ୍ୱାରା ମନକୁ ଆୟତ୍ତ କରାଯାଏ । ମୋର ଐଶ୍ୱର୍ଯ୍ୟାଦି ଷଡଗୁଣ ଲାଭ ହିଁ ଭାଗ୍ୟ, ମୋଠାରେ ଭକ୍ତି ହିଁ ଶ୍ରେଷ୍ଠଲାଭ । ଆତ୍ମାରେ ପ୍ରତୀତ ଭେଦବୁଦ୍ଧି ତ୍ୟାଗ ଯଥାର୍ଥ ବିଦ୍ୟା ।ଅସତ କର୍ମ ପ୍ରତି ଭୟ ଓ ସଂକୋଚ ହିଁ ଲଜ୍ଜା, ବାସନା ତ୍ୟାଗ ଲାଭ ସନ୍ତୋଷ ଓ ଈଶ୍ୱର ଭାବନା ହେଉଛି ପ୍ରକୃତ ଶ୍ରୀ ସମ୍ପଦ, ସୁଖ ଦୁଃଖର ସମଭାବ ହେଉଛି ସୁଖ ଏବଂ ବିଷୟ ବାସନା ହେଉଛି ଦୁଃଖ । ବନ୍ଧନ ଓ ମୁକ୍ତ ତତ୍ତ୍ୱଜ୍ଞ ବ୍ୟକ୍ତି ପଣ୍ଡିତ,ମୁଁ ଓ ମୋର ମନୋଭାବ ସମ୍ପନ୍ନ ବ୍ୟକ୍ତି ମୂର୍ଖ, ମୋତେ ଲାଭ କରିବାର ନିବୃତ୍ତି ମାର୍ଗ ସୁ-ପଥ ଏବଂ ପ୍ରବୃତ୍ତି ମାର୍ଗ କୁ-ପଥ । ଅନ୍ତରରେ ସତ୍ୱଗୁଣର ଉଦୟ ସ୍ୱର୍ଗ ଓ ତମଗୁଣର ଉଦୟ ନର୍କ, ଗୁରୁ ହିଁ ମନୁଷ୍ୟର ଯଥାର୍ଥ ବନ୍ଧୁ ଓ ମୁଁ ଜଗଦଗୁରୁ ବୋଲି ସକଳ ପ୍ରାଣୀର ଜଗବନ୍ଧୁ । ସକଳ ଭୋଗର ଆଶ୍ରୟ ମନୁଷ୍ୟ ଶରୀର ହେଉଛି ଗୃହ, ଗୁଣବାନ ବ୍ୟକ୍ତି ହିଁ ଧନବାନ ଏବଂ ଗୁଣହୀନ,ସଦା ଅସନ୍ତୁଷ୍ଟ,ନାସ୍ତିକ ହେଉଛି ଦରିଦ୍ର । ଯିଏ ଇନ୍ଦ୍ରିୟମାନଙ୍କୁ ଆୟତ୍ତ କରିନପାରି ପଶୁବତ ସେମାନଙ୍କର ଆୟତ୍ତରେ ଥାଏ ସେ କୃପଣ ଓ ସମସ୍ତଙ୍କର ଦୟାର ପାତ୍ର । ତ୍ରିଗୁଣ ବର୍ଜିତ ବିଷୟାସକ୍ତି ବର୍ଜିତ ମନୁଷ୍ୟ ସ୍ୱାଧୀନ ଓ ଯଥାର୍ଥ ଈଶ୍ୱର । ହେ ଉଦ୍ଧବ ତୁମେ ଯାହା ପ୍ରଶ୍ନ ପଚାରିଥିଲ ତାହାର ଉତ୍ତର ପ୍ରଦାନ କଲି । ଅଧିକ ବର୍ଣ୍ଣନା ନିଷ୍ପ୍ରୟୋଜନ । ଗୁଣଦୋଷ ପୂର୍ଣ୍ଣ ସଂସାରରେ ଦୋଷଦର୍ଶୀ ନହୋଇ ସମଦର୍ଶୀ ହେବା ପ୍ରକୃତ ଗୁଣ ।

### ୨୦ଶ ଅଧ୍ୟାୟ, ଜ୍ଞାନଯୋଗ, ଭକ୍ତି ଯୋଗ ଓ କର୍ମଯୋଗଙ୍କ ମଧ୍ୟରେ ଭକ୍ତି ଯୋଗ ହିଁ ଶ୍ରେଷ୍ଠ ଯୋଗ

ଉଦ୍ଧବ କହିଲେ, ହେ ପ୍ରଭୁ, ବିଧି ଓ ନିଷେଧ ଉଭୟ ତୁମର ଆଜ୍ଞା ରୂପ ବେଦ ମଧ୍ୟରେ ନିହିତ । ବେଦ ହିଁ ସକଳ କର୍ମର ଦୋଷ,ଗୁଣ ପ୍ରତିପାଦନ କରିବା ସହ ସ୍ୱର୍ଗ ନର୍କର ଗତି ନିର୍ଣ୍ଣୟ କରିଥାଏ । ଉପନିଷେଦ ବ୍ରହ୍ମୋପଦେଶ ପ୍ରଦାନ କରିଥାଏ । ତେଣୁ ବେଦ ହିଁ ତୁରି ଆଜ୍ଞାରୂପୀ ଈଶ୍ୱର, ଜନ୍ମ ମରଣ ରୂପୀ ସଂସାରର ମୂଳାଧାର, ସର୍ବଭୂତର ଚକ୍ଷୁ ସ୍ୱରୂପ ଓ ବାହ୍ୟ ଅନ୍ତର କର୍ମର ସାକ୍ଷୀ । ମାତ୍ର ତୁମେ ତ କହୁଛ, ଗୁଣ ଦୋଷ ରୂପକ ଭେଦ ଦର୍ଶନ ଦୋଷ । ଯଦି ତାହା ଦୋଷ ହୁଏ ତାହାଲେ ବେଦର ଶିକ୍ଷାକୁ ଅମାନ୍ୟ କରିବାକୁ ହେବ କାରଣ ଗୁଣ ଓ ଦୋଷ ମଧ୍ୟରେ ଭେଦ ଦର୍ଶନ ହିଁ ବେଦର ସମଷ୍ଟି । ବେଦରେ କଅଣ କର୍ତ୍ତବ୍ୟ ଏବଂ କ'ଣ ନିଷେଧ ବର୍ଣ୍ଣନା ହୋଇଥିବାରୁ ମନୁଷ୍ୟ ସେହି ଅନୁସାରେ ନିଜର କର୍ତ୍ତବ୍ୟ ନିର୍ଦ୍ଧାରଣ କରେ । କାହାର ଭୋଗ ତ କାହାର ମୋକ୍ଷ, ମାତ୍ର ଗୁଣ,ଦୋଷ,ରୂପ ଭେଦ ବିଚାର ନରହିଲେ ମୋକ୍ଷ ପ୍ରାପ୍ତିର ଇଛା ଓ ତାହାର ସାଧନାରେ ଆଗ୍ରହ ଜନ୍ମିବ ନାହିଁ । ତେଣୁ ତୁମର ଉପଦେଶ ଓ ତୁମର ଆଜ୍ଞା ରୂପ ବେଦ ବିଧାନ ମଧ୍ୟରେ ଆପାତତଃ ଯେଉଁ ପାର୍ଥକ୍ୟ ଦୃଷ୍ଟ ହେଉଛି ସେହି ବିଷୟରେ ମୋର ସଂଶୟ ମୋଚନ କର । ଭଗବାନ କହିଲେ, ମାନବର ପରିତ୍ରାଣ ପାଇଁ ଜ୍ଞାନ, କର୍ମ ଓ ଭକ୍ତି ଏହି ତିନି ଯୋଗମାର୍ଗର ବିଷୟ ମୁଁ ବେଦ ମୁଖରେ କହିଛି । ଏହି ତିନି ଯୋଗ ବେଦରେ ଯଥାକ୍ରମେ ବ୍ରହ୍ମକାଣ୍ଡ, କର୍ମକାଣ୍ଡ ଓ ଦେବତା କାଣ୍ଡରେ ବର୍ଣ୍ଣିତ ହୋଇଛି । ଏହି ତିନିଯୋଗ ମାର୍ଗର ଚରମ ଲକ୍ଷ୍ୟ ଏକ ହେଲେ ହେଁ ଅଧିକାରୀ ଭେଦରେ ପୃଥକ ମାର୍ଗର ସୂଚନା ଦିଆଯାଇଛି । କର୍ମଫଳ ତ୍ୟାଗୀ ବା କର୍ମ ସମୁହର ବିମୁଖ, ବିଷ୍ଣୁ-ଭାବବିଭୋର ସଂସାର ବୈରାଗୀ ବ୍ୟକ୍ତି ହିଁ ଜ୍ଞାନଯୋଗର ଅଧିକାରୀ । ବିଷୟ ରସରେ ଅସକ୍ତ ନୁହେଁ ଏବଂ ତାର କୌଣସି ସୌଭାଗ୍ୟ ହେତୁ ମୋର କଥା ଶ୍ରବଣ କୀର୍ତ୍ତନରେ ତାହାର ହୃଦୟରେ ଅନୁରାଗ ଜାତ ହୋଇଛି ତାହା ପକ୍ଷରେ ଭକ୍ତି ଯୋଗ ହିଁ ସିଦ୍ଧି ପ୍ରଦାୟକ । ସକାମୀ ବ୍ୟକ୍ତିକୁ ବିଧି ନିଷେଧ ମାନିବାକୁ ହେଉଥିବା ସମୟରେ ଜ୍ଞାନ ଯୋଗୀ ଓ ଭକ୍ତି ଯୋଗୀ ପ୍ରଥମାବସ୍ଥାରେ କିଛି ବିଧିନିଷେଧ ମାନିଲେ ମଧ୍ୟ ଏଥିରେ ସିଦ୍ଧ ପୁରୁଷଗଣ କ୍ରମେ ନିଷେଧର ଉର୍ଦ୍ଧ୍ୱକୁ ଚାଲିଯାଆନ୍ତି, ସେତେବେଳେ ଗୁଣ ଦୋଷ ବିଚାର ସେମାନଙ୍କ ପାଇଁ ନିରର୍ଥକ ହୋଇଯାଏ । କର୍ମଯୋଗୀ ମଧ୍ୟ ଆଶା ତ୍ୟାଗକରି ମୋର ଚରଣରେ ସମସ୍ତ କର୍ମ ଅର୍ପଣ କରେ ସେ ମଧ୍ୟ ସୁଖଦୁଃଖ ପଥରେ ଗମନ କରେନାହିଁ । ଯଦି ତାହାର ସ୍ୱର୍ଗ ସମ୍ପର କାମନା ନାହିଁ ସେ ନର୍କକୁ କାହିଁକି ଯିବ? ସମସ୍ତ ସିଦ୍ଧି ସହିତ ମୁଁ ତା ଅଙ୍ଗରେ ବାସ କରିଥାଏ । ସେଥିପାଇଁ ସ୍ୱର୍ଗର ଦେବତାମାନେ ମଧ୍ୟ ନିଷ୍କାମ ଭକ୍ତି ଯୋଗ ସାଧନାରେ ମନୁଷ୍ୟ ଶରୀର ବାଞ୍ଛାକରିଥାନ୍ତି । କାରଣ ସ୍ୱର୍ଗ ଓ ନର୍କ ଉଭୟ ଭୋଗଭୂମି ହୋଇଥିବାବେଳେ ମର୍ତ୍ତ୍ୟମଣ୍ଡଳ ହେଉଛି କର୍ମଭୂମି । ଏହିଠାରେ ସତ ଅସତ କର୍ମର ଫଳ ସ୍ୱର୍ଗ ବା ନର୍କ ହୋଇଥାଏ । ପ୍ରକୃତ ବିବେକୀ ବ୍ୟକ୍ତି ସ୍ୱର୍ଗ ବା ନର୍କ ଗତିକୁ ସମାନ ବିବେଚନା କରି କେବଳ କର୍ମ କରିଯାଆନ୍ତି ।

( କ୍ରମଶଃ )


+ ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ

(ମୋ) ୯୮୫୩୯୪୮୪୫୮


**ସମ୍ପର୍କର ଗାଣ୍ଠି**

# ସତ୍ୟ ନଜାଣି ଦୋଷାରୋପ



**ଶ୍ୱେତା ରାଉତ୍**

ମହାଭାରତରେ ଶକୁନିକୁ ମୁଖ୍ୟ ଖଳନାୟକ ଭାବେ ଆମେ ସମସ୍ତେ ଜାଣୁ। ସେ ଅଧର୍ମ ପକ୍ଷରେ ରହି ଯୁଦ୍ଧ କରୁଥିଲେ,ଏକଥା ବି ଜାଣୁ। କିନ୍ତୁ ତାଙ୍କୁ ଖଳନାୟକ ସଜାଇଥିବା ବ୍ୟକ୍ତି ହେଉଛନ୍ତି ପ୍ରତିଜ୍ଞାବଦ୍ଧ ମହାମହୀମ ଭୀଷ୍ମ ପିତାମହ,ଏକଥା ହୁଏତ ଆମେ କେହି ଥରେ ଭାବିନାହୁଁ।

ଶକୁନି ଜନ୍ମରୁ ଅଧର୍ମୀ, ହିଂସା ପରାୟଣ ନଥିଲା। ଗାନ୍ଧାର ସହିତ ଯୁଦ୍ଧ କରି ଛଳ କପଟ ଦ୍ୱାରା ରାଜକୁମାରୀ ଗାନ୍ଧାରୀଙ୍କୁ, ଅନ୍ଧ ଧୃତ୍ରରାଷ୍ଟ୍ରଙ୍କ ସହ ବିବାହ କରାଇ, ଖାଇବାକୁ ନଦେଇ ଗାନ୍ଧର ରାଜାଙ୍କ ସମେତ, ଯୁବରାଜ ଶକୁନିକୁ ବନ୍ଦୀ ରଖିଥିଲେ ଭୀଷ୍ମ। ଜଣ ଜଣ କରି ଭୋକରେ ପ୍ରାଣତ୍ୟାଗ କରୁଥିବା ପ୍ରଜାଙ୍କୁ ଦେଖି ରାଜକୁମାର ଶକୁନି ଦୁଃଖ ଓ କ୍ରୋଧରେ ପ୍ରତିଜ୍ଞା ନେଇଥିଲା କୁରୁବଂଶର ଧ୍ୱଂସ। ଶକୁନିର ଅଧର୍ମ ଆମେ ସମସ୍ତେ ଦେଖିଛେ ଓ ତାର ବିନାଶ ମଧ୍ୟ ଦେଖିଛେ। କିନ୍ତୁ ଶକୁନିଠୁ ଆହୁରି କଷ୍ଟ ଦାୟକ ମୃତ୍ୟୁ ତ ସେ ପାଇଥିଲେ (ମହମହୀମ ଭୀଷ୍ମ) ଯିଏ, ଶକୁନି ଅଧର୍ମୀ ହେବାକୁ ବାଧ ହେବା ଭଳି ପରିସ୍ଥିତି ଉତ୍ପନ କରାଇ ରାଜା ସମେତ ସମଗ୍ର ପ୍ରଜାଙ୍କ ମୃତ୍ୟୁର କାରଣ ହୋଇଥିଲେ। ରାଜକୁମାରୀ ଗାନ୍ଧାରୀଙ୍କ ସହ ଛଳ କରି ଧୃତରାଷ୍ଟ୍ରଙ୍କ ସହ ବିବାହ କରାଇ ନିଜର ପୁତ୍ରବଧୂ ସଜାଇ ନେଇଆସିଥିଲେ।

କୁରୁସଭାରେ ନିଜ ପୌତ୍ରବଧୂର ନିର୍ବସ୍ତ୍ର ହେବାର ମୁହୂର୍ତ୍ତରେ ବି ମୌନ ରହିଥିଲେ। ଶରଶଯ୍ୟା ହିଁ ଥିଲା ତାଙ୍କ ପ୍ରତ୍ୟେକ କର୍ମ ପାଇଁ ଗୋଟି ଗୋଟି ହିସାବ। ଅଧର୍ମ କରୁଥିବା ବ୍ୟକ୍ତି ନିଶ୍ଚୟ ଦଣ୍ଡନୀୟ, କିନ୍ତୁ କାହାକୁ ଅଧର୍ମୀ ହେବାକୁ ବାଧ କରାଇଥିବା ବ୍ୟକ୍ତି ମଧ୍ୟ କ୍ଷମଣୀୟ ନୁହେଁ, ସେ ମଧ୍ୟ ସେତିକି ଦୋଷୀ ଓ ଦଣ୍ଡନୀୟ।

ଯେମିତି ଅନେକ ପରିବାରର ସମ୍ପର୍କ ଭିତରେ ମତାନ୍ତର ଓ ମନାନ୍ତର ଥାଏ। ଆମେ ଜଣଙ୍କଠାରୁ ଅନ୍ୟଜଣଙ୍କ ସମ୍ପର୍କରେ କିଛି ଶୁଣିବା ପରେ, ବିନା ସତ୍ୟ ଜାଣି ନିଜ ଟିପ୍ପଣୀ ରଖିଦେଉ। ସେହି ଶୁଣିଥିବା କଥାକୁ ଆଉ ଦୁଇ ଚାରି ପଦ ଲଗାଇ ଅନ୍ୟମାନଙ୍କୁ ବି କହିଥାଉ। ସେମାନେ ଆଉ କାହାକୁ କହିଥାନ୍ତି। ଏମିତି ତିନି ତୁଣ୍ଡରେ ଛେଳି କୁକୁର ଭଳି ଛୋଟ ଛୋଟ କଥା ତୁଣ୍ଡ ବାଇଦ ଭଳି ବିରାଟ ରୂପ ନେଇ ବ୍ୟାପିଯାଏ। ଯେଉଁ ବ୍ୟକ୍ତିଙ୍କ ବିଷୟରେ କଥାଟି ପ୍ରଘଟ ହୋଇଥାଏ, ସେ ଏକଥା ଶୁଣନ୍ତି ଓ କ୍ରୋଧ କରନ୍ତି। ଅନେକଙ୍କଠାରୁ ବିନା କାରଣରେ ଘୃଣା, ଅପମାନ ପାଇବା ପରେ, କିଏ ସମସ୍ତଙ୍କୁ ତାଙ୍କ ବିଷୟରେ ଏମିତି କହିଛି ଖୋଜନ୍ତି ଓ ନିଜ ପରିବାର ବ୍ୟକ୍ତିଙ୍କ ସଂପୃକ୍ତି ଜାଣି ଦୁଃଖୀ ହୁଅନ୍ତି। କେବେ କେବେ ନିଜ ନିଜ ଭିତରେ ଏଭଳି କଥା ପାଇଁ କଳି-ତକରାଳ, ବାଦ-ବିବାଦ ହୋଇଥାଏ। ଛୋଟ କଥାଟିଏ ପାଇଁ ଭୟଙ୍କର ପରିଣତି ହୋଇଥାଏ।

ଲୋକମାନେ ଏକଥା ବୁଝିବା ଉଚିତ ଯେ, କେହି ଯଦି ନିଜ ପରିବାର କଥା ବାହାରେ ପ୍ରକାଶ କରି ନିଜକୁ ଉତ୍ତମ ବା ଭଲ ବ୍ୟକ୍ତି ଓ ନିଜ ପରିବାର ଲୋକର ନିନ୍ଦା କରୁଛି, ସେ କେବେବି ଜଣେ ଉତ୍ତମ ବ୍ୟକ୍ତି ନୁହନ୍ତି ଏବଂ ଯାହା ସମ୍ବନ୍ଧରେ ଖରାପ କହୁଛନ୍ତି, ହୁଏତ ତାଙ୍କ ଖରାପ ବ୍ୟବହାର କରିବା ପଛରେ କିଛି କାରଣ ଥାଇପାରେ, ତାଙ୍କ ପ୍ରତି ଅନ୍ୟାୟ, ଅଧର୍ମ, ଅତ୍ୟାଚାରର ବିରାଟ କାହାଣୀ ଥାଇପାରେ ! ଏହି ଉତ୍ତମ ବ୍ୟକ୍ତି ବୋଲାଉଥିବା ଲୋକଟି ନିଜେ ଅତ୍ୟାଚାରୀ ହୋଇଥାଇପାରନ୍ତି !!

ସଂପୂର୍ଣ୍ଣ ଭାବେ କୌଣସି ଘଟଣା ନଜାଣି କାହାକୁ ବି ଆରୋପ ପ୍ରତ୍ୟାରୋପ କରିବା କଥା ଠିକ୍ ନୁହେଁ। ଏବେ ସମୟ ଏମିତି ହୋଇ ପଡ଼ିଛି ଯେ, ମଣିଷ ବାହାର ଅପେକ୍ଷା ଘରେ ଅଧିକ ଅସହଜ, ଅସନ୍ତୋଷ, ଭୟ, ଅତ୍ୟାଚାରଓ ପକ୍ଷପାତିତାର ସମ୍ମୁଖୀନ ହେଉଛି। କାହାର ଭୁଲ୍ ଠିକ୍ ଦେଖି ବିଚାର କରିବା ପାଇଁ ଈଶ୍ୱର ଅଛନ୍ତି, ଆମେ ସେଥିପାଇଁ ସକ୍ଷମ ନୁହନ୍ତି, ଏକଥା ନିଜେ ମାନିନେବା ଉଚିତ୍।


+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦





ଆମ ମନରେ ସାଧାରଣତଃ ଗୋଟେ ଧାରଣା ଅଛି ଯେ, ଶରୀରର କୌଣସି ଧମନୀରେ ବ୍ଲକେଜ୍ ଥିଲେ ହାର୍ଟ ଆଟାକ୍ ହୁଏ । କିନ୍ତୁ ଏ ଧାରଣା ବି ଭୁଲ । ବ୍ଲକେଜ୍ ନଥାଇ ବି ହୋଇପାରେ ହାର୍ଟ ଆଟାକ୍ । ଏହାକୁ କୁହାଯାଏ କୋରୋନାରୀ ଆର୍ଟରି ସହ ମାୟୋକାର୍ଡିଆଲ୍ ଇନଫାର୍କସନ୍ ।

ବିନା ବ୍ଲକେଜରେ ହାର୍ଟ ଆଟାକ୍ ସମସ୍ୟା ଆଜିକା ଦିନରେ ବଶେି ଦେଖାଯାଉଛି । ପ୍ରତି ୧୦ ଜଣରେ ୬ଜଣଙ୍କଠାରେ ଏଭଳି ବିପଦର ଆଶଙ୍କା ଦେଖାଯାଉଛି । ଏ ସମସ୍ୟା କେଉଁମାନଙ୍କୁ ହୁଏ ଏବଂ କାହିଁକି, ଏହାର ଲକ୍ଷଣ କ'ଣ ଏ ଏସବୁ ବାବଦରେ କହିଛନ୍ତି ମେଦାନ୍ତା ମୁଲଚନ୍ଦ୍ ମେଡସିଟି ହସ୍ପିଟାଲର କାର୍ଡିଓ ବିଭାଗ ପ୍ରଫେସର୍ କହିଛନ୍ତି, ହାର୍ଟ ଆଟାକ୍ କେବଳ ରକ୍ତ ଧମନୀରେ ବ୍ଲକ୍ କାରଣରୁ ହୁଏନି ବରଂ ଅନ୍ୟ କାରଣରୁ ବି ହୋଇପାରେ । ଯେବେ ହାର୍ଟ ମାଂସପେଶୀ ବା ମସଲ୍ ଯାଏଁ ରକ୍ତ ଏବଂ ଅକ୍ସିଜେନ୍ ପହଞ୍ଚିପାରେନାହିଁ ସେ ସମୟରେ ହାର୍ଟ ଆଟାକ୍ ହୋଇପାରେ ।

ବିଶେଷଜ୍ଞଙ୍କ କହିବା ଅନୁସାରେ, କିଛି ଘଟଣାରେ ରୋଗୀର ହାର୍ଟଆଟାକ୍ ହୁଏ କିନ୍ତୁ ଏଞ୍ଜିଓଗ୍ରାଫି କରିବାରେ କୌଣସି ବ୍ଲକେଜ୍ ଦେଖାଯାଏନାହିଁ । ଏହାକୁ ଘକ୍ଟଭ ଙଭଟ୍ବପ୍ତକ୍ବଙ୍କମପ୍ତସଙ୍ଗର ଉକ୍ଟକ୍ବକ୍ଟଭବକ୍ବଚ ଇକ୍ବପ୍ତରକ୍ବସରଟ୍ବ କୁହାଯାଏ । ଏହାର ଏକାଧିକ କାରଣ ରହିଛି। ଯେବେ. ହାର୍ଟର ଧମନୀ ଅଚାନକ ସଙ୍କୁଚିତ ହୋଇଯାଏ ହାର୍ଟ ଯାଏଁ ରକ୍ତ ସଞ୍ଚାଳନ ଠିକଭାବେ ହୋଇପାରେ ନାହିଁ । ଫଳରେ ଆଟାକ୍ ହୁଏ । ଏହାକୁ ମେଡିକାଲ ଭାଷାରେ କୋରୋନାରି ଆର୍ଟରି ସ୍ପାଜମ୍ ବୋଲି କୁହାଯାଏ।

ହାର୍ଟରେ ଖୁବ୍ ସୂକ୍ଷ୍ମ ଏବଂ ଛୋଟ ଧମନୀ ଥାଏ । ଯଦି ଏଥିରେ ରକ୍ତ ସଞ୍ଚଳନ ହୋଇନପାରେ ତାହେଲେ ମାଇକ୍ରୋଭାସ୍କୁଲାର୍ ଡିସଫଙ୍କସନ୍ ଅର୍ଥାତକ ହାର୍ଟ ଆଟାକ୍ ହୋଇପାରେ । ଏହାବ୍ୟତୀତ ଶରୀରର କୌଣସି ସ୍ଥାନରୁ ପ୍ରବାହିତ ରକ୍ତ ଯଦି ହାର୍ଟ ଯାଏଁ ପହଞ୍ଚି କୌଣସି ଧମନୀରେ ଥକ୍କାପଣ ଯୋଗୁଁ ଅଟକିଯାଏ ତାହେଲେ ବି ହାର୍ଟଆଟାକ୍ ହେବାର ସମ୍ଭବନା ସୃଷ୍ଟି ହୁଏ । ଏକ୍ଷେତ୍ରରେ ଆବଶ୍ୟକ ପଡ଼ିଲେ **OCT/ IVUS** ଏବଂ କାର୍ଡିଆକ୍ ଗଜଓ କରିବାକୁ ହୁଏ ।

**କାହାକୁ ବିପଦ :**

ଅଧିକ ମାନସିକ ଅବସାଦରେ ରହିଲେ
ଅଧିକ ଥଣ୍ଡା ପରିବେଶରେ ରହିଲେ
ଅଧିକ ଧୁମ୍ରପାନ କଲେ
ଅଧିକ ନିଶା ସେବନ କଲେ

**ଲକ୍ଷଣ କ'ଣ ?**

ଅନିଦ୍ରା ସମସ୍ୟା
ଛାତିରେ ଯନ୍ତ୍ରଣା
କାନ୍ଧ, ପିଠି, ବେକରେ ବ୍ୟଥା
ନିଶ୍ୱାସରେ ସମସ୍ୟା
ଅଚାନକ ଦୁର୍ବଳ ଅନୁଭବ
ଶରୀରରୁ ଝାଳ ବାହାରିବା

# ୟୁପିଆଇ ଏମଡିଆର ବ୍ୟବସ୍ଥା: କିପରି ଲାଭବାନ ହେବେ ଘରୋଇ ବ୍ୟାଙ୍କ ଏବଂ ବିଦେଶୀ ପେମେଣ୍ଟ ଆପ୍

ଭାରତର ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥାରେ ୟୁନିଫାଇଡ୍ ପେମେଣ୍ଟସ୍ ଇଣ୍ଟରଫେସ୍ ବା ୟୁପିଆଇ ଏକ ବୈପ୍ଲବିକ ପରିବର୍ତ୍ତନ ଆଣିବାରେ ସଫଳ ହୋଇଛି । ଗତ ଏକ ଦଶନ୍ଧି ମଧ୍ୟରେ ଏହା ଦେଶର ଅର୍ଥନୈତିକ ନେଣଦେଣର ମେରୁଦଣ୍ଡ ପାଲଟିଯାଇଛି । ତେବେ ନିକଟରେ ନ୍ୟାସନାଲ୍ ପେମେଣ୍ଟସ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନପିସିଆଇ) ଦ୍ୱାରା ଘୋଷଣା କରାଯାଇଥିବା ଏକ ନୂତନ ନିୟମ ଏବେ ସମଗ୍ର ଆର୍ଥିକ ଜଗତରେ ବ୍ୟାପକ ଚର୍ଚ୍ଚାର ବିଷୟ ପାଲଟିଛି । ଆସନ୍ତା ୨୦୨୬ ମସିହା ଅକ୍ଟୋବର ୧୫ ତାରିଖରୁ ମଧ୍ୟମ ଏବଂ ବଡ଼ ବ୍ୟବସାୟୀମାନଙ୍କୁ କରାଯାଉଥିବା ୨,୦୦୦ ଟଙ୍କା କିମ୍ବା ତଦୁର୍ଦ୍ଧ୍ୱ ୟୁପିଆଇ ପେମେଣ୍ଟ ଉପରେ ୦.୪ ପ୍ରତିଶତ ମର୍ଚାଣ୍ଟ ଡିସକାଉଣ୍ଟ ରେଟ୍ ବା ଏମଡିଆର ଲାଗୁ କରାଯିବ । ଏହି ନିଷ୍ପତ୍ତି ଉପରଠାଉରିଆ ଭାବେ ସାଧାରଣ ଗ୍ରାହକଙ୍କ ପାଇଁ କୌଣସି ସିଧାସଳଖ ଆର୍ଥିକ ବୋଝ ସୃଷ୍ଟି କରୁନଥିଲେ ମଧ୍ୟ, ବ୍ୟାପକ ଦୃଷ୍ଟିକୋଣରୁ ଏହା ଘରୋଇ ବ୍ୟାଙ୍କ ଏବଂ ବିଦେଶୀ ପୁଞ୍ଜି ନିବେଶିତ ୟୁପିଆଇ ଆପ୍ ଗୁଡ଼ିକ ପାଇଁ ଏକ ବଡ଼ ଲାଭଦାୟକ ସୁଯୋଗ ସୃଷ୍ଟି କରିବାକୁ ଯାଉଛି । ଏହି ପଦକ୍ଷେପ ୟୁପିଆଇର ଦୀର୍ଘସ୍ଥାୟୀ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଉଦ୍ଦିଷ୍ଟ ବୋଲି କୁହାଯାଉଥିଲେ ହେଁ, ତଥ୍ୟ ଆଧାରିତ ବିଶ୍ଳେଷଣରୁ ସ୍ପଷ୍ଟ ଜଣାପଡୁଛି ଯେ ଏହି ନୂତନ ଆୟର ସିଂହଭାଗ କେବଳ କିଛି ନିର୍ଦ୍ଦିଷ୍ଟ ଘରୋଇ ସଂସ୍ଥାଙ୍କ ଖାତାକୁ ଯିବ । ଏହାକୁ ବୁଝିବା ପାଇଁ ଆମକୁ ଏମଡିଆରର କାର୍ଯ୍ୟଶୈଳୀ ଏବଂ ବର୍ତ୍ତମାନର ବଜାର ସ୍ଥିତିକୁ ଟିକିନିଖି ତର୍ଜମା କରିବାକୁ ପଡ଼ିବ ।

ଏହି ନୂତନ ଏମଡିଆର ବ୍ୟବସ୍ଥାକୁ ବିଶ୍ଳେଷଣ କଲେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ସାମ୍ନାକୁ ଆସେ । ପ୍ରଥମତଃ, ଏହା ସମସ୍ତ ପ୍ରକାରର ୟୁପିଆଇ କାରବାର ଉପରେ ଲାଗୁ ହେବ ନାହିଁ । ବ୍ୟକ୍ତିରୁ ବ୍ୟକ୍ତି (ପିଟୁପି) ମଧ୍ୟରେ ହେଉଥିବା ସମସ୍ତ ଆର୍ଥିକ କାରବାର ପୂର୍ବଭଳି ସମ୍ପୂର୍ଣ୍ଣ ମାଗଣା ରହିବ । ଏଥିସହ, ମାସିକ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ୟୁପିଆଇ କ୍ୟୁଆର କୋଡ୍ ମାଧ୍ୟମରେ ଦେୟ ଗ୍ରହଣ କରୁଥିବା ଛୋଟ ବ୍ୟବସାୟୀ କିମ୍ବା ଉଠାଦୋକାନୀମାନଙ୍କୁ ମଧ୍ୟ ଏହି ଶୁଳ୍କରୁ ବାଦ୍ ଦିଆଯାଇଛି । ଅର୍ଥାତ୍ କେବଳ ବଡ଼ ଏବଂ ମଧ୍ୟମ ଧରଣର ବ୍ୟବସାୟୀଙ୍କ କ୍ଷେତ୍ରରେ ୨,୦୦୦ ଟଙ୍କାରୁ ଅଧିକ ଦେୟ ଉପରେ ଏହି ୦.୪ ପ୍ରତିଶତ ଶୁଳ୍କ ଆଦାୟ କରାଯିବ । ଉଦାହରଣ ସ୍ୱରୂପ, ଯଦି ଜଣେ ଗ୍ରାହକ କୌଣସି ବଡ଼ ଦୋକାନରେ ୩,୦୦୦ ଟଙ୍କାର ଜିନିଷ କିଣି ୟୁପିଆଇ ମାଧ୍ୟମରେ ପେମେଣ୍ଟ କରନ୍ତି, ତେବେ ଗ୍ରାହକଙ୍କ ଆକାଉଣ୍ଟରୁ ୩,୦୦୦ ଟଙ୍କା ହିଁ କଟିବ, କିନ୍ତୁ ବ୍ୟବସାୟୀଙ୍କୁ ୦.୪ ପ୍ରତିଶତ ଅର୍ଥାତ୍ ୧୨ ଟଙ୍କା କମ୍ ମିଳିବ । ଏହି ୧୨ ଟଙ୍କା ହିଁ ଏମଡିଆର ଆକାରରେ ଆଦାୟ ହେବ । ଏହା ବ୍ୟତୀତ ରେଳବାଇ, ଟେଲିକମ୍, ବୀମା, ଇନ୍ଧନ ଏବଂ କୃଷି ଉପକରଣ ଭଳି ଅତ୍ୟାବଶ୍ୟକ ତଥା କମ୍ ଲାଭାଂଶ ଥିବା କ୍ଷେତ୍ରଗୁଡ଼ିକ ପାଇଁ ଏକ ସ୍ୱତନ୍ତ୍ର ନିୟମ କରାଯାଇଛି, ଯେଉଁଠାରେ ୨,୦୦୦ ଟଙ୍କାରୁ ଅଧିକ କାରବାର ଉପରେ ଏକକାଳୀନ ମାତ୍ର ୫ ଟଙ୍କାର ଏମଡିଆର ଲାଗିବ । ସେହିପରି ମ୍ୟୁଚୁଆଲ୍ ଫଣ୍ଡ, ଷ୍ଟକ୍ ବ୍ରୋକର ଏବଂ ଇକ୍ୱିଟି ଭଳି ପୁଞ୍ଜି ବଜାର କାରବାର ପାଇଁ ଏହି ଶୁଳ୍କ ମାତ୍ର ୦.୦୨ ପ୍ରତିଶତ ରଖାଯାଇଛି ଏବଂ ଏହାର ସର୍ବୋଚ୍ଚ ସୀମା ୩୦୦ ଟଙ୍କା ଧାର୍ଯ୍ୟ କରାଯାଇଛି । ଏହିସବୁ ରିହାତି ଏବଂ ସୀମା ନିର୍ଦ୍ଧାରଣ ସତ୍ତ୍ୱେ, ୟୁପିଆଇ କାରବାରର ବିପୁଳ ପରିମାଣକୁ ଦେଖିଲେ ଏହି ଶୁଳ୍କରୁ ମିଳିବାକୁ ଥିବା ଆୟର ପରିମାଣ ଅତ୍ୟନ୍ତ ବିଶାଳ ହେବ ।

ଏନପିସିଆଇର ତଥ୍ୟ ଅନୁଯାୟୀ, ବର୍ତ୍ତମାନ ଭାରତରେ ପ୍ରତିଦିନ କୋଟି କୋଟି ସଂଖ୍ୟାରେ ୟୁପିଆଇ କାରବାର ହେଉଛି । ଯଦିଓ ନୂତନ ଏମଡିଆର ନିୟମ କେବଳ ୨.୫ ପ୍ରତିଶତ ୟୁପିଆଇ କାରବାର (ଭଲ୍ୟୁମ୍ ବା ସଂଖ୍ୟା ଦୃଷ୍ଟିରୁ) ଉପରେ ପ୍ରଭାବ ପକାଇବ, ତଥାପି ମୂଲ୍ୟ ବା ଭ୍ୟାଲ୍ୟୁ ଦୃଷ୍ଟିରୁ ଏହା ମୋଟ ୟୁପିଆଇ କାରବାରର ପ୍ରାୟ ୨୦ ପ୍ରତିଶତ ଅଟେ । ଏହି ୨୦ ପ୍ରତିଶତ କାରବାରରୁ ପ୍ରତିମାସ ପ୍ରାୟ ୨,୪୦୦ କୋଟି ଟଙ୍କାର ବିପୁଳ ରାଜସ୍ୱ ଆଦାୟ ହେବାର ଅନୁମାନ କରାଯାଉଛି । ଦୀର୍ଘ ଦିନ ଧରି ୟୁପିଆଇ ସେବା ପ୍ରଦାନ କରୁଥିବା ବ୍ୟାଙ୍କ ଏବଂ ପେମେଣ୍ଟ କମ୍ପାନୀମାନେ ଅଭିଯୋଗ କରିଆସୁଥିଲେ ଯେ ବିନା କୌଣସି ଆୟରେ ଏତେ ବଡ଼ ବୈଷୟିକ ଭିତ୍ତିଭୂମିର ପରିଚାଳନା କରିବା ସେମାନଙ୍କ ପାଇଁ କଷ୍ଟକର ହୋଇପଡୁଛି । ତେଣୁ ଏହି ନୂତନ ଏମଡିଆର ବ୍ୟବସ୍ଥା ସେମାନଙ୍କ ପାଇଁ ଏକ ବଡ଼ ଆଶ୍ୱସ୍ତି ଆଣିଦେଇଛି । କିନ୍ତୁ ପ୍ରଶ୍ନ ଉଠୁଛି, ଏହି ୨,୪୦୦ କୋଟି ଟଙ୍କାର ଲାଭ କାହା ପକେଟକୁ ଯିବ । ନିୟମ ଅନୁଯାୟୀ ଆଦାୟ ହେଉଥିବା ଏମଡିଆରର ସବୁଠାରୁ ବଡ଼ ଅଂଶ ଗ୍ରାହକଙ୍କ ବ୍ୟାଙ୍କ (ପେୟର ବ୍ୟାଙ୍କ) କୁ ଯିବ । ଏହା ପରେ ଦ୍ୱିତୀୟ ବୃହତ୍ତମ ଅଂଶ ବ୍ୟବସାୟୀଙ୍କ ବ୍ୟାଙ୍କ (ପେୟି ବ୍ୟାଙ୍କ) ପାଇବେ ଏବଂ ତୃତୀୟ ଅଂଶ ୟୁପିଆଇ ଆପ୍ (ଯେପରିକି ଫୋନପେ, ଗୁଗୁଲ୍ ପେ) ଏବଂ ଅନ୍ୟାନ୍ୟ ପେମେଣ୍ଟ ପ୍ରୋସେସରମାନଙ୍କ ମଧ୍ୟରେ ବଣ୍ଟାଯିବ। ଏହି ବଣ୍ଟନ ପ୍ରକ୍ରିୟା ହିଁ ସ୍ପଷ୍ଟ କରୁଛି ଯେ ଘରୋଇ କ୍ଷେତ୍ରର ଦବଦବା କିପରି ରହିବ।

ବ୍ୟାଙ୍କିଙ୍ଗ୍ କ୍ଷେତ୍ରର ତଥ୍ୟକୁ ଅନୁଧ୍ୟାନ କଲେ ଜଣାପଡ଼େ ଯେ ୟୁପିଆଇ କାରବାରରେ ସରକାରୀ ବ୍ୟାଙ୍କଗୁଡ଼ିକ ତୁଳନାରେ ଘରୋଇ ବ୍ୟାଙ୍କଗୁଡ଼ିକ ଯଥେଷ୍ଟ ଆଗରେ ଅଛନ୍ତି । ବିଶେଷକରି ୟେସ୍ ବ୍ୟାଙ୍କ ଏହି କ୍ଷେତ୍ରରେ ସର୍ବୋଚ୍ଚ ସ୍ଥାନରେ ରହିଛି । ଏକ ଆକଳନ ଅନୁଯାୟୀ ୟେସ୍ ବ୍ୟାଙ୍କର ଇନୱାର୍ଡ-ଟୁ-ଆଉଟୱାର୍ଡ ଅନୁପାତ ୫୦.୮ ରହିଛି, ଯାହାକି ଆକ୍ସିସ୍ ବ୍ୟାଙ୍କର ୨.୧୭ ତୁଳନାରେ ବହୁତ ଅଧିକ । ଏହାର ମୁଖ୍ୟ କାରଣ ହେଉଛି ୨୦୨୪ ମସିହା ଏପ୍ରିଲ ମାସରେ ପେଟିଏମ୍ ପେମେଣ୍ଟସ୍ ବ୍ୟାଙ୍କ ଉପରେ ରିଜର୍ଭ ବ୍ୟାଙ୍କର କଟକଣା ଲାଗୁ ହେବା ପରେ ଅଧିକାଂଶ ବ୍ୟବସାୟୀଙ୍କ ଆକାଉଣ୍ଟ ୟେସ୍ ବ୍ୟାଙ୍କକୁ ସ୍ଥାନାନ୍ତରିତ ହୋଇଥିଲା । ବର୍ତ୍ତମାନ ୟୁପିଆଇ ପେୟି ପିଏସପି (ଗ୍ରହଣକାରୀ ବ୍ୟାଙ୍କ) ହିସାବରେ ୟେସ୍ ବ୍ୟାଙ୍କ ପାଖରେ ପ୍ରାୟ ୪୦ ରୁ ୫୫ ପ୍ରତିଶତ ପର୍ଯ୍ୟନ୍ତ ବିଶାଳ ବଜାର ଅଂଶ ରହିଛି । ଏହାର ଅର୍ଥ ହେଉଛି, ଯେତେବେଳେ କୌଣସି ଗ୍ରାହକ ଏକ ବ୍ୟବସାୟୀଙ୍କୁ ୟୁପିଆଇ ମାଧ୍ୟମରେ ଟଙ୍କା ପଠାନ୍ତି, ସେହି ଟଙ୍କା ଗ୍ରହଣ କରିବାର ପଛୁଆ ବୈଷୟିକ ଦାୟିତ୍ୱ ମୁଖ୍ୟତଃ ୟେସ୍ ବ୍ୟାଙ୍କ ତୁଲାଇଥାଏ। ବିଶ୍ୱସ୍ତରୀୟ ବ୍ରୋକରେଜ୍ ସଂସ୍ଥା ସିଟି ବ୍ୟାଙ୍କର ଏକ ରିପୋର୍ଟ ଅନୁଯାୟୀ, ଏହି ନୂତନ ଏମଡିଆର ବ୍ୟବସ୍ଥା ଲାଗୁ ହେବା ଫଳରେ ୟେସ୍ ବ୍ୟାଙ୍କର ଟିକସ ପୂର୍ବ ଲାଭରେ ୬ ରୁ ୧୨ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ଘଟିବାର ସମ୍ଭାବନା ରହିଛି । ୟେସ୍ ବ୍ୟାଙ୍କ ବ୍ୟତୀତ ଆଇସିଆଇସିଆଇ ବ୍ୟାଙ୍କ, ଆକ୍ସିସ୍ ବ୍ୟାଙ୍କ ଏବଂ ଏଚଡିଏଫସି ବ୍ୟାଙ୍କ ଭଳି ଅନ୍ୟ ପ୍ରମୁଖ ଘରୋଇ ବ୍ୟାଙ୍କଗୁଡ଼ିକ ମଧ୍ୟ ଗ୍ରାହକ ଏବଂ ବ୍ୟବସାୟୀ ଉଭୟଙ୍କ ପାଇଁ ପସନ୍ଦର ବ୍ୟାଙ୍କ ପାଲଟିଛନ୍ତି । ତେଣୁ ଏମଡିଆରରୁ ଆସିବାକୁ ଥିବା ହଜାର ହଜାର କୋଟି ଟଙ୍କାର ରାଜସ୍ୱର ସିଂହଭାଗ ଏହି ଘରୋଇ ବ୍ୟାଙ୍କଗୁଡ଼ିକର ଖାତାକୁ ଯିବା ସୁନିଶ୍ଚିତ ହୋଇଛି, ଯାହାକି ସେମାନଙ୍କର ଆର୍ଥିକ ସ୍ଥିତିକୁ ଆହୁରି ମଜବୁତ କରିବ । ସରକାରୀ ବ୍ୟାଙ୍କଗୁଡ଼ିକ ବୈଷୟିକ ନବୀକରଣ ଏବଂ ଡିଜିଟାଲ୍ ଭିତ୍ତିଭୂମିରେ ପଛରେ ପଡ଼ିଥିବାରୁ ଏହି ବିପୁଳ ଆୟରୁ ବଞ୍ଚିତ ହେବେ ।

ଅନ୍ୟପକ୍ଷରେ, ୟୁପିଆଇ ଆପ୍ ଗୁଡ଼ିକର ବଜାର ସ୍ଥିତିକୁ ଦେଖିଲେ ଆଉ ଏକ ରୋଚକ ତଥ୍ୟ ସାମ୍ନାକୁ ଆସେ । ଭାରତୀୟ ୟୁପିଆଇ ବଜାରରେ ବର୍ତ୍ତମାନ ୱାଲମାର୍ଟ ସମର୍ଥିତ ଫୋନପେ ଏବଂ ଆମେରିକୀୟ ଟେକ୍ ଦିଗ୍ଗଜ ଗୁଗୁଲର ଆପ୍ ଗୁଗୁଲ୍ ପେ'ର ଏକଚାଟିଆ ଆଧିପତ୍ୟ ରହିଛି । ଅଗଷ୍ଟ ୨୦୨୬ ସୁଦ୍ଧା ପ୍ରକାଶିତ ଏନପିସିଆଇ ତଥ୍ୟ ଅନୁଯାୟୀ, ଗୋଟିଏ ମାସରେ ଫୋନପେ ୧୧.୧୯ ବିଲିୟନରୁ ଅଧିକ ୟୁପିଆଇ କାରବାର କରିଥିବା ବେଳେ ଗୁଗୁଲ୍ ପେ ପ୍ରାୟ ୭.୯୧ ବିଲିୟନ କାରବାର ସମ୍ପନ୍ନ କରିଛି । ମୋଟ ୟୁପିଆଇ କାରବାରର ପ୍ରାୟ ୭୮ ରୁ ୭୯ ପ୍ରତିଶତ କେବଳ ଏହି ଦୁଇଟି ବିଦେଶୀ ପୁଞ୍ଜି ନିବେଶିତ ଆପ୍ ମାଧ୍ୟମରେ ହେଉଛି । ଭଲ୍ୟୁମ୍ ଦୃଷ୍ଟିରୁ ଫୋନପେ ପାଖରେ ପ୍ରାୟ ୪୫.୬ ପ୍ରତିଶତ ଏବଂ ଗୁଗୁଲ୍ ପେ ପାଖରେ ପ୍ରାୟ ୩୨.୨ ପ୍ରତିଶତ ବଜାର ଅଂଶ ରହିଛି । ମୂଲ୍ୟ ବା ଭ୍ୟାଲ୍ୟୁ ଦୃଷ୍ଟିରୁ ଏହି ଅଂଶ ଆହୁରି ଅଧିକ, ଯାହାକି ଫୋନପେ ପାଇଁ ୪୭.୮ ପ୍ରତିଶତ ଏବଂ ଗୁଗୁଲ୍ ପେ ପାଇଁ ୩୩.୭ ପ୍ରତିଶତ ଅଟେ । ଯେହେତୁ ନୂତନ ନିୟମ ଅନୁଯାୟୀ ୟୁପିଆଇ ଆପ୍ ଗୁଡ଼ିକୁ ମଧ୍ୟ ଏମଡିଆରର ଏକ ନିର୍ଦ୍ଦିଷ୍ଟ ଅଂଶ ମିଳିବ, ତେଣୁ ଏହି ଦୁଇଟି ଆପ୍ ସବୁଠାରୁ ଅଧିକ ଲାଭବାନ ହେବେ । ଭାରତ ସରକାର ଏବଂ ଏନପିସିଆଇ ସ୍ୱଦେଶୀ ଆପ୍ ଭୀମ୍ କୁ ପ୍ରୋତ୍ସାହିତ କରିବା ପାଇଁ ପ୍ରୟାସ କରିଥିଲେ ମଧ୍ୟ ଏହାର ବଜାର ଅଂଶ ଅତ୍ୟନ୍ତ ନଗଣ୍ୟ ରହିଛି । ଏପରିକି କୌଣସି ଗୋଟିଏ ଆପ୍ ଯେପରି ୩୦ ପ୍ରତିଶତରୁ ଅଧିକ ବଜାର ଅଂଶ ଦଖଲ ନକରନ୍ତି, ସେଥିପାଇଁ ଏନପିସିଆଇ ଏକ ନିୟମ ଆଣିବାର ଯୋଜନା କରିଥିଲା, ଯାହାକୁ ବାରମ୍ବାର ଘୁଞ୍ଚାଇ ଡିସେମ୍ବର ୨୦୨୬ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଏହି ବିଳମ୍ବର ସିଧାସଳଖ ଫାଇଦା ଏବେ ଫୋନପେ ଏବଂ ଗୁଗୁଲ୍ ପେ ଭଳି ବିଦେଶୀ କମ୍ପାନୀମାନଙ୍କୁ ମିଳିବ, କାରଣ ସେମାନେ ନିଜର ବିଶାଳ ଗ୍ରାହକ ଆଧାର ମାଧ୍ୟମରେ କୋଟି କୋଟି ଟଙ୍କାର ଏମଡିଆର କମାଇବେ ।

ଏହି ସମଗ୍ର ପ୍ରକ୍ରିୟାକୁ ଏକ ବୃହତ୍ତର ଅର୍ଥନୈତିକ ଦୃଷ୍ଟିକୋଣରୁ ଦେଖିଲେ ଏକ ସ୍ପଷ୍ଟ ରଣନୀତି ବାରି ହୋଇପଡ଼େ । ପ୍ରାରମ୍ଭିକ ପର୍ଯ୍ୟାୟରେ ୟୁପିଆଇକୁ ସମ୍ପୂର୍ଣ୍ଣ ମାଗଣା ରଖି ଗ୍ରାହକ ଏବଂ ବ୍ୟବସାୟୀମାନଙ୍କୁ ଏହା ପ୍ରତି ଆକୃଷ୍ଟ କରାଯାଇଥିଲା । ଏହି ସମୟ ମଧ୍ୟରେ ଘରୋଇ ବ୍ୟାଙ୍କ ଏବଂ ବିଦେଶୀ ଆପ୍ ଗୁଡ଼ିକ ନିଜର ଉନ୍ନତ ଜ୍ଞାନକୌଶଳ, ଆକର୍ଷଣୀୟ କ୍ୟାସବ୍ୟାକ୍ ଅଫର୍ ଏବଂ ସୁଗମ ୟୁଜର୍ ଇଣ୍ଟରଫେସ୍ ମାଧ୍ୟମରେ ବଜାରର ସିଂହଭାଗ ଦଖଲ କରିନେଲେ। ବର୍ତ୍ତମାନ ଯେତେବେଳେ ୟୁପିଆଇ ବ୍ୟବସ୍ଥା ଦେଶର ଅଭ୍ୟାସରେ ପରିଣତ ହୋଇଯାଇଛି ଏବଂ କାରବାର ପରିମାଣ ଆକାଶଛୁଆଁ ହୋଇଛି, ସେତେବେଳେ ଭିତ୍ତିଭୂମିର ରକ୍ଷଣାବେକ୍ଷଣ ନାମରେ ଏମଡିଆର ଲାଗୁ କରାଯାଉଛି । ଏହା ଦ୍ୱାରା ୟୁପିଆଇ ଇକୋସିଷ୍ଟମର ସ୍ଥାୟିତ୍ୱ ନିଶ୍ଚିତ ହେବ ସତ, କିନ୍ତୁ ଏହାର ଆର୍ଥିକ ଫଳାଫଳ ଅସମାନ ଭାବରେ ବଣ୍ଟିତ ହେବ । ଯେଉଁ ସଂସ୍ଥାଗୁଡ଼ିକ ଆରମ୍ଭରୁ ପୁଞ୍ଜି ବିନିଯୋଗ କରି ବଜାରକୁ କବଜା କରିଥିଲେ, ସେମାନେ ଏବେ ଏହାର ମୂଲ୍ୟ ଆଦାୟ କରିବେ । ଭାରତ ଭଳି ଏକ ବିକାଶଶୀଳ ଦେଶରେ ଡିଜିଟାଲ୍ ପବ୍ଲିକ୍ ଇନଫ୍ରାଷ୍ଟ୍ରକ୍ଚର ଉପରେ ବିଦେଶୀ ସଂସ୍ଥା ଏବଂ କିଛି ହାତଗଣତି ଘରୋଇ ବ୍ୟାଙ୍କର ଏଭଳି ଆଧିପତ୍ୟ ଭବିଷ୍ୟତ ପାଇଁ ଏକ ଚିନ୍ତାର ବିଷୟ ହୋଇପାରେ । ସରକାର ଏବଂ ନିୟାମକ ସଂସ୍ଥାମାନେ ଏହି ନୂତନ ଶୁଳ୍କ ବ୍ୟବସ୍ଥାକୁ ଲାଗୁ କରିବା ସହିତ ବଜାରରେ ପ୍ରତିଦ୍ୱନ୍ଦ୍ୱିତା ବଜାୟ ରଖିବା ଏବଂ ସ୍ୱଦେଶୀ ଆପ୍ ତଥା ସରକାରୀ ବ୍ୟାଙ୍କଗୁଡ଼ିକୁ ସୁଦୃଢ଼ କରିବା ଦିଗରେ ଦୃଷ୍ଟି ଦେବା ନିତାନ୍ତ ଆବଶ୍ୟକ । ନଚେତ୍ ଡିଜିଟାଲ୍ ଇଣ୍ଡିଆର ଲାଭ କେବଳ କିଛି ନିର୍ଦ୍ଦିଷ୍ଟ କର୍ପୋରେଟ୍ ସଂସ୍ଥାଙ୍କ ହାତରେ ସୀମିତ ରହିଯିବାର ଆଶଙ୍କାକୁ ଏଡ଼ାଇ ଦିଆଯାଇନପାରେ ।



# ବିକାଶ, ସ୍ୱାଭିମାନ ଓ ଭାରତୀୟତାର ପ୍ରତୀକ: ନରେନ୍ଦ୍ର ମୋଦୀ

**ମୋହନ ଚରଣ ମାଝୀ**



ଆଜି ହେଉଛି ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ମାନନୀୟ ଶ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କର ଜନ୍ମ ଦିବସ। ତାଙ୍କର ସାରା ଜୀବନ ଦେଶ ସେବା ଓ ସମାଜରେ ପରିବର୍ତ୍ତନ ଆଣିବା ଦିଗରେ ସମର୍ପିତ। ତେଣୁ, ତାଙ୍କର ଏହି ଜନ୍ମ ଦିବସକୁ 'ସେବା ସଂକଳ୍ପ' ଭାବେ ଏକ ମାସ ବ୍ୟାପୀ ପାଳନ କରାଯିବ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନ କେବଳ ଜଣେ ରାଜନେତାଙ୍କ ଜୀବନର ଉତ୍ସବ ନୁହେଁ, ବରଂ ଗତ ଦଶନ୍ଧି ମଧ୍ୟରେ ଭାରତର ଆତ୍ମବିଶ୍ୱାସ, ଆକାଂକ୍ଷା ଏବଂ ବିକାଶ ଦିଗକୁ ଆକାର ଦେଇଥିବା ପରିବର୍ତ୍ତନ ଉପରେ ପ୍ରତିଫଳନ କରିବାର ଏକ ସୁଯୋଗ।

ଆଧୁନିକ ଭାରତ, ବିଶେଷ ଭାବେ ସ୍ୱାଧୀନତା ପରବର୍ତ୍ତୀ ଭାରତର ଇତିହାସ ଯେତେବେଳେ ବି ଲେଖାହେବ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କର କାଳଖଣ୍ଡ ବିଶେଷ ରୂପରେ ରେଖାଙ୍କିତ ହେବ। କାରଣ ଗତ ୨୦୧୪ ମସିହା ପରବର୍ତ୍ତୀ ଭାରତରେ ରାଷ୍ଟ୍ର ଗଠନ ପାଇଁ ଯେଉଁ ଉତ୍ସାହ, ଉଦ୍ଦୀପନା ଦେଖିବାକୁ ମିଳୁଛି ତାହା ଦେଶକୁ ବ୍ରିଟିଶ ଶାସକଙ୍କ ଦାଉରୁ ଦେଶକୁ ମୁକ୍ତି କରିବା ପାଇଁ ସ୍ୱାଧୀନତା ସଂଗ୍ରାମ ସମୟରେ ଦେଖାଯାଇଥିଲା। ଏହା ଅତ୍ୟୁକ୍ତି ନୁହେଁ, କାରଣ ସ୍ୱାଧୀନତାର ପ୍ରଥମ ପଚାଶ ଦଶକରେ ଅଭିବୃଦ୍ଧି ଏତେ କମ ଥିଲା ଯେ ପାଶ୍ଚାତ୍ୟ ଅର୍ଥଶାସ୍ତ୍ରୀମାନେ ଅପମାନ ସୂଚକ 'ହିନ୍ଦୁ ଅଭିବୃଦ୍ଧି' କହୁଥିଲେ। ଭାରତ ପରି ବିଶାଳ ଦେଶରେ ଅଭିବୃଦ୍ଧି କମ ରହୁଥିବାରୁ ଉତ୍କଟ ଦାରିଦ୍ର୍ୟ ତାଡନାରୁ ଦେଶ ମୁକୁଳିପାରି ନ ଥିଲା।

କିନ୍ତୁ, ୨୦୧୪ ମସିହାରେ ଦେଶର ରାଜନୈତିକ ମାନଚିତ୍ର ଯେ ବଦଳି ଥିଲା, ତାହା ନୁହେଁ, ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟି ସମ୍ପନ୍ନ ନୀତି ଦେଶର ବିକାଶକୁ ଏକ ନୂତନ ଦଶା ଓ ଦିଶା ପ୍ରଦାନ କରିଥିଲା। ଜୁଲାଇ ୨୦୧୬ ରେ ନୀତି ଆୟୋଗର ୧୫ ବର୍ଷୀୟ ଭିଜନ ଡକ୍ୟୁମେଣ୍ଟର ଉନ୍ମୋଚନ ସମୟରେ ପ୍ରଧାନମନ୍ତ୍ରୀ ତାଙ୍କର ଦୂରଦୃଷ୍ଟି ସମ୍ପନ୍ନ ନୀତିକୁ ଲୋକ ଲୋଚନକୁ ଆଣିଥିଲେ। ଏହି ନୀତି ଅନୁସାରେ ଭାରତ ଆଉ ତାଳିପକା ବିକାଶ ଦିଗରେ ଚାଲି ପାରିବ ନାହିଁ। ଦେଶକୁ ବିକଶିତ କରିବାକୁ ହେଲେ ଦେଶର ନୀତିରେ 'ରୂପାନ୍ତରିତ ପରିବର୍ତ୍ତନ'କୁ ଆଦୃତ କରିବାକୁ ହେବ ଯାହାରର ମୂଳଦୁଆ ହେଉଛି, 'ଗତି, ପାରଦର୍ଶିତା ଓ ଉତ୍ତରଦାୟିତ୍ୱତା' (Speed, Transformation & Accountability)। ଏହି ପରିବର୍ତ୍ତିତ ନୀତି ଓ ନୂତନ ସଂକଳ୍ପ ସହିତ ଆରମ୍ଭ ହେଲା ନୂତନ ରାଷ୍ଟ୍ର ଗଠନର ମହାଯଜ୍ଞ।

ବର୍ତ୍ତମାନ ମାନନୀୟ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକାଳ ବାର ବର୍ଷରୁ କିଛି ଅଧିକ ସମୟ ଅତିବାହିତ ହୋଇଛି। ଏହି ସମୟ ମଧ୍ୟରେ ଅନେକ ଆଭ୍ୟନ୍ତରୀଣ ତଥା ଆନ୍ତର୍ଜାତିକ ସମସ୍ୟା ଦେଶ ସମ୍ମୁଖରେ ଉପନୀତ ହୋଇଛି। ଯେପରିକି ରୁଷିଆ-ୟୁକ୍ରେନ ଯୁଦ୍ଧ, ବର୍ତ୍ତମାନ ଚାଲୁଥିବା ମଧ୍ୟପ୍ରାଚ୍ୟରେ ଯୁଦ୍ଧ। ଆଭ୍ୟନ୍ତରୀଣ କ୍ଷେତ୍ରରେ ଚଳିତ ଶତାବ୍ଦୀର ସବୁଠାରୁ ବଡ ସଙ୍କଟ କୋଭିଡ ତଥା ଦେଶ ଗତ ପଚାଶ ଦଶନ୍ଧି ଧରି ପ୍ରଭାବିତ ହୋଇଥିବା ନକ୍ସଲବାଦ ଓ ମାଓବାଦୀ ହିଂସା। କିନ୍ତୁ, ଏହି ପ୍ରତ୍ୟେକଟି ସମସ୍ୟାର ସମ୍ମୁଖୀନ ହୋଇ ଦେଶକୁ ଦୃଢ, ସ୍ଥିର ରଖି ବିକାଶର ଗତିକୁ ବଜାୟ ରଖିବା କୌଣସି ଚମତ୍କାରରୁ କମ ନୁହେଁ। ଏହାର ସଦ୍ୟତମ ପ୍ରମାଣ ହେଉଛି ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଦେଶର ଅଭିବୃଦ୍ଧି ହାର ୭.୮ ପ୍ରତିଶତ ଥିଲା। ଯେତେବେଳେ ସମଗ୍ର ବିଶ୍ୱ ନିଜ ଅର୍ଥନୀତି ମଙ୍ଗ ସଳଖିବା ପାଇଁ ସଂଗ୍ରାମ କରୁଛନ୍ତି, ଭାରତ ବିଶ୍ୱର ଦୃତତମ ଅଭିବୃଦ୍ଧି ହାସଲ କରିଥିବା ବୃହତ ଅର୍ଥନୀତି ଭାବେ ଉଭା ହୋଇଛି ଯାହା କେନ୍ଦ୍ର ସରକାରଙ୍କ ଆର୍ଥିକ ନୀତି ଓ ସୁପରିଚାଳନା ପାଇଁ ସମ୍ଭବ ହୋଇଅଛି।

ଏହି ଦଶ ବର୍ଷରେ ମାନନୀୟ ପ୍ରଧାନମନ୍ତ୍ରୀ 'ସବ୍‌କା ସାଥ, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଓ ସବ୍‌କା ପ୍ରୟାସ' ମନ୍ତ୍ରରେ ଭାରତକୁ ୨୦୪୭ ସୁଦ୍ଧା ବିକଶିତ ଭାରତରେ ପରିଣତ କରିବା ପାଇଁ ରୋଡମ୍ୟାପ ପ୍ରସ୍ତୁତ କରି ଅଗ୍ରସର ହେଉଛନ୍ତି। ଏହି ବାର ବର୍ଷରେ ମୋଦୀ ଜୀଙ୍କର ଉପଲବ୍ଧିର ତାଲିକା ବହୁତ ଲମ୍ବା। ଏହି ସଫଳତା ମଧ୍ୟରେ ୨୫ କୋଟି ଭାରତୀୟଙ୍କୁ ଉତ୍କଟ ଦାରିଦ୍ର୍ୟ ତାଡନାରୁ ମୁକ୍ତ କରିବା ଏକ ମାପଦଣ୍ଡ। ସ୍ୱଚ୍ଛ ଭାରତ, ଉଜ୍ଜ୍ୱଳା ଯୋଜନା, ପିଏମ କିଷାନ, ଆୟୁଷ୍ମାନ ଭାରତ, ନୂତନ ଶିକ୍ଷାନୀତି, ମେକ ଇନ ଇଣ୍ଡିଆ, ନାରୀ ଶକ୍ତି ବନ୍ଦନ ଅଧିନିୟମ, ୟୁପିଆଇ, ଜିଏସଟି, ଖେଲୋ ଇଣ୍ଡିଆ ପରି ଯୁଗାନ୍ତକାରୀ ନୀତି ଓ କାର୍ଯ୍ୟକ୍ରମ ଫଳରେ ଦେଶର ପ୍ରତ୍ୟେକ ବର୍ଗଙ୍କ ଜୀବନଶୈଳୀ ସୁଲଳିତ ଓ ସ୍ୱାଚ୍ଛନ୍ଦ୍ୟ ହୋଇପାରିଛି। ମାନନୀୟ ପ୍ରଧାନମନ୍ତ୍ରୀଙ୍କ ପରିକଳ୍ପିତ ବିକଶିତ ଭାରତରେ ଓଡିଶା ଏକ ପ୍ରମୁଖ ଭୂମିକା ଗ୍ରହଣ କରିବାକୁ ଯାଉଛି। ଗତ ଜୁନ, ୨୦୨୪ରେ ରାଜ୍ୟରେ ଏକ ନୂତନ ସରକାର ଆସିବା ଏହି ଭୂମିକାକୁ ସାର୍ଥକ କରିବାରେ ନିଶ୍ଚିତ ଭାବେ ସହାୟକ ହେବ। ଦୀର୍ଘଦିନ ଧରି ଓଡିଶାର ପ୍ରକୃତିକ ପ୍ରାଚୁର୍ଯ୍ୟ, ଯେପରିକି ଖଣିଜ ଦ୍ରବ୍ୟ, ସୁଦୀର୍ଘ ତଟ, ପାଣି, ଜଳ, ଜଙ୍ଗଲର ସଦୁପୋଯୋଗ ହୋଇପାରି ନ ଥିଲା। ଏହି କାରଣରୁ ରାଜ୍ୟର ପ୍ରକୃତ ସାମର୍ଥ୍ୟର ସୁଫଳ ଏହାର ଜନସାଧାରଣ ପାଇ ପାରି ନ ଥିଲେ। କିନ୍ତୁ, ଗତ ଦୁଇ ବର୍ଷରେ ପ୍ରଧାନମନ୍ତ୍ରୀଙ୍କ ମାର୍ଗ ଦର୍ଶନରେ ଓଡିଶାରେ ଏକ ପ୍ରକାର ଦ୍ୱିତୀୟ ଶିଳ୍ପ ବିପ୍ଳବ ଚାଲିଛି। ମାତ୍ର ଦୁଇ ବର୍ଷରେ ଓଡିଶା ପାଇଁ ୨୨ ଲକ୍ଷ କୋଟି ଟଙ୍କାରୁ ବି ଅଧିକ ନିବେଶ ସମ୍ଭାବନା ସୃଷ୍ଟି ହୋଇଛି ଯାହା ମଧ୍ୟରୁ ତିନି ଲକ୍ଷ କୋଟି ଟଙ୍କାରୁ ବି ଅଧିକ ବ୍ୟୟରେ ୧୫୪ ଗୋଟି ଶିଳ୍ପର ଉଦ୍ଘାଟନ କିମ୍ବା ଗ୍ରାଉଣ୍ଡ ବ୍ରେକିଙ୍ଗ କରାଯାଇଛି। ଆଗାମୀ ଦିନରେ ରାଜ୍ୟରେ ଅତି କମରେ ୧୭ ଲକ୍ଷ ନୂଆ ରୋଜଗାର ସୃଷ୍ଟି ହେବାକୁ ଯାଉଛି। ଏହା ସମ୍ଭବ ହୋଇଥିଲା ମୋଦୀ ଜୀଙ୍କର ଗୋଟିଏ ଆହ୍ୱାନ, 'ଓଡିଶାରେ ନିବେଶ ପାଇଁ ଯେହି ସମୟ ହୈ, ସହି ସମୟ ହୈ'।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦିଙ୍କ ବିକାଶ ଦୃଷ୍ଟିକୋଣର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଉଛି ଯେ ଏହା ବିକାଶ ଏବଂ ମର୍ଯ୍ୟାଦାକୁ ପରସ୍ପରଠାରୁ ପୃଥକ ବୋଲି ବିବେଚନା କରେ ନାହିଁ। ତାଙ୍କ ମତରେ ଦେଶର ବିକାଶର ଫଳ ସମାଜର ଶେଷ ପାହୁଚରେ ଥିବା ବ୍ୟକ୍ତି ପାଖରେ ପହଞ୍ଚି ପାରିବ।

ତେଣୁ, ପ୍ରଧାନମନ୍ତ୍ରୀ ସବୁବେଳେ ଚାରି ବର୍ଗ ବିଶେଷ ଭାବେ 'ମହିଳା, ଗରିବ, ଅନ୍ନଦାତା ଓ ଯୁବା'ଙ୍କ ଉପରେ ଗୁରୁତ୍ୱ ଦେଇ ଆସିଛନ୍ତି। ପୂର୍ବ ବ୍ୟବସ୍ଥା ଅନୁସାରେ ଏମାନେ କେବଳ ଲାଭାର୍ଥୀ ଭାବେ ପରିଗଣିତ ହେଉଥିଲେ, କିନ୍ତୁ ପ୍ରଧାନମନ୍ତ୍ରୀଙ୍କ ନୂତନ ଶାସନ ପଦ୍ଧତିରେ ତାଙ୍କୁ 'ବିକାଶ ଯାତ୍ରାରେ ଅଂଶୀଦାର' ଭାବେ ଗୁରୁତ୍ୱ ଦିଏ। ଏହି ଚିନ୍ତନର ପ୍ରତିଛବି ହେଉଛନ୍ତି ଦେଶର ପ୍ରଥମ ନାଗରିକ ମାନନୀୟ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ ମହୋଦୟା ଯିଏ କି ସାଧାରଣ ଜନଜାତି ପଡ଼ିବାରୁ ଯାତ୍ରା ଆରମ୍ଭ କରି ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦ ଅଳଙ୍କୃତ କରି ପଡ଼ିଛନ୍ତି।

ଏକ ଆଦିବାସୀ ପରିବାରରେ ଜନ୍ମିତ ହୋଇ ବ୍ୟକ୍ତିଗତ ଭାବରେ ଏହି ଭାବନାକୁ ହୃଦୟଙ୍ଗମ କରେ। କେନ୍ଦୁଝରର ଏକ ଅଖ୍ୟାତ ପଲ୍ଲୀରୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦ ପର୍ଯ୍ୟନ୍ତ ମୋର ଯାତ୍ରା ପ୍ରମାଣ କରେ ଯେ ଲୋକତନ୍ତ୍ରରେ ସର୍ବୋତ୍ତମ ସମ୍ଭାବନା ସୁଯୋଗ ସୃଷ୍ଟି କରିପାରେ। ନୂତନ ଭାରତ ଏହି ବାର୍ତ୍ତା ପ୍ରଦାନ କରେ ଯେ 'ଜନ୍ମ' ଜଣେ ବ୍ୟକ୍ତିକୁ ସୀମିତ କରେ ନାହିଁ। କଠିନ ପରିଶ୍ରମ, ସେବା, ସଚ୍ଚୋଟତା ଏବଂ ସୁଯୋଗ ସେମାନଙ୍କୁ ଅଧିକ ଦାୟିତ୍ୱରେ ପହଞ୍ଚାଇପାରେ। ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟର ଦୃଷ୍ଟିକୋଣ ଏହି ବ୍ୟାପକ ଜାତୀୟ ଦୃଷ୍ଟିକୋଣର ଏକ ଅଂଶ। ଭାରତର ବିକାଶ ସେତେବେଳେ ସନ୍ତୁଳିତ ହୋଇପାରିବ ଯେତେବେଳେ ପୂର୍ବ ଭାରତ ଏହାର ପୂର୍ଣ୍ଣ ସମ୍ଭାବନାକୁ ଆଗକୁ ବଢ଼େ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ, ଓଡ଼ିଶା ଏହି ପରିବର୍ତ୍ତନରେ ଏକ କେନ୍ଦ୍ରୀୟ ଭୂମିକା ଗ୍ରହଣ କରିବାକୁ ପ୍ରସ୍ତୁତ। ପ୍ରଧାନମନ୍ତ୍ରୀ ମୋଦୀ ଜୀଙ୍କ ନେତୃତ୍ୱର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବୈଶିଷ୍ଟ୍ୟ ହେଉଛି ବିଶ୍ୱ ମହତ୍ତ୍ୱାକାଂକ୍ଷା ଏବଂ ତୃଣମୂଳ ସମ୍ବେଦନଶୀଳତାର ସନ୍ତୁଳନ। ଆଜି, ଭାରତ ବିଶ୍ୱର ପ୍ରମୁଖ ମଞ୍ଚଗୁଡ଼ିକରେ ଆତ୍ମବିଶ୍ୱାସର ସହିତ କଥା ହେଉଛି ଯାହାର ସଦ୍ୟତମ ପ୍ରମାଣ ହେଉଛି ନିକଟରେ ସମାପ୍ତ ହୋଇଥିବା ବ୍ରିକ୍ସ ୨୦୨୬ର ଆୟୋଜନ। ଅନ୍ତର୍ଜାତୀୟ ସମ୍ପର୍କ, ଆର୍ଥିକ ସହଯୋଗ ଏବଂ ବିଶ୍ୱ ନୀତି ଆଲୋଚନାରେ ଭାରତର ଭୂମିକା ପୂର୍ବ ଅପେକ୍ଷା ଅଧିକ ପ୍ରଭାବଶାଳୀ ହୋଇଛି। କିନ୍ତୁ ଏହି ବିଶ୍ୱ ପ୍ରତିଛବି ସହିତ ସମାନ୍ତରାଳ ଭାବରେ, ପ୍ରଧାନମନ୍ତ୍ରୀ ସାଧାରଣ ନାଗରିକଙ୍କ ସହିତ ସିଧାସଳଖ ଆଲୋଚନା ମଧ୍ୟ ବଜାୟ ରଖିଛନ୍ତି।

ପ୍ରଧାନମନ୍ତ୍ରୀଙ୍କର ଏହି ନୀତି ରାଜ୍ୟ ଶାସନ ପଦ୍ଧତିକୁ ବିଶେଷ ଭାବେ ପ୍ରଭାବିତ କରିଛି। ଦେଶରେ ଦୃତ ଶିଳ୍ପାୟନ ସହିତ ସମାଜର ଆର୍ଥିକ ଓ ସାମାଜିକ ସ୍ତରରେ ଦୁର୍ବଳ ବର୍ଗଙ୍କ ପାଇଁ ସରକାର ଅନେକ କାର୍ଯ୍ୟକ୍ରମ ଓ ଯୋଜନା ପ୍ରଣୟନ କରୁଛନ୍ତି। ସେଥିମଧ୍ୟରୁ ମାହିଳାଙ୍କ ପାଇଁ ସୁଭଦ୍ରା ଯୋଜନା, ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, କନ୍ୟା ସୁମଙ୍ଗଳ ଯୋଜନା, ଲଖ୍ ପତି ଦିଦି ଯୋଜନା, ଶିକ୍ଷା ପାଇଁ ନୂଆ ଶିକ୍ଷା ନୀତି, ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ, କେଜିରୁ ପିଜି ନିଃଶୁଳ୍କ ଶିକ୍ଷା, ସ୍ୱାସ୍ଥ୍ୟ କ୍ଷେତ୍ରରେ ଆୟୁଷ୍ମାନ ଯୋଜନା-ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା, ଅନ୍ନଦାତାଙ୍କ ପାଇଁ କୃଷକ ସମୃଦ୍ଧି ଯୋଜନା ଓ ସି ଏମ କିଷାନ ଯୋଜନା, ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ କଲ୍ୟାଣକାରୀ ଯୋଜନା, ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣ ଯୋଜନା ରାଜ୍ୟର ଗରିବଙ୍କ ପାଇଁ ଉତ୍ସର୍ଗୀକୃତ। ସବୁଠାରୁ ଉଲ୍ଲେଖନୀୟ ବିଷୟ ଯେ ଏହି ଯୋଜନା କେବଳ ଘୋଷାଣରେ ସୀମାବଦ୍ଧ ହୋଇ ରହିନାହିଁ, ଏହା ଯେଉଁମାନଙ୍କ ପାଇଁ ଉଦ୍ଦିଷ୍ଟ ତାହାଙ୍କ ପାଖରେ ପହଞ୍ଚୁଛି।

ଅନେକ ସମୟରେ ବିଭିନ୍ନ ମହଲରେ ଆଲୋଚନା ହୁଏ ଯେ ଡବଲ ଇଞ୍ଜିନ ପରେ ଓଡିଶା ପାଇଲା କ'ଣ। ଏହାର ଏକ ଲମ୍ବା ତାଲିକା ଅଛି। ଶଙ୍ଖେପରେ କହିଲେ ଡବଲ ଇଞ୍ଜିନ ସରକାରଙ୍କ ସୁଫଳ ସ୍ୱରୂପ ଓଡ଼ିଶାକୁ ୯୦ ହଜାର କୋଟି ଟଙ୍କାର ରେଳ ପ୍ରକଳ୍ପ, ୪୦ ହଜାର କୋଟି ଟଙ୍କାର ସଡ଼କ ପ୍ରକଳ୍ପ, ୨୫ ହଜାର କୋଟିର ବନ୍ଦର ପ୍ରକଳ୍ପ ଏବଂ ୨୫ ହଜାର କୋଟି ଟଙ୍କା ବ୍ୟୟରେ ଜାହାଜ ନିର୍ମାଣ ଓ ମରାମତି ପ୍ରକଳ୍ପ, ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ କରିଡର, କୋଷ୍ଟାଲ ହାଇୱେ ଆଦି ବିଶାଳ ଭିତ୍ତିଭୂମି ଯୋଗାଇ ଦିଆଯାଇଛି।

ଓଡିଶାର ବିକାଶ ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ଜୀ କେବେ ହେଲେ କାର୍ପଣ୍ୟତା ପ୍ରଦର୍ଶନ କରି ନାହାନ୍ତି। ଯେତେବେଳେ ରାଜ୍ୟରେ ବିରୋଧୀ ଦଳ ସରକାର ଥିଲା, ସେତେବେଳେ ମଧ ରାଜ୍ୟର ବିକାଶ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଯେତେବେଳେ ଯାହା ସହାୟତା ଦାବି କରଯାଇଥିଲା, ସବୁ ଶ୍ରୀ ମୋଦୀ ଜୀ ଯୋଗାଇ ଦେଇଥିଲେ। ସେ କୋଭିଡ ମହାମାରୀ ପାଇଁ ସହାୟତା ହେଉ କି ପ୍ରକୃତିକ ବିପର୍ଯ୍ୟୟ ସମୟରେ କେନ୍ଦ୍ରୀୟ ସହାୟତା ହେଉ। ଏହି ଉଦାରତା ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଜୀଙ୍କୁ ରାଜନେତା ଠାରୁ 'ରାଷ୍ଟ୍ରନେତା' ଭାବେ ଗଢି ତୋଳିଛି।

ପ୍ରଧାନମନ୍ତ୍ରୀଙ୍କ ରାଷ୍ଟ୍ରଗଠନ ଲକ୍ଷ୍ୟରେ ଆଉ ଏକ ମହତ୍ତ୍ୱପୂର୍ଣ୍ଣ ଦିଗ ହେଉଛି 'ବିକାଶ ଭି, ବିରାଶତ ଭି'। ଶ୍ରୀ ମୋଦୀ ଜୀ'ଙ୍କର ନେତୃତ୍ୱ ଓ ପୃଷ୍ଟପୋଷକତାରେ ଦେଶରେ 'ସାଂସ୍କୃତିକ ରାଷ୍ଟ୍ରବାଦ'ର ଏକ ନୂତନ ସ୍ରୋତ ପ୍ରବାହିତ ହେଉଛି, ଯାହା ଆଗରୁ କେବେ ଦେଖାଯାଇ ନ ଥିଲା। ଆଜି ପ୍ରତ୍ୟେକ ଭାରତୀୟ ଆମର ହଜାର ହଜାର ବର୍ଷର ସଂସ୍କୃତି ଓ ପରମ୍ପରାକୁ ନେଇ ଗର୍ବ କରୁଛନ୍ତି। ପ୍ରଧାନମନ୍ତ୍ରୀଙ୍କର ଏହି ନୀତି ଅନୁସାରେ ଆମ ସରକାର ବି ଓଡିଆ ଅସ୍ମିତାକୁ ପ୍ରାଧାନ୍ୟ ଦେଉଛନ୍ତି। ଗତ ଦୁଇ ବର୍ଷରେ ରାଜ୍ୟ ସରକାର ଓଡିଆ ଭାଷା, ସଂସ୍କୃତି, ପରମ୍ପରା, ବିଶେଷ ଭାବେ ଜଗନ୍ନାଥ ସଂସ୍କୃତିକୁ ଦେଶ ଓ ବିଶ୍ୱର କୋଣ ଅନୁକୋଣରେ ପରିଚିତ କରିବା ପାଇଁ ଅନେକ କାର୍ଯ୍ୟ କରିଛନ୍ତି ଓ ଆଗକୁ ଜାରି ରହିବ।

ଭାରତ ଆଜି ଏପରି ଏକ ସମୟରେ ଅଛି ଯେତେବେଳେ ଆକାଂକ୍ଷା ଏବଂ ସମ୍ଭାବନା ଏକାଠି ଆଗକୁ ବଢୁଛି। ଓଡ଼ିଶା ଏହି ଯାତ୍ରାରେ ନେତୃତ୍ୱ ଭୂମିକା ଗ୍ରହଣ କରିବାକୁ ଚାହୁଁଛି, କେବଳ ଏକ ଅଂଶୀଦାର ନୁହେଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ମୋର ଜନ୍ମଦିନର ଶୁଭେଚ୍ଛା କେବଳ ଆନୁଷ୍ଠାନିକ ନୁହେଁ। ତାଙ୍କ ପ୍ରତି ସବୁଠାରୁ ଅର୍ଥପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ହେବ ଏକ ବିକଶିତ, ଆତ୍ମନିର୍ଭରଶୀଳ, ଆତ୍ମବିଶ୍ୱାସୀ ଏବଂ ଅନ୍ତର୍ଭୁକ୍ତିବାଦୀ ରାଷ୍ଟ୍ର ଭାବରେ ପରିକଳ୍ପିତ ଭାରତ ଗଠନରେ ଆମର କାର୍ଯ୍ୟ ମାଧ୍ୟମରେ ଯୋଗଦାନ ଦେବା। ଓଡ଼ିଶା ଏହି ଜାତୀୟ ସଂକଳ୍ପ ପ୍ରତି ସମ୍ପୂର୍ଣ୍ଣ ପ୍ରତିବଦ୍ଧ। ଏକ ବିକଶିତ ଓଡ଼ିଶାରୁ ଏକ ବିକଶିତ ଭାରତ ଯାତ୍ରାକୁ ଆହୁରି ତ୍ୱରାନ୍ୱିତ କରିବା ହେଉଛି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପ୍ରତି ଆମର ସବୁଠାରୁ ସାର୍ଥକ ଇଚ୍ଛା ଏବଂ ଯଥାର୍ଥ ପ୍ରତିବଦ୍ଧତା।

+ମୁଖ୍ୟମନ୍ତ୍ରୀ, ଓଡିଶା

# ଦେବଶିଳ୍ପୀ ବିଶ୍ୱକର୍ମା



**ଇଂ. ଶୁଭେନ୍ଦୁ ମୋହନ ସୁବୁଦ୍ଧିରାୟ**

ବିଶ୍ୱକର୍ମା ସ୍ୱର୍ଗର ଶ୍ରେଷ୍ଠ ଶିଳ୍ପୀ ସେ ଶିଳ୍ପରାଜ ବିଶ୍ୱକର୍ମା। ତାଙ୍କୁ ଦେବଶିଳ୍ପୀ ଭାବେ ଗ୍ରହଣ କରାଯାଇଥିଲେ ହେଁ ତାଙ୍କର ରୂପ ଓ ପ୍ରକୃତ ପରିଚୟ ଆଦିକୁ ନେଇ ନାନା କାହାଣୀ, କିମ୍ବଦନ୍ତୀ ରହିଛି । ତାଙ୍କୁ ବିଶ୍ୱନୟନ୍ତା ନାରାୟଣଙ୍କ ଏକ ରୂପ ଭାବେ ଅନେକେ ଗ୍ରହଣ କରିଛନ୍ତି । ବିଶ୍ୱକର୍ମାର ଏକ ଅର୍ଥ ହେଉଛି ସୃଷ୍ଟିକର୍ତ୍ତା । ପୁରାଣ ଅନୁଯାୟୀ ଅନନ୍ତଶୟନରେ ଶାୟିତ ନାରାୟଣଙ୍କର ନାଭି କମଳରୁ ସୃଷ୍ଟି ହୋଇଥିବା ତ୍ରିକାଳଦର୍ଶୀ ବ୍ରହ୍ମା ହେଉଛନ୍ତି ସୃଷ୍ଟିକର୍ତ୍ତା । ଏଣୁ ତାଙ୍କୁ ବ୍ରହ୍ମାଙ୍କ ଏକ ରୂପ ଭାବେ ମଧ କଳ୍ପନା କରି ପୂଜା କରାଯାଏ। ପଶ୍ଚିମବଙ୍ଗ ଓ ବିହାରରେ ବିଶ୍ୱକର୍ମାଙ୍କୁ ଶ୍ରୀ ଶ୍ରୀ ନାରାୟଣ ଦେବ ଭାବେ ପୂଜା କରାଯାଏ। ବିଶ୍ୱର ଅନ୍ୟତମ ସୃଷ୍ଟିକର୍ତ୍ତା ହେଉଛନ୍ତି ବିଶ୍ୱକର୍ମା। କେତେକ ଶାସ୍ତ୍ରରେ ବିଶ୍ୱକର୍ମାଙ୍କୁ ବ୍ରହ୍ମା ରୂପେ କଳ୍ପନା କରାଯାଇ ପୂଜାକରାଯାଇଛି ତ କେତେକ ସ୍ଥାନରେ ସ୍ୱୟଂ ବିଶ୍ୱକର୍ମାଙ୍କୁ ବିଷ୍ଣୁ ରୂପରେ ପୂଜା କରାଯାଇଥାଏ । ବିଶକ୍ୱକର୍ମାଙ୍କ ଧ୍ୟାନର ସଂପର୍କରେ ଉଲ୍ଲେଖ ହୋଇଛି - 'ଧ୍ୟାୟେତ୍ ସତ୍ୟଂ ଗୁଣାତୀତଂ ଗୁଣତ୍ରୟ ସମନ୍ୱିତଂ, ଲୋକନାଥ ତ୍ରିଲୋକକେଶଂ କୌସ୍ତୁଭାଭରଣଂ ହରିମ୍ । ଶୁକ୍ଳବର୍ଣ୍ଣଂ ପୀତବସ୍ତ୍ରଂ ଶ୍ରୀ ବତ୍ସପଦ ଭୂଷିତମ୍, ଗୋବିନ୍ଦଂ ଗୋକୁଳା ନନ୍ଦଂ ବ୍ରହ୍ମାଦି ଦେବ ପୂଜିତମ୍ । ଓଁ ସହସ୍ରଶୀର୍ଷ ପୁରୁଷଃ ସହସ୍ରାକ୍ଷଃ ସହସ୍ରପାତ୍, ସଭୂମିଂ ସର୍ବତ ସ୍ପୃଷ୍ଟାତ୍ରା ତିଷ୍ଟଦ୍ଦଶାଙ୍ଗୁଳମ୍ ।'
ମୁଖ୍ୟ କଥାଟି ହେଲା ଭଗବାନଙ୍କୁ ମଣିଷ ନାନା ରୂପରେ କଳ୍ପନା କରିଛି । ଯେତେବେଳେ ସେ ସୃଷ୍ଟି କରନ୍ତି, ସେତେବେଳେ ବ୍ରହ୍ମା ତାଙ୍କର ପାଳନକର୍ତ୍ତା ରୂପ ହେଉଛି ବିଷ୍ଣୁ; ଯେତେବେଳେ ସଂହାର କରନ୍ତି ସେତେବେଳେ ରୁଦ୍ର; ସେହିପରି ତାଙ୍କର ଶିଳ୍ପୀ ରୂପ ହେଉଛି ବିଶ୍ୱକର୍ମା। ସଂକ୍ଷେପରେ ଏତିକି ହିଁ କୁହାଯାଇପାରେ। ଆଶ୍ୱିନ ସଂକ୍ରାନ୍ତି ଦିନରେ ବିଶ୍ୱକର୍ମା ପୂଜା ପାଳନ କରାଯାଏ। ଏହି ପୂଜାରେ ତିଥି, ନକ୍ଷତ୍ର ଓ ମୁହୂର୍ତ୍ତ ଆଦିକୁ ବିଚାରକୁ ନିଆଯାଏନାହିଁ । ଅତୀତରେ ବିଶ୍ୱକର୍ମାଙ୍କ ମୂର୍ତ୍ତି ପୂଜା ପ୍ରଚଳିତ ନ ଥିଲା। କାରିଗରମାନେ ମୁଖ୍ୟତଃ ଆୟୁଧ ପୂଜା କରୁଥିଲେ ଏହି ପବିତ୍ର ଦିନରେ। କେହି କେହି ଘଟ ଓ ଶାଳଗ୍ରାମ ପୂଜା କରୁଥିଲେ। ବିଶ୍ୱକର୍ମାଙ୍କ ରୂପ ସଂପର୍କରେ ପ୍ରାଚୀନ ଶାସ୍ତ୍ରମାନଙ୍କରେ କିଛି ନିର୍ଦ୍ଦିଷ୍ଟ ବର୍ଣ୍ଣନା ନଥିବାରୁ ସଂଭବତଃ ତାଙ୍କର ପ୍ରତିମା ପୂଜା ପ୍ରଚଳିତ ନଥିଲା। ଦେଶରେ ଶିଳ୍ପର ବିକାଶ ପରେ ଦେବଶିଳ୍ପୀଙ୍କର ମୂର୍ତ୍ତି ପୂଜନ ଆରମ୍ଭ ହେଇଥିଲା । ବିଶ୍ୱକର୍ମା ହେଉଛନ୍ତି ସ୍ୱୟଂ ବିଶ୍ୱନିୟନ୍ତା ନାରାୟଣ ତାଙ୍କୁ ସ୍ୱର୍ଗର ଶ୍ରେଷ୍ଠ ଶିଳ୍ପୀ ରୂପେ ପୂଜିତ କରାଯାଏ । ଓଡ଼ିଆଙ୍କ ଚଳଣୀ ଓ ଲୋକସଂସ୍କୃତିରେ ବିଶ୍ୱକର୍ମା ପୂଜାର ସ୍ୱତନ୍ତ୍ରତା ରହିଛି ।



+ଲିଙ୍ଗାପଡ଼ା, ଧବଳେଶ୍ୱର, କଟକ,
ମୋ: ୯୭୭୮୪୪୯୧୧୯

## କବିତା କୋଣାର୍କ

### ଦେବ ଶିଳ୍ପୀ ବିଶ୍ୱକର୍ମା

**ଶ୍ରୀ ଶ୍ୟାମା ପ୍ରସାଦ ମିଶ୍ର**

ଦେବଶିଳ୍ପୀ ବିଶ୍ୱକର୍ମା ମହାଯତି ତୁମେ ତ ଦିବ୍ୟ ସ୍ଥପତି,
ସମଗ୍ର ବ୍ରହ୍ମାଣ୍ଡ ପରମ ନିର୍ମାତା ବିଶ୍ୱର ପ୍ରଥମ ଯନ୍ତ୍ରୀ ।
ସରଗ ମରତ ପାତାଳ ଆଦି ଯେ ରହିଅଛି ଯେତେ ପୁର,
ସେ ମଧ୍ୟେ ରହିଛି ଗିରି ବନ ନଭ ସଂସାର ଦିଶେ ସୁନ୍ଦର ।
ସ୍ୱର୍ଗପୁର ଯହିଁ ସୁରଗଣ ସୁଖେ କରି ରହିଛନ୍ତି ବାସ,
ଇନ୍ଦ୍ରଙ୍କ ଭୁବନେ ନନ୍ଦନ-ବିପିନେ ଝଳେ ତବ ଦିବ୍ୟ ସ୍ପର୍ଶ।
ସ୍ୱ-ହସ୍ତେ ଗଢିଲ ସ୍ୱର୍ଣ୍ଣ ଲଙ୍କା ପୁରୀ ଲଙ୍କପତି ରାବଣର ,
ତୁମ ଯାଦୁକରୀ ହାତରେ ରହିଛି ସମଗ୍ର ମେଦିନୀ ଭାର।
ଦ୍ୱାରକାଧୀଶଙ୍କୁ ସମର୍ପିଲ ପ୍ରଭୁ ତୋଳି ଦ୍ୱାରକାନଗରୀ,
ପାଣ୍ଡବେ ଅର୍ପିଲ ଅଭୂତପୂର୍ବ ଯା' ନାମ ଇନ୍ଦ୍ରପ୍ରସ୍ଥପୁରୀ।
ଦେବରାଜ ଇନ୍ଦ୍ରେ ଦେଇଥିଲ ବଜ୍ର ନାମେ ସେ ଅଦ୍ଭୁତ ଅସ୍ତ୍ର,
ହିମାଳୟସୂତା-ନାଥଙ୍କୁ ଦେଇଛ ପିନାକ ତ୍ରିଶୂଳ ଶସ୍ତ୍ର।
ଦେବାଧିଦେବତା ବିଷ୍ଣୁଙ୍କୁ ଅର୍ପଣ କଲ ସୁଦର୍ଶନ ଚକ୍ର,
ତୁମ ହାତେ ଗଢା ସୁଦର୍ଶନ ଚକ୍ରେ ନାଶ ଯାଉ ଦୁଃଖ-ନକ୍ର ।
କନ୍ୟା ସଂକ୍ରାନ୍ତିର ଶୁଭ ଲଗନରେ ଧରା ପୃଷ୍ଠେ ଅବତର ,
ପୂଜାର୍ଚ୍ଚନା ଘେନ ହେ ଦେବ ସ୍ଥପତି ଶ୍ୟାମା କରେ ନମସ୍କାର।



+ କ୍ରମାଗତ ୨ୟ ଥର ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରାପ୍ତ ପ୍ରକୃତି ବନ୍ଧୁ ଶିକ୍ଷକ,
ପି ଏମ୍ ଶ୍ରୀ ଉପେନ୍ଦ୍ର ଭଞ୍ଜ ଉଚ୍ଚ ବିଦ୍ୟାଳୟ, ଭଞ୍ଜନଗର, ଗଞ୍ଜାମ,
ମୋ: ୯୦୯୦୫୦୭୯୫୫

# ଶ୍ୟାମଳ ସ୍ମୃତି

## ସୁଷମା ପରିଜା



ଏବେ ଏବେ ଯାଇଛି ଗୁରୁ ଦିବସ। ଗୁରୁମାନଙ୍କ ପ୍ରତି କେତେ ଶ୍ରଦ୍ଧା ସମ୍ମାନ, କେତେ ଆନ୍ତରିକତାର ଆମେ ସମସ୍ତେ ପାଳନ କରିଛେ ଦେଶର ସମସ୍ତ ଶିକ୍ଷାନୁଷ୍ଠାନ ମାନଙ୍କରେ। ଗୁରୁ ଶବ୍ଦର ଗୁରୁତ୍ୱ, ଗୁରୁଙ୍କ ମହାନତା, ଆମ ଜୀବନ ଗଢ଼ିବାରେ ଗୁରୁଙ୍କ ଅବଦାନ ଇତ୍ୟାଦି ବିଷୟରେ ବିଶେଷଜ୍ଞମାନଙ୍କ ଅନେକ ଆଲୋଚନା ଶୁଣିଛେ ଏବଂ ହୃଦୟଙ୍ଗମ ମଧ୍ୟ କରିଛେ ।

ଶାସ୍ତ୍ର ମତରେ ମଣିଷଶିଶୁ ଟିଏ ମାତୃ ଗର୍ଭ ରେ ଥିବା ସମୟରେ ସର୍ବମୟ କର୍ତ୍ତା ଈଶ୍ୱର ତା' ର ଗୁରୁ, ଜନ୍ମଗ୍ରହଣ କରି ଭୂମିଷ୍ଠ ହେବା ପରେ ମାତା ତା'ର ପ୍ରଥମ ଗୁରୁ, ତା' ପରେ ଶିକ୍ଷା ଗୁରୁ, ଦୀକ୍ଷା ଗୁରୁ ଇତ୍ୟାଦି ଇତ୍ୟାଦି ଅନେକ ଗୁରୁ ଆସିଥାନ୍ତି ତା' ଜୀବନରେ, ଯେଉଁମାନେ ତା'କୁ ନିଜର ଛତ୍ରଛାୟା ତଳେ ରଖି, ଜ୍ଞାନାଲୋକ ପ୍ରଦାନ କରି ମଣିଷ ଭଳି ମଣିଷଟିଏ କରି ଗଢିଥାନ୍ତି। ଅର୍ଥାତ୍ ମନୁଷ୍ୟ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଗୁରୁ ଆଶ୍ରିତ ରହି ତା'ର ବାଲ୍ୟ ଶୈଶବ କୈଶୋର ଯୁବା, ପ୍ରୌଢ଼ ଏବଂ ବାର୍ଦ୍ଧକ୍ୟ ଅବସ୍ଥା ବିତାଇଥାଏ। ସେଇଥିରେ ତା' ର ଜୀବନ ସାର୍ଥକ ହୁଏ।

ମଣିଷ ଜୀବନର ସର୍ବୋତ୍କୃଷ୍ଟ ଅବସ୍ଥା ହେଉଛି କୈଶୋର। ଶୈଶବ ଅଜ୍ଞାନ, ଯୌବନ ଉଗ୍ର ଏବଂ ବାର୍ଦ୍ଧକ୍ୟ ଅନାସକ୍ତ କିନ୍ତୁ କୈଶୋର ନିର୍ମଳ ଏବଂ ସବୁବେଳେ ଅନୁସନ୍ଧିତ୍ସୁ । ସେହି ସମୟରେ ପିଲାଟିଏ ମନରେ ସବୁକଥା ଜାଣିବାର ଆଗ୍ରହ ଥିଲା ହେତୁ ତା'ଜୀବନ ର ଲକ୍ଷ୍ୟ କ'ଣ ଏବଂ ଲକ୍ଷ୍ୟ ହାସଲ କରିବାକୁ ହେଲେ କ'ଣ କରିବାକୁ ପଡ଼ିବ ସେ କଥା ସିଏ ମନେମନେ ସ୍ଥିର କରି ନିଏ। କହିବାକୁ ଗଲେ ତା' ଭବିଷ୍ୟତ ଜୀବନର ମୂଳଦୁଆ ସେଇଠୁ ପଡ଼ିଥାଏ। ସେ ସମୟରେ ତା' ଜୀବନରେ ଯେଉଁମାନେ ଥାଆନ୍ତି ଯେମିତି କି ବାପା ମାଆ ଭାଇ ଭଉଣୀ ବନ୍ଧୁ ସ୍କୁଲ୍‌ର ଶିକ୍ଷକ ଶିକ୍ଷୟିତ୍ରୀ ଇତ୍ୟାଦିଙ୍କଠାରୁ ସେ ଅନେକ କିଛି ଶିଖିଥାଏ। ଅନେକ ସ୍ଥଳରେ ସେମାନଙ୍କୁ ଆଦର୍ଶ ରୂପେ ଗ୍ରହଣ କରି ସେମାନଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସେମାନଙ୍କୁ ଅନୁକରଣ କରିଥାଏ। ଯଦିଓ ଗୁରୁମାନେ ସମସ୍ତେ ଈଶ୍ୱର ତଥାପି କେହି କେହି ଶିକ୍ଷକ କାଳକ୍ରମେ ମଣିଷ ମନରୁ ପାଶୋରି ହୋଇ ଯାଆନ୍ତି ଏବଂ ଆଉ କେହି କେହି ସ୍ୱଗୁଣରେ ମହତ୍ତର ହୋଇ ସାରା ଜୀବନ ମନେ ରୁହନ୍ତି। ଆଜି ସେମିତି ଜଣେ ମହତ୍ତର ଗୁରୁଙ୍କ କଥା ଲେଖିବାକୁ ଚାହୁଁଛି, ଯିଏ ଦିନେ ମୋ' ଜୀବନ ଆକାଶରେ ଧ୍ରୁବତାରା ହୋଇ ଆସିଥିଲେ। ଆମ ସ୍କୁଲରେ ତାଙ୍କର ଅଳ୍ପ ସମୟର ଚାକିରି କାଳ ମଧ୍ୟରେ ସିଏ ମୋ' ଜୀବନରେ ଯେଉଁ ଛାପ ଛାଡି ଯାଇଥିଲେ, ସେଇ ଛାପ ମୋତେ ଆଜି ମଧ୍ୟ ମୋତେ ଭୂମିଲଗ୍ନା କରି ରଖିଛି । କୋଟି କୋଟି ପ୍ରଣାମ ତାଙ୍କ ଚରଣରେ ।

ମୁଁ ପଢୁଥିଲି କଟକର ଥୋରିଆ ସାହି ସ୍ଥିତ ମ୍ୟୁନିସିପାଲ ଗାର୍ଲ୍ସ ହାଇସ୍କୁଲ୍‌ରେ। ୧୯୬୯ ମସିହାର କଥା। ସେତେବେଳକୁ ମୋ'ର ସପ୍ତମ ଶ୍ରେଣୀ। ଆମ ବେଳେ ଥିଲା ପଞ୍ଚମ ଓ ସପ୍ତମ ଶ୍ରେଣୀରେ ବୋର୍ଡ଼ ପରୀକ୍ଷା। ଭଲ ପାଠ ପଢୁଥିଲେ ମଧ୍ୟ ମାର୍ଚ୍ଚ ମାସରେ ହେବାକୁ ଥିବା ବୋର୍ଡ଼ ପରୀକ୍ଷା ପାଇଁ ମନରେ ଭୟ ଥାଏ। ଠିକ୍ ସେହି ସମୟରେ ଅଗଷ୍ଟ ମାସରେ ଆମ ସ୍କୁଲ୍‌ରେ ଆସି ବିଜ୍ଞାନ ଶିକ୍ଷୟତ୍ରୀ ଭାବେ ଯୋଗଦେଲେ ସୁଶ୍ରୀ ସୁରେଖା ସାମଲ। ଅଫିସ୍‌ରେ ବଡ଼ ଗୁରୁମା'ଙ୍କ ପାଖରେ ଜଏନିଙ୍ଗ୍ ଲେଟର୍ ଦେବା ପରେ ସେ ତାଙ୍କୁ ପଠାଇଦେଲେ ଆମ ଶ୍ରେଣୀରେ ବିଜ୍ଞାନ ପଢାଇବା ପାଇଁ। ତାଙ୍କର ପ୍ରଥମ ଚାକିରିର ପ୍ରଥମ କ୍ଲାସ୍ ଆମଠାରୁ ଆରମ୍ଭ। ତାଙ୍କ ମନରେ ଯେତିକି ଭୟ ଯେତିକି ଉତ୍କଣ୍ଠା.. ଆମମାନଙ୍କ ମଧ୍ୟରେ ମଧ୍ୟ ସେତିକି ସଂଶୟ, ସେତିକି ଆତୁରତା। ମାତ୍ର ଏକୋଇଶି ବର୍ଷର ସଦ୍ୟ ବି ଏସ୍ ସି ପାଶ୍ କରି ଆସିଥିବା ତରୁଣୀ। ଫିନ୍ ଫିନ୍ ଗୋରା ରଙ୍ଗର ପତଳା ଲମ୍ବା ଚେହେରାକୁ ମୁଣ୍ଡରେ ଅଧା କପାଳକୁ ଢାଙ୍କି ରହିଥିବ। କୁଞ୍ଚ କୁଞ୍ଚିଆ ଚୁଟି ଆଉ ପଛପଟକୁ ସାପ ଭଳି ଝୁଲୁଥିବା ଲମ୍ବା ବେଣୀରେ ସିଏ ଦିଶୁଥିଲେ ଆମର ବଡ଼ ଭଉଣୀ ଅର୍ଥାତ୍ ଆମର ବଡ଼ କ୍ଲାସ୍‌ରେ ପଢୁଥିବା ପିଲାମାନଙ୍କ ଭଳି। ପାଠ ପଢାରେ ତାଙ୍କର ପାରଦର୍ଶିତା ନେଇ ଆମେ ସନ୍ଦିହାନ ଥିଲୁ। କାରଣ ଷଷ୍ଠ ଶ୍ରେଣୀରେ ଆମକୁ ବିଜ୍ଞାନ ପଢ଼ାଉଥିଲେ ଶ୍ରୀ ଗଜେନ୍ଦ୍ର ପାଣି ସାର। ଖୁବ୍ ପ୍ରାଜ୍ଞ ବିଜ୍ଞ ସ୍ନେହଶୀଳ ଶିକ୍ଷକ। କୌଣସି ପାଠ ବୁଝି ପାରୁନଥିଲେ ଅନାୟାସରେ ବୁଝାଇ ଦେଉଥିଲେ ସେ। ଆମେ ଖୁବ୍ ସହଜ ଥିଲୁ ସାର୍‌ଙ୍କ ପାଖରେ। ଇଏ କେଉଁଠୁ ଆସିଲେ ? ଆମକୁ କେମିତି ପାଠ ପଢ଼ାଇବେ ? ଆମେ ବୁଝି ପାରିବୁ କି ନାହିଁ ? ସେଇ ଚିନ୍ତାରେ ଚୁପ୍ ବସିଥିବା ଆମ ମୁହଁକୁ ସେ ବୁଝି ପାରିଲେ ବୋଧହୁଏ। ତାଙ୍କର ଶାନ୍ତ ସ୍ନିଗ୍ଧ ମୁଖମଣ୍ଡଳରେ ହରିଣୀ ଭଳି ଆଖି ଦୁଇଟି ଖୁବ୍ ଉଜ୍ଜ୍ୱଳ ଥିଲା। ମୁହଁରେ ଅମାୟିକ ହସଟିଏ ଖେଳାଇ ସେ କହିଲେ... "ପିଲାମାନେ, ଆଜି ଆମେ ପାଠ ପଢ଼ିବା ନାହିଁ, ଆଗେ ଆମେ ପରସ୍ପରକୁ ଜାଣିବା, ତା' ପରେ ପାଠ ପଢ଼ିବା। ତାଙ୍କର ସେ ହସରେ କି କିମିଆଁ ଥିଲା କେଜାଣି, ଆମେ ସମସ୍ତେ ସେଥିରେ ମୋହିତ ହୋଇ ପଡ଼ିଲୁ। ତାଙ୍କର ଟେବୁଲ୍ ସାମ୍ନାରେ କ୍ଲାସ୍‌ର ପ୍ରଥମ ଧାଡ଼ିରେ ବସିଥିବା ମୋ' ଗୋଲ୍ ମଟୋଲ୍ ଚେହେରା ପାଖରୁ ତାଙ୍କର ପରିଚୟ ଆଦାନ ପ୍ରଦାନ କାର୍ଯ୍ୟକ୍ରମ ଆରମ୍ଭ ହେଲା। ସେ ମୋ' ଆଡ଼କୁ ଚାହିଁ କହିଲେ ମୋ' ନାଆଁ ସୁରେଖା ସାମଲ, ଘର କଟକର ତୁଳସୀପୁର, ତୁମର...? ତାଙ୍କର ନାଆଁ ଶୁଣି ଚମକି ପଡ଼ିଥିଲି ମୁଁ... ଆରେ, ଇଏ ତ' ମୋ ବୋଉର ନାଆଁ !!! ସେ ଦିଶୁଥିଲେ ମଧ୍ୟ ମୋ' ବୋଉର ଛୋଟ ସଂସ୍କରଣ ଭଳି। ତାଙ୍କର କୋମଳ କଣ୍ଠସ୍ୱର ଆକର୍ଷଣ କରୁଥିଲା ମୋତେ।

ମୋ' ପରେ ସହପାଠିନୀ ମାନେ ଜଣ ଜଣ କରି ସେମାନଙ୍କ ପରିଚୟ ଦେବାରେ ଲାଗିଥିଲେ, ମୁଁ କିନ୍ତୁ ନିର୍ନିମେଷ ନୟନରେ ଚାହିଁ ରହିଥିଲି ତାଙ୍କୁ। ମାତ୍ର କୋଡିଏ ପଚିଶି ଜଣ ଥିଲୁ ଆମେ। ପରିଚୟ ପର୍ବ ଶେଷ ହେବା ପରେ ସେ କଳାପଟା ଆଡ଼କୁ ମୁହଁ କରି ସେଥିରେ ସେଦିନର ତାରିଖ ଲେଖିଲେ। ତାଙ୍କର ଅକ୍ଷର ଗୁଡିକ ମୁକ୍ତା ଭଳି ଗୋଲଗୋଲ ଆଉ ସୁନ୍ଦର ଥିଲା। ପାଠ ପଢ଼ାଇ ସାରି ସେ କିଛି ପ୍ରଶ୍ନ ଲେଖିଲେ କଳାପଟାରେ। ଆମକୁ ଉତ୍ତର ଲେଖି ଖାତା ତାଙ୍କୁ ଦେବାକୁ କହିଲେ। ଆମେ ତାହା ହିଁ କଲୁ। ସେଦିନର କ୍ଲାସ୍ ସେଇଠି ସରିଲା। ଟିଫିନ୍ ଛୁଟି ଆଉ ଘର ଛୁଟି ପର୍ଯ୍ୟନ୍ତ କେବଳ ତାଙ୍କରି ଆଲୋଚନାରେ ସରିଲା।

ତା' ପରଦିନଠାରୁ ଆମେ ତାଙ୍କ କ୍ଲାସ୍‌କୁ ଆଗ୍ରହରେ ଅପେକ୍ଷା କରି ରହିଲୁ। ଖୁବ୍ ସୁନ୍ଦର ଭାବରେ ଅଙ୍କ ଏବଂ ବିଜ୍ଞାନ ପଢ଼ାଉଥିଲେ ସୁରେଖା ଗୁରୁମା' । ଜଟିଳରୁ ଜଟିଳତର ଅଙ୍କର ସହଜ ସମାଧାନ ବତାଇ ଦେଉଥିଲେ। ବିଜ୍ଞାନର ଗୂଢ ଅଧ୍ୟାୟ ଗୁଡ଼ିକ ବାରମ୍ବାର ବୁଝାଇ ଦେଉଥିଲେ ଶ୍ରେଣୀ ଗୃହରେ। ବେଳେବେଳେ ଆମ ମୁହଁ ଦେଖି ବୁଝି ନେଉଥିଲେ ଆମ ମନର ଅବସ୍ଥା। ସ୍ନେହରେ ପଚାରୁଥିଲେ... "କ' ଣ ହୋଇଛିରେ ? ଆଜି କାହିଁକି ଶୁଖିଲା ଦିଶୁଛୁ ? ଘରୁ ଖାଇକି ଆସିନୁ ନା' ମା' ଠୁ ଗାଳି ଖାଇକି ଆସିଛୁ ?"

ଗୁରୁମା' ଆମର ଖାତା ଗୁଡ଼ିକ ସଂଶୋଧନ କରି ଫେରାଇବା ବେଳେ ମୋ' ଭଳି ସୁନ୍ଦର ହସ୍ତାକ୍ଷର ଥିବା ପିଲାଙ୍କୁ ପ୍ରଶଂସା କରିବା ସହିତ ଅନ୍ୟ ମାନଙ୍କୁ ଏମାନଙ୍କ ଭଳି ଲେଖିବାକୁ ଚେଷ୍ଟା କର ବୋଲି କହିଲେ। ଧୀରେ ଧୀରେ ଆମ ମାନଙ୍କ ମଧ୍ୟରେ ଆତ୍ମୀୟତା ବଢ଼ିଲା। ମୁଁ ଏବଂ ମୋ'ର କିଛି ସାଙ୍ଗ ତାଙ୍କର ଘନିଷ୍ଠ ହୋଇ ଯାଇଥିଲୁ। ଆମକୁ ସେ ଶିକ୍ଷୟତ୍ରୀ କମ୍ ବଡ଼ ଭଉଣୀ ବେଶୀ ଲାଗୁଥିଲେ। ଆମେ ତାଙ୍କୁ ଯେମିତି ନିଜର ଭାବି ମନକଥା, ଘର ପରିବାର କଥା ଖୋଲି କହିବାକୁ ସାହସ କରୁଥିଲୁ, ସିଏ ମଧ୍ୟ ସେମିତି ଆମ ମାନଙ୍କୁ ତାଙ୍କର ଘର ପରିବାର କଥା ତାଙ୍କ ଭାଇ ଭଉଣୀଙ୍କ କଥା ମନଖୋଲି କହୁଥିଲେ। ଆମେ ପର୍ବ ପର୍ବାଣୀରେ ତାଙ୍କୁ ଫଳ ମିଠା ଦେଲେ ସେ ବଡଦିନରେ କେକ୍ ସହ ଉପହାର ଦେଉଥିଲେ ଆମକୁ।

କିନ୍ତୁ ଆମର ସେଇ ସୁଖ ବେଶୀଦିନ ରହିଲା ନାହିଁ। ତାଙ୍କ ଯୋଗଦେବାର ଠିକ୍ ଦୁଇବର୍ଷ ପରେ ୧୯୭୨ ମସିହା ଅଗଷ୍ଟ ମାସରେ ସେ ଆମ ସ୍କୁଲ୍‌ରୁ ବିଦାୟ ନେଲେ କଟକର ବକ୍‌ଲେ ଗାର୍ଲ୍ସ ହାଇସ୍କୁଲ୍‌ରେ ଯୋଗଦେବାକୁ । ଆମ ସ୍କୁଲରୁ ତାଙ୍କର ବିଦାୟ ନେବା ଆମ ପାଇଁ ଖୁବ୍ ଦୁଃଖ ଦାୟକ ଥିଲା। ଆମକୁ ଦୁଃଖିତ ହେବାର ଦେଖି ସେ ଆମ ମାନଙ୍କୁ ତାଙ୍କ ସାଙ୍ଗରେ ନେଇ ବକ୍ସି ବଜାର ଫଟୋଲାଇଫ୍ ଷ୍ଟୁଡିଓରେ ଗୋଟିଏ ଗ୍ରୁପ୍ ଫଟୋ ଉଠାଇଥିଲେ। ଆମକୁ ତାଙ୍କ ଘରକୁ ନେଇଥିଲେ ଏବଂ ତାଙ୍କ ପରିବାର ସହିତ ପରିଚିତ କରାଇ ଦେଇଥିଲେ "ଏମାନେ ମୋର ପ୍ରିୟ ଛାତ୍ରୀ, ମୋତେ ବହୁତ ଭଲ ପାଆନ୍ତି"। ତାଙ୍କର ପରିବାରର ସମସ୍ତେ ଆମକୁ ଖୁବ୍ ସ୍ନେହ ଆଦର କରିଥିଲେ। ସେଠାରୁ ଜଳଖିଆ ଖାଇ ଆମେ ଫେରିବା ବେଳେ ଗୁରୁମା' କହିଥିଲେ "ମୁଁ ଏଇଠି ରହିବି, ତୁମମାନଙ୍କର ଯେତେବେଳେ ଯାହା ଦରକାର ହେବ, ତୁମେ ଆସିବ ଏଠିକି, ମୁଁ ନିଶ୍ଚିତ ଭାବରେ ତୁମକୁ ସାହାଯ୍ୟ କରିବି"। ଆମ ଆଖିରେ ଲୁହ ରହିନଥିଲା।

ଆମ ବିଦ୍ୟାଳୟରେ ତାଙ୍କର ବିଦାୟ ସମ୍ବର୍ଦ୍ଧନା ସମୟରେ ସମସ୍ତେ ତାଙ୍କର କାର୍ଯ୍ୟର ପ୍ରଶଂସା କରିଥିଲେ। କିଛି ଦିନ ପରେ ଆମ ସ୍କୁଲ୍‌ରେ ସୁରେଖା ଗୁରୁମା'ଙ୍କ ସ୍ଥାନରେ ଯୋଗ ଦେଲେ ସୁଶ୍ରୀ ବିଦେହଲକ୍ଷ୍ମୀ ପଟ୍ଟନାୟକ। ସେ ମଧ୍ୟ ଜଣେ ଭଲ ଶିକ୍ଷୟତ୍ରୀ ଥିଲେ କିନ୍ତୁ ଆମେମାନେ ତାଙ୍କର ଏତେ ନିକଟତର ହୋଇପାରି ନଥିଲୁ। ସ୍କୁଲ୍ ପାଠ ସରିବା ଯାଏଁ ସୁରେଖା ଗୁରୁମା'ଙ୍କର ସ୍ଥାନ ଆମ ମାନଙ୍କ ମନରେ ସେମିତି ଅପୂରଣୀୟ ହୋଇ ରହିଥିଲା। ସେ ଆମର ଆଦର୍ଶ ହୋଇ ରହିଥିଲେ। ଆମେ ତାଙ୍କ ଭଳି ସୁନ୍ଦର ହସ୍ତାକ୍ଷର ଲେଖିବାକୁ, ତାଙ୍କ ଭଳି ସୁନ୍ଦର କଥା କହିବାକୁ , ତାଙ୍କ ଭଳି ଭଲ ପାଠ ପଢି ମଣିଷ ହେବାକୁ ମନେ ମନେ ଶପଥ ନେଇଥିଲୁ।

ସମୟ କାହାକୁ ଅପେକ୍ଷା କରେ ନାହିଁ, ତା' ଆପଣା ଗତିରେ ଗଡ଼ି ଚାଲେ। ଆମେ ସମସ୍ତେ ସେମିତି ନିଜ ନିଜ ଜୀବନ ପଥରେ ଆଗକୁ ଆଗକୁ ବଢ଼ି ଚାଲିଥିଲୁ। ବାହାସାହା ହୋଇ ଘର ସଂସାର ଦାୟିତ୍ୱ, ଚାକିରି ବାକିରି ଜଞ୍ଜାଳରେ ଏମିତି ଛନ୍ଦି ହୋଇ ପଡ଼ିଲୁ ଯେ କେହି କାହାର ଖବର ଅନ୍ତର ବୁଝିବା କି ଯୋଗାଯୋଗରେ ରହିବାର ସୁଯୋଗ ମଧ୍ୟ ପାଇଲୁ ନାହିଁ। ଅବସର ପରେ କିଛି ସମୟ ମିଳିବାରୁ ପୁଣିଥରେ ଅତୀତର କୈଶୋରକୁ ସାଉଁଟି ବସିଲୁ। ସ୍କୁଲ୍ ସାଙ୍ଗ ମାନଙ୍କ ମଧ୍ୟରୁ କିଏ କେମିତି ହଜି ଗଲେଣି ଯା' ଭିତରେ। ଖୋଜାଖୋଜି କରି ଯେଉଁ କେତୋଟି ମିଳିଲେ ସେଇମାନଙ୍କୁ ନେଇ ଏବେ ଆମେ ଯୋଗସୂତ୍ର ରକ୍ଷା କରିଛୁ। କେବେ କେବେ ସ୍କୁଲ୍ ଜୀବନର ସ୍ମୃତି ଚାରଣ କରୁଥିବାବେଳେ ମନେ ପଡିଯାନ୍ତି ସୁରେଖା ଗୁରୁମା'। ବହୁତ ଯୋଗାଡ଼ ଯନ୍ତ୍ର କରି ତାଙ୍କର ଠିକଣା ପାଇଲୁ। ଯୋଜନା କରି ଗତ ବୁଧବାର ଦିନ ଆମେ ଚାରିଜଣଯାକ ସାଙ୍ଗ ପହଞ୍ଚିଲୁ ତାଙ୍କ ସୂତାହାଟ ଠିକଣାରେ।

"ସୂତାହାଟ ଖ୍ରୀଷ୍ଟିଆନ୍ ସାହିର ଚର୍ଚ୍ଚ ପାଖରେ ତାଙ୍କ ସ୍ୱାମୀଙ୍କ ପୂର୍ବ ପୁରୁଷମାନଙ୍କର ଦୁଇ ମହଲା କୋଠା ଘରେ ରହୁଛନ୍ତି ଗୁରୁମା।'"

ମାତ୍ର ଏଣିକି ସୂଚନା ଥିଲା ଆମ ପାଖରେ.. ଆଉ ଆମ ମନରେ ତାଙ୍କୁ ଥରୁଟିଏ ଭେଟିବାର ତୀବ୍ର ଇଚ୍ଛା .. ଅନେକ ପ୍ରଶ୍ନ...

୧୯୪୮ରୁ ୨୦୨୬ ... ଦୀର୍ଘ ୭୫ ବର୍ଷର ଜୀବନ ଯାତ୍ରାରେ ଗୁରୁମା' ନିଶ୍ଚୟ ଅନେକ ସୁଖ ଦୁଃଖର ସାମ୍ନା କରିଥିବେ । କେମିତି ଥିବ ତାଙ୍କର ସେ ଜୀବନ ? ବର୍ତ୍ତମାନ କେମିତି ଥିବ ସେ ..? ଏତେ ବର୍ଷ ପରେ ଆମକୁ ଦେଖି ଚିହ୍ନି ପାରିବେ ତ' ..??

ଏମିତି ଅନେକ ଭାବନା ଭିତରେ ଥାଇ ଆମେ ତାଙ୍କ ଘରର କଲିଙ୍ଗ୍ ବେଲ୍‌ରେ ହାତ ରଖିଲୁ। ବେଲ୍‌ର ଶବ୍ଦ ଶୁଣି ତାଙ୍କର ପୁତୁରବୋହୂ ଆସି କବାଟ ଖୋଲିଲେ। ଆମେ ସୁରେଖା ଗୁରୁମା'ଙ୍କର ଛାତ୍ରୀ, ତାଙ୍କୁ ଭେଟିବାକୁ ଆସିଛୁ ବୋଲି କହିବାରୁ ସେ ଖୁବ୍ ଖୁସିରେ ଆମମାନଙ୍କୁ ତାଙ୍କର ବୈଠକ ଘରେ ବସାଇ ଦ୍ୱିତୀୟ ମହଲାରେ ରହୁଥିବା ଗୁରୁମା'ଙ୍କୁ ଖବର ଦେବାକୁ ବାହାରି ଗଲେ। କିଛି ସମୟ ପରେ ପୁତୁରା ବୋହୂଙ୍କ ହାତ ଧରି ଧୀରେ ଧୀରେ ପାହାଚ ଓହ୍ଲାଇ ଆସୁଥିବା ଗୁରୁମା'ଙ୍କ ଚେହେରା ଦୃଶ୍ୟମାନ ହେଲା। ଆମେ ଆନନ୍ଦରେ ପୁଲକିତ ହୋଇ ସୋଫାରୁ ଉଠି ପଡ଼ିଲୁ। ଗୁରୁମା'ଙ୍କ ଆଖିରେ ଅଜସ୍ର ପ୍ରଶ୍ନବାଚୀ !! ଆମେ ଦେଖିଲୁ ତାଙ୍କ ଚେହେରା ଟିକିଏ ହେଲେ ବଦଳି ନାହିଁ ହେଲେ ସମୟର ପ୍ରବାହ ତାଙ୍କର କଳା କେଶକୁ ସମ୍ପୂର୍ଣ୍ଣ ଧଳା କରି ଦେଇଛି। ଶରୀର ଟିକିଏ ଦୁର୍ବଳ ହୋଇଛି ସିନା ମୁହଁର ଔଜଲ୍ୟ କମିନାହିଁ। ଟିକିଏ ପାଖକୁ ଆସି ଗୁରୁମା' ନିରିଖେଇ ଦେଖିଲେ ଆମକୁ, ତା' ପରେ ସେଇ ଚିରାଚରିତ ହସ ଉକୁଟି ଉଠିଲା ତାଙ୍କ ମୁହଁରେ, ମୋ' ଆଡ଼କୁ ଆଙ୍ଗୁଠି ଦେଖେଇ କହିଲେ "ଇଏ ଟିକେ ମୋଟା ହେଇ ଯାଇଛି ତ' !! ଆଉ ସମସ୍ତେ ଠିକ୍ ଅଛ, ଚିହ୍ନୁଛି, ହେଲେ ନାଆଁ ମନେ ପକାଇ ପାରୁନି"। ପଦ୍ମା ସୁଧା ମାଳତୀ ଆଉ ମୁଁ ମିଶି କୁଣ୍ଢେଇ ପକାଇଲୁ ତାଙ୍କୁ । ସେ ଛଳଛଳ ହେଲେ, ପୁତୁରା ବୋହୂଙ୍କୁ କହିଲେ " ଆରେ ଏତେ ଦିନ ପରେ ମୋ' ପିଲାମାନେ ଆସିଛନ୍ତି, ତାଙ୍କ ପାଇଁ ଟିକିଏ କ'ଣ ଆଣିଦେ' .."। ତାଙ୍କର ମୁହଁ ଖୁସିରେ ଉଜ୍ଜ୍ୱଳ ଦିଶୁଥିଲା। ଆମ କୋଳାହଳ ଶୁଣି ଘର ଭିତରୁ ବାହାରି ଆସିଥିଲେ ଗୁରୁମା'ଙ୍କର ବଡ ଯାଆ। ଆମକୁ ଦେଖି ସମସ୍ତେ ଖୁସି ହେଉଥିଲେ।

ଗୁରୁ ମା'ଙ୍କ ଯାଆ କହିଲେ ବୋଧହୁଏ ଦୁଇବର୍ଷ ପରେ ଆଜି ମୁଁ ସୁରେଖାର ମୁହଁରେ ହସ ଦେଖୁଛି। ମୋ' ଦିଅର ଅସିତ୍ ଚୌଧୁରୀର ଦୁଇ ବର୍ଷ ତଳେ ଓପନ୍ ହାର୍ଟ୍ ସର୍ଜରୀ ହୋଇଥିଲା, ବହୁତ କଷ୍ଟ ପାଉଥିଲେ, ଏଇ ବର୍ଷ ଜାନୁଆରୀ ଦଶ ତାରିଖରେ ଚାଲିଗଲେ। ଷ୍ଟୁଆର୍ଟ କଲେଜ୍‌ରେ ପ୍ରଫେସର ଥିଲେ। ଅବସର ପରେ ରୋଗା ହୋଇଗଲେ। ସୁରେଖାକୁ ବହୁତ ଭଲ ପାଉଥିଲେ। ସେ ତାଙ୍କର ବହୁତ ସେବା ଯତ୍ନ କରିଛି। ପିଲାମାନେ ନିଜ ନିଜର ସ୍ଥାନ ରେ ପ୍ରତିଷ୍ଠିତ। ଏବେ ତା' ପୁଅ ଢେଙ୍କାନାଳ ସରକାରୀ କଲେଜରେ ପ୍ରଫେସର, ବୋହୂ ଭୁବନେଶ୍ୱରରେ ଭଲ ସ୍କୁଲରେ ଚାକିରି କରିଛନ୍ତି, ଝିଅ ଦୁଇଜଣ ବାହାସାହା ହୋଇ ତାଙ୍କ ସଂସାର ନେଇ ବିଦେଶରେ ରହିଲେ, ଇଏ ଏଠି ଏକୁଟିଆ ଆମ ପାଖରେ, ଖୁବ୍ ଦୁଃଖରେ ଅଛି ବିଚରା.. ତୁମେମାନେ ଆସିଲ, ଖୁବ୍ ଭଲ କଲ.."।

ଗୁରୁମା'ଙ୍କର ଆଖି ଲୁହ ଧୀରେ ଧୀରେ ଆମ ଆଖିକୁ ସଞ୍ଚରିତ ହେଉଥିଲା। ବୋଧହୁଏ ଗୁରୁମା' ଭାବୁଥିଲେ "ତୁମେମାନେ ଆଉ ଟିକିଏ ଆଗରୁ ଆସିନଥାନ୍ତ !! ମୋ' ହସଖୁସିର ସଂସାର ଦେଖି ଖୁସି ହୋଇଥାନ୍ତ !! ଅକାରଣରେ ତୁମେମାନେ ଦୁଃଖ ପାଇଲ !" ଆମେ କଥାବାର୍ତ୍ତା କରି ତାଙ୍କ ମନ ବୁଝାଇବାକୁ ଚେଷ୍ଟା କରି ସଫଳ ହେଲୁ। ଉତ୍ତରୀୟଟିଏ ଦେଇ ତାଙ୍କ ସହିତ ଫଟୋ ଉଠାଇଲୁ। ବହୁତ ବହୁତ ଆଶୀର୍ବାଦ କଲେ ସେ। ପୁଣିଥରେ ତାଙ୍କୁ ସାକ୍ଷାତ କରିବାକୁ ଆସିବୁ କହି ବିଦାୟ ନେଲୁ ଗୁରୁମା'ଙ୍କ ନିକଟରୁ। ଉତ୍ତର ବୟସରେ ଗୁରୁ ଶିଷ୍ୟା ସମ୍ପର୍କର ମଧୁର ଆସ୍ୱାଦ ଆମକୁ ତଥାପି ଅଭିଭୂତ କରି ରଖିଥିଲା। ଗୁରୁମା'ଙ୍କର ସେ ହସହସ ମୁହଁ ଆମ ଆଖିରେ ନାଚୁଥିଲା।


+ ଶାରଳା ଭବନ, ପୋଡ଼ା
ପୋଖରୀ, କଟକ-୪
ମୋ: ୯୩୩୭୨୭୨୬୪୭






# ଖରାପ ମଣିଷ ବାପ ସାହସରେ ବଞ୍ଚିଯାଆନ୍ତି

## ଦିପ୍ତିମୟୀ ନାୟକ

ଆଜିକାଲି ଆମେ ସମସ୍ତେ ଚାରିଆଡ଼େ ଦେଖିବାକୁ ପାଉଛେ କେତେକ ଲୋକ କିଛି କାମଧନ୍ଦା ନକରି ଦିନରାତି କେବଳ ଖରାପ କାମରେ ଲାଗିଥା'ନ୍ତି । କାହାକୁ ଠକିବା, କାହା ସାଙ୍ଗରେ ଜବରଦସ୍ତି କରିବା କିମ୍ବା ସମାଜ ବିରୋଧୀ କାମ କରିବା ଏସବୁ ସେମାନଙ୍କର ନିତିଦିନିଆ ଅଭ୍ୟାସ । ହେଲେ ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ସେମାନେ ଯେତେ ବଡ଼ ଭୁଲ୍ କଲେବି ସମାଜରେ ବେଶ୍ ଆରାମରେ ରାଜା ପରି ବଞ୍ଚିଥା'ନ୍ତି । ସେମାନଙ୍କୁ କେହି କିଛି କହିବାକୁ ସାହସ କରନ୍ତି ନାହିଁ । ଆଉ ଏସବୁ ଦେଖିଲା ପରେ ଆମ ମୁହଁରୁ ଅଜାଣତରେ ଗୋଟିଏ କଥା ବାହାରି ପଡ଼େ ଖରାପ ମଣିଷ ବାପ ସାହସରେ ବଞ୍ଚିଯାଆନ୍ତି ।

ତେବେ ଆମେ ସମସ୍ତେ ଜାଣୁ ଜଣେ ବାପା କିମ୍ବା ମାଆ କିପରି ନିଜର ସାରା ଜୀବନ କଷ୍ଟ କରି, ପରିଶ୍ରମ କରି ସମାଜରେ ନାଁ କମାଇଥା'ନ୍ତି । ସେମାନେ ସବୁବେଳେ ଚାହାଁନ୍ତି ଲୋକେ ସେମାନଙ୍କୁ ଭଲ ପାଆନ୍ତୁ, ସମ୍ମାନ ଦିଅନ୍ତୁ । ସେମାନେ ଧର୍ମ ରାସ୍ତାରେ ଚାଲନ୍ତି କାହାକୁ ଠକନ୍ତି ନାହିଁ ।ଲୋକଙ୍କ ମନରେ ସେହି ବାପାଙ୍କ ପ୍ରତି ଏକ ଅତି ଭଲ ଧାରା ରହିଥାଏ। ଲୋକେ କୁହନ୍ତି ଭାଇ ସେ ଲୋକଟା ଏତେ ଭଲ ତା'ର ପରିବାର ମଧ୍ୟ ବହୁତ ଭଲ । କିନ୍ତୁ ସମସ୍ୟା ସେତେବେଳେ ହୁଏ ଯେତେବେଳେ ସେହି ଭଲ ବାପାର ପୁଅ ବା ଝିଅ କୁପଥଗାମୀ ହୋଇଯାଆନ୍ତି । ସେମାନେ ବାପାଙ୍କ ଆଦର୍ଶକୁ ଭୁଲିଯାଇ ଖରାପ ସଙ୍ଗରେ ପଡ଼ିଯାଆନ୍ତି କିନ୍ତୁ ମଜାର କଥା କ'ଣ ଜାଣିଛନ୍ତି ? ସେ ପିଲାଟା ଯେତେବେଳେ କୌଣସି ଭୁଲ୍ କରେ ସେତେବେଳେ ପାଖପଡ଼ିଶା କିମ୍ବା ଗାଁ ଲୋକେ ପ୍ରଥମେ ତାକୁ ଦୋଷ ଦିଅନ୍ତି ନାହିଁ । ସେମାନେ ଓଲଟା କୁହନ୍ତି ସେ ଏମିତି କାମ କରିପାରିବ ନାହିଁ । ସେ ଏତେ ଭଲ ବାପାର ପୁଅ । ବାସ ଏଇ ଭ୍ରମଟା ହିଁ ସେହି ଖରାପ ମଣିଷ ପାଇଁ ସବୁଠାରୁ ବଡ଼ ଢାଲ ପାଲଟିଯାଏ । ସେ ଜାଣିଥାଏ ଯେ ମୋ ବାପାଙ୍କ ନାଁ ଥିବା ଯାଏଁ ମୋର କିଛି ହେବନାହିଁ ।

ଆମ ସମାଜରେ ଆଉ ଗୋଟିଏ ବଡ଼ ଦୋଷ ଅଛି । ଆମେ ମଣିଷକୁ ତା'ର କର୍ମ ଦେଖି ପରଖୁନେ ବରଂ ତା'ର ପକେଟ୍ କିମ୍ବା ବାପାଙ୍କ ପ୍ରତିଷ୍ଠା ଦେଖି ପରଖୁଛେ । ଯଦି ଜଣେ ଗରୀବ ସାଧାରଣ ଘରର ପିଲା କିଛି ଛୋଟମୋଟ ଭୁଲ୍ ବି କରିଦିଏ । ତେବେ ସମାଜ ତାକୁ କ୍ଷମା କରେ ନାହିଁ । ତାକୁ ସଙ୍ଗେ ସଙ୍ଗେ ଚୋର, ବଦମାସ ବୋଲି ଘୋଷଣା କରିଦିଆଯାଏ । ଥାନା ପୋଲିସ, ଗାଁ ମୁରବୀ ସମସ୍ତେ ତା' ପଛରେ ପଡ଼ିଯାଆନ୍ତି । ସେହିଭଳି ଜଣେ ପ୍ରତିଷ୍ଠିତ, ଟଙ୍କାବାଲା ବା ବଡ଼ କର୍ମଚାରୀଙ୍କ ପୁଅ ଯଦି ବଡ଼ ଧରଣର ଅପରାଧ କରେ ତେବେ ଲୋକେ କେମିତି କଥାକୁ ଘୋଡ଼େଇ ଦିଅନ୍ତି । ଆଜିର ପିଲାଏ ଏମିତି ଟିକେ ଉଡ଼ନ୍ତା ସ୍ୱଭାବର ହୁଅନ୍ତି ସୁଧୁରି ଯିବେ ବୋଲି କହି କଥାଟାକୁ ସହଜରେ ହାଲ୍ ?କା କରିଦିଅନ୍ତି ।ଏହି କାରଣରୁ ଖରାପ ମଣିଷମାନେ ଆହୁରି ବାଟବଣା ହୋଇଯାଆନ୍ତି । ସେମାନେ ଭାବନ୍ତି ଆମ ପଛରେ ବାପାଙ୍କ ନାଁ ଓ ପଇସା ଅଛି । ଆମର ଆଉ କିଏ କ'ଣ କରିବ ? ଯେତେବେଳେ ଜଣେ ପିଲା ଜନ୍ମରୁ ଦେଖେ ଯେ ତା' ବାପା ସବୁକିଛି କରି ରଖିଛନ୍ତି ତାକୁ ନିଜେ କିଛି କରିବାକୁ ପଡୁନି । ସେତେବେଳେ ତା' ଭିତରର ପରିଶ୍ରମ କରିବାର ନିଶା ମରିଯାଏ । ଆମେ ଦେଖିଛେ ବହୁତ ପିଲା ଅଛନ୍ତି ଯେଉଁମାନେ ଦିନସାରା କିଛି କାମ କରନ୍ତି ନାହିଁ । ବାପାଙ୍କ ପଇସାରେ ଗାଡ଼ି ଚଲାନ୍ତି ଆଉ ସାଙ୍ଗସାଥୀଙ୍କ ସହ ମଉଜ କରନ୍ତି । କେହି ଯଦି ସେମାନଙ୍କୁ ଭୁଲ୍ କାମ ପାଇଁ ଟିକେ ମନା କରନ୍ତି ସେମାନେ ସିଧାସଳଖ ଧମକ ଦିଅନ୍ତି ମୋ ବାପା କିଏ ଜାଣିଛ ? ତୁମକୁ ଦିନକରେ ଉଠାଇ ଦେବି ।

ଥରେ ଭାବନ୍ତୁ ତ, ଏହା କେତେ ବଡ଼ ଦୁର୍ଭାଗ୍ୟର କଥା । ଯେଉଁ ବାପା ଜୀବନସାରା ଲୋକଙ୍କ ସମ୍ମାନ ଜିତି ଧର୍ମ ରାସ୍ତାରେ ଚାଲିଲେ ସେହି ବାପାଙ୍କ ନାଁକୁ ହିଁ ତାଙ୍କର ନିଜ ପୁଅ ଏମିତି ବେଆଇନ୍ କାମ ପାଇଁ ଢାଲ କରି ବ୍ୟବହାର କରୁଛି । ଏହାକୁ ହିଁ କୁହାଯାଏ ବାପ ସାହସରେ ବଞ୍ଚିବା । ଆଜିର ଦୁନିଆକୁ ଦେଖନ୍ତୁ । ରାଜନୀତି କ୍ଷେତ୍ରରେ ଏହାର ସବୁଠାରୁ ବଡ଼ ଉଦାହରଣ ଦେଖିବାକୁ ମିଳେ । ଜଣେ ବଡ଼ ନେତା କିମ୍ବା ମନ୍ତ୍ରୀ ଥାଆନ୍ତି ଯାହାଙ୍କର ଲୋକଙ୍କ ଭିତରେ ବେଶ୍ ପ୍ରଭାବଥାଏ । ତାଙ୍କ ପୁଅ କିମ୍ବା ପରିବାରର ଲୋକେ ଯଦି କୌଣସି ଦୁର୍ନୀତି କରନ୍ତି, କାମରେ ହେଳା କରନ୍ତି, ବେଆଇନ୍ କାମରେ ଧରାପଡ଼ନ୍ତି ତେବେ ବି ସେମାନଙ୍କର କିଛି ହୁଏ ନାହିଁ । ପଛରେ ସେହି ବାପାଙ୍କ ରାଜନୈତିକ କ୍ଷମତା, ଦଳୀୟ ପ୍ରଭାବ ଏବଂ ଭୋଟ୍ ବ୍ୟାଙ୍କ୍ ଠିଆ ହୋଇଯାଏ । ସେହିପରି ବ୍ୟବସାୟ ଜଗତରେ ମଧ୍ୟ ଦେଖନ୍ତୁ । ଗୋଟିଏ ବଡ଼ କମ୍ପାନୀର ମାଲିକଙ୍କ ପୁଅ ଯଦି କମ୍ପାନୀକୁ ବୁଡ଼ାଇ ଦିଏ, ଭୁଲ୍ ନିଷ୍ପତ୍ତି ନେଇ କର୍ମଚାରୀଙ୍କୁ ହଇରାଣ କରେ, ତଥାପି କେହି ତା' ବିରୁଦ୍ଧରେ ମୁହଁ ଖୋଲିପାରନ୍ତି ନାହିଁ । କାରଣ ସମସ୍ତଙ୍କୁ ଡରଥାଏ ଯେ ବାପାଙ୍କ ସାଙ୍ଗରେ ଶତ୍ରୁତା ହେଲେ ଚାକିରୀ ଚାଲିଯିବ ।

ଗୋଟିଏ କଥା ଆମେ ସମସ୍ତେ ମନେ ରଖିବା ଉଚିତ ବାପାଙ୍କ ସାହସ କେବେବି ନିଜର ସାହସ ହୋଇପାରେ ନାହିଁ । ଆପଣ କେବେ ଲକ୍ଷ୍ୟ କରିଛନ୍ତି ? ଯେଉଁ ମଣିଷ କେବଳ ବାପାଙ୍କ ନାଁରେ ବଞ୍ଚେ ସେ ନିଜ ଜୀବନରେ କୌଣସି ଦିନ ନିଜର ବ୍ୟକ୍ତିଗତ ପରିଚୟ ସୃଷ୍ଟି କରିପାରେ ନାହିଁ । ଯେତେଦିନ ଯାଏଁ ବାପା ବଞ୍ଚିଥା'ନ୍ତି କିମ୍ବା ବାପାଙ୍କ ପ୍ରଭାବ ଥାଏ ସେତେଦିନ ଯାଏଁ ସେ ବଞ୍ଚିଯାଏ । କିନ୍ତୁ ଥରେ ସେହି ଛାୟା ହଟିଗଲେ ସେହି ଖରାପ ମଣିଷର ଅବସ୍ଥା ସମାଜରେ ସମ୍ପୂର୍ଣ୍ଣ ଏକା ହୋଇଯାଏ । କେହି ଜଣେ ବି ତା' ପାଖରେ ଛିଡ଼ା ହୁଅନ୍ତି ନାହିଁ । କାହିଁକି ନା ସେ ନିଜ ଜୀବନରେ କାହା ପାଇଁ କୌଣସି ଭଲ କାମ କରିନଥାଏ,କାହାର ଉପକାର କରିନଥାଏ । ତେଣୁ ଯେତେବେଳେ ତା'ର ପତନ ହୁଏ ସେତେବେଳେ ତା'ର ପତନ ସବୁଠାରୁ ଭୟଙ୍କର ଏବଂ ଲଜ୍ଜାଜନକ ହୋଇଥାଏ । ଲୋକେ କୁହନ୍ତି ଯେଉଁଭଳି କର୍ମ ସେହିଭଳି ଫଳ ।

ତେବେ ଏଥିରୁ ଏହା ଶିକ୍ଷା ମିଳୁଛି ଯେ, ବାପାମାନେ ସବୁବେଳେ ଆମ ପାଇଁ ପ୍ରେରଣା । ସେମାନେ ଯେଉଁ ସମ୍ମାନ ଅର୍ଜନ କରିଛନ୍ତି ତାହାକୁ ଆମେ ଆମର ଶକ୍ତି କରିବା ଉଚିତ ନା କି ତାହାକୁ ଆମର ଅପକର୍ତ୍ତବ୍ୟର ଲାଇସେନ୍ସ ବା ଢାଲ କରିବା ଉଚିତ ନୁହେଁ । ଜଣେ ପ୍ରକୃତ ମଣିଷ ସିଏ ଯିଏ ନିଜର ପରିଚୟ ନିଜର କର୍ମ ଦ୍ୱାରା, ନିଜର ସଚ୍ଚୋଟତା ଦ୍ୱାରା ଏବଂ ନିଜର ପରିଶ୍ରମ ଦ୍ୱାରା ତିଆରି କରେ । ଯଦି ଆପଣ କେବଳ ଭାବିବେ ଯେ ମୋ ବାପା ବଡ଼ଲୋକ ବା ମୋ ବାପାଙ୍କ ନାଁ ବହୁତ ଅଛି ତେବେ ମୁଁ ଯାହା ଇଚ୍ଛା ତାହା କରିବି । ମନେ ରଖନ୍ତୁ ସେହି ସୁରକ୍ଷା ବେଶୀଦିନ ତିଷ୍ଠିବ ନାହିଁ ।

ଯେଉଁମାନେ ଏହି ମାନସିକତା ନେଇ ବଞ୍ଚୁଛନ୍ତି ସେମାନେ ଏହି ମାନସିକତା ପରିବର୍ତ୍ତନ କରନ୍ତୁ । ଏବଂ ବାପାଙ୍କ ପରିଚୟ ନେଇ ନୁହେଁ ନିଜ ପରିଚୟ ଏକ ସ୍ୱତନ୍ତ୍ର କରନ୍ତୁ କାରଣ ବାପାଙ୍କୁ ମଧ୍ୟ ଲାଗୁ ତାଙ୍କ ଜନ୍ମିତ ସନ୍ତାନ ଅଯୋଗ୍ୟ ନୁହେଁ ସୁଯୋଗ୍ୟ ।


+ ଅନ୍ଧାରୁଆ, ଭୁବନେଶ୍ୱର
ମୋ: ୯୦୯୦୬୬୧୫୮୬


# ରାତି

## ରଜନୀ ନାୟକ



ତୁମେ ଅନ୍ଧାରରେ ଆସ, ଆଲୋକରେ ଯାଅ
ତୁମ ଯିବା ଆସିବା ଲାଗିରହିଥାଏ ପ୍ରତି ଦିନ
ସମସ୍ତେ ତୁମକୁ ଦେଖନ୍ତି, ମାତ୍ର
ତୁମେ କାହାକୁ ଦେଖିପାର ନାହିଁ ।

ତୁମକୁ ନେଇ ଲେଖା ଯାଇଛି
ଅନେକ ମନଛୁଆଁ କବିତା
ମାଳ ମାଳ ଗଳ୍ପ ଓ ଉପନ୍ୟାସ
ତୁମେ କିନ୍ତୁ ଜୀବନ୍ତ ଅଛ
ଝିଙ୍କାରିର ଝିଂ ଝିଂ ସ୍ୱରରେ ।

ତୁମେ ଆସିଲେ ଭୟ ଆସେ,
ଆଶଙ୍କା ଆସେ, ପ୍ରେମ ଆସେ
ଜହ୍ନ ହସେ ତାରାମାନଙ୍କ ଗହଣରେ

ଫୁଲ ଫୁଟେ, ବାସ ଚହଟେ
ବିଶ୍ରାମ ପାଏ ଧରିତ୍ରୀ ।

ତୁମ ପାଇଁ ସଜାହୁଏ ସ୍ୱପ୍ନର ପଲଙ୍କ
ନିଃଶବ୍ଦରେ ଗଢ଼ା ହୁଏ ବଞ୍ଚିବାର ଆଶା
ନୂଆ ସମ୍ଭାବନାର ଅପେକ୍ଷାରେ ମସଗୁଲ ତୁମେ,
ହେ ରାତ୍ରି ! ଶାନ୍ତ ତୁମେ
ଶ୍ରାନ୍ତ ମୁଁ ତୁମ ପଥ ଧାରେ ।


+ ଭୁବନେଶ୍ୱର

# ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଚରମ ଅବ୍ୟବସ୍ଥା : ଚକ୍ଷୁ ବିଭାଗରେ ଝୁଲୁଛି ତାଲା, ରୋଗୀ ମହଲରେ ତୀବ୍ର ଅସନ୍ତୋଷ

ଚମ୍ପୁଆ,୧୬/୦୯ (ନି.ପ୍ର): କେନ୍ଦୁଝର ଜିଲ୍ଲା ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ଦିନକୁ ଦିନ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହେବାରେ ଲାଗିଛି। ଏହି ପ୍ରମୁଖ ଡାକ୍ତରଖାନା ଉପରେ କେବଳ ଚମ୍ପୁଆ ଉପଖଣ୍ଡ ନୁହେଁ, ବରଂ ପଡ଼ୋଶୀ ମୟୂରଭଞ୍ଜ ଜିଲ୍ଲା ଏବଂ ସୀମାନ୍ତ ଝାଡ଼ଖଣ୍ଡ ରାଜ୍ୟର ହଜାର ହଜାର ଗରିବ ଲୋକ ନିର୍ଭର କରିଥାନ୍ତି। ମାତ୍ର ଦୀର୍ଘ ଦିନ ହେବ ଏଠାରେ ଚିକିତ୍ସା ସେବା ସମ୍ପୂର୍ଣ୍ଣ ବ୍ୟାହତ ହୋଇପଡ଼ିଛି। ସୂଚନା ଅନୁଯାୟୀ, ଦୀର୍ଘ ଏକ ବର୍ଷ ହେବ ଏହି ଗୁରୁତ୍ୱପୂର୍ଣ୍ଣ ଚିକିତ୍ସାଳୟରେ ଉପଖଣ୍ଡ ଚିକିତ୍ସା ଅଧିକାରୀ ପଦବୀ ଖାଲି ପଡ଼ିଛି। ପ୍ରଶାସନ ପକ୍ଷରୁ ଜଣେ ଶିଶୁ ଚିକିତ୍ସକଙ୍କୁ ଏହି ପଦବୀର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ମାତ୍ର ସ୍ଥାୟୀ ଅଧିକାରୀ ନଥିବାରୁ ଏବଂ ଭାରପ୍ରାପ୍ତ ଅଧିକାରୀଙ୍କୁ ଡାକ୍ତରଖାନାର କର୍ମଚାରୀମାନେ ଗୁରୁତ୍ୱ ଦେଉନଥିବାରୁ, ଚିକିତ୍ସାଳୟ ପରିଚାଳନାରେ ଚରମ ମନମୁଖୀ ଶାସନ ଚାଲିଥିବା ଅଭିଯୋଗ ହେଉଛି। ଏହାର ଜ୍ୱଳନ୍ତ ଉଦାହରଣ ଗତ କିଛି ଦିନ ହେବ ଡାକ୍ତରଖାନାର ଚକ୍ଷୁ ବିଭାଗରେ ଦେଖିବାକୁ ମିଳିଛି। ଚକ୍ଷୁ ବିଶେଷଜ୍ଞ ଦୀର୍ଘ ଦିନ ଧରି ଡାକ୍ତରଖାନା ଆସୁନଥିବା ବେଳେ ବିଭାଗୀୟ କକ୍ଷରେ ତାଲା ଝୁଲୁଛି। ଅନ୍ୟପଟେ, ଏହି ବିଭାଗରେ ଥିବା ଅନ୍ୟ ଜଣେ କର୍ମଚାରୀ ନିଜ ମନମର୍ଜି ଅନୁସାରେ ଅଫିସ ଖୋଲୁଛନ୍ତି ଏବଂ ବନ୍ଦ କରୁଛନ୍ତି। ଫଳରେ ଦୂରଦୂରାନ୍ତରୁ ଆସୁଥିବା ଶହ ଶହ ଚକ୍ଷୁ ରୋଗୀ ଦୈନିକ ସେବା ନପାଇ ହତାଶ ହୋଇ ଫେରୁଛନ୍ତି। ସାଧାରଣ ଗରିବ ଲୋକେ ଡାକ୍ତରଖାନା ଆସି ଉପଯୁକ୍ତ ଚିକିତ୍ସା ନପାଇ ହଇରାଣ ହେଉଥିବାରୁ ସ୍ଥାନୀୟ ଅଂଚଳରେ ଏହାକୁ ନେଇ ରୋଗୀ ଓ ସାଧାରଣ ଜନତାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଗମ୍ଭୀର ସମସ୍ୟା ପ୍ରତି କେନ୍ଦୁଝର ଜିଲ୍ଲା ପ୍ରଶାସନ ତୁରନ୍ତ ସ୍ୱତନ୍ତ୍ର ଦୃଷ୍ଟି ଦେବା ସହ ଖାଲି ପଡ଼ିଥିବା ସ୍ଥାୟୀ ପଦବୀ ପୂରଣ ଏବଂ ଚକ୍ଷୁ ବିଭାଗକୁ ସ୍ୱାଭାବିକ କରିବାକୁ ଜନସାଧାରଣରେ ଦୃଢ଼ ଦାବି ହେଉଛି।

# ଅଖିଳ ଭାରତ ମହିଳା କଂଗ୍ରେସର ୪୨ତମ ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର,୧୬/୦୯ (ନି.ପ୍ର): ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ଅଧ୍ୟକ୍ଷତାରେ ଭୁବନେଶ୍ୱରର ବାଜପେୟୀ ନଗରସ୍ଥିତ ଯାତ୍ରା ପଡ଼ିଆରେ ଅଖିଳ ଭାରତ ମହିଳା କଂଗ୍ରେସର ୪୨ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏହି ଅବସରରେ ମିନାକ୍ଷୀ ବାହିନୀପତି କହିଥିଲେ ଯେ, ୧୯୪୦ ମସିହାରେ ସ୍ୱାଧୀନତା ସଂଗ୍ରାମୀ ସୁଚେତା କୃପଲାନୀ ଭାରତୀୟ ଜାତୀୟ କଂଗ୍ରେସର ମହିଳା ଶାଖା ପ୍ରତିଷ୍ଠା କରିଥିଲେ। ୧୯୫୨ରୁ ୧୯୮୩ ପର୍ଯ୍ୟନ୍ତ ଏହା ଦଳର ମହିଳା ସେଲ୍ ଭାବେ କାର୍ଯ୍ୟ କରିଥିଲା। ୧୯୮୪ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀ ମହିଳା କଂଗ୍ରେସର ପୁନର୍ଗଠନ କରି ବେଙ୍ଗାଲୁରୁରେ ଆୟୋଜିତ ଜାତୀୟ ସମ୍ମିଳନୀରେ ଏହାକୁ 'ଅଖିଳ ଭାରତ ମହିଳା କଂଗ୍ରେସ' ଭାବେ ରୂପାୟିତ କରିଥିଲେ। ୧୯୮୪ରୁ ୧୯୮୮ ପର୍ଯ୍ୟନ୍ତ ବେଗମ ଅବିଦା ଅହମ୍ମଦ ପ୍ରଥମ ଜାତୀୟ ସଭାନେତ୍ରୀ ଏବଂ ଜୟନ୍ତୀ ପଟ୍ଟନାୟକ ଦ୍ୱିତୀୟ ସଭାନେତ୍ରୀ ଭାବେ ଦାୟିତ୍ୱ ତୁଲାଇଥିଲେ। ବର୍ତ୍ତମାନ ଅଖିଳ ଭାରତ ମହିଳା କଂଗ୍ରେସ ଜାତୀୟ ସଭାନେତ୍ରୀ ଅଲକା ଲାମ୍ବାଙ୍କ ନେତୃତ୍ୱରେ ସକ୍ରିୟ ଭାବେ କାର୍ଯ୍ୟ କରୁଛି ବୋଲି ବାହିନୀପତି କହିଥିଲେ। ମହିଳା ଅଧିକାର, ନ୍ୟାୟ ଓ ନିଯୁକ୍ତି ପାଇଁ ଲାମ୍ବାଙ୍କ ନେତୃତ୍ୱରେ ଲଢ଼େଇ ଜାରି ରହିଛି ବୋଲି ସେ ଉଲ୍ଲେଖ କରିଥିଲେ। ଓଡ଼ିଶାରେ ମହିଳାଙ୍କ ବିରୋଧରେ ଦୁଷ୍କର୍ମ ଓ ନିର୍ଯାତନା ବିରୋଧରେ ମହିଳା କଂଗ୍ରେସ ଆନ୍ଦୋଳନ ଜାରି ରଖିଛି ବୋଲି ସେ କହିଥିଲେ। ପିସିସି ସଭାପତି ଭକ୍ତ ଚରଣ ଦାସ ଏହି ସଂଗ୍ରାମକୁ ଆଗେଇ ନେବା ପାଇଁ ଦଳୀୟ କର୍ମୀଙ୍କୁ ଉତ୍ସାହିତ କରୁଛନ୍ତି ବୋଲି ସେ କହିଥିଲେ। ରାଜ୍ୟର ପ୍ରତ୍ୟେକ ବ୍ଲକ ଓ ପଂଚାୟତରେ ମହିଳା କଂଗ୍ରେସ ସଭାନେତ୍ରୀ ନିଯୁକ୍ତ କରାଯାଇ ତୃଣମୂଳ ସ୍ତରରୁ ମହିଳାଙ୍କ ବିରୋଧରେ ହେଉଥିବା ଅତ୍ୟାଚାର ଓ ଦୁଷ୍କର୍ମ ବିରୋଧରେ ଆନ୍ଦୋଳନକୁ ଅଧିକ ତୀବ୍ର କରାଯିବ ବୋଲି ସେ କହିଥିଲେ। ବିଜେପି ମହିଳାମାନଙ୍କୁ ସ୍ୱାବଲମ୍ବୀ ଓ ସୁରକ୍ଷିତ ରଖିବାର ପ୍ରତିଶ୍ରୁତି ଦେଇ କ୍ଷମତାକୁ ଆସିଥିଲେ ମଧ୍ୟ ମହିଳାମାନଙ୍କ ପ୍ରତି ବିଶ୍ୱାସଘାତ କରିଛି ବୋଲି ବାହିନୀପତି ଅଭିଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଅଖିଳ ଭାରତ ମହିଳା କଂଗ୍ରେସର 'ପ୍ରିୟଦର୍ଶିନୀ ଉଡାନ' କାର୍ଯ୍ୟକ୍ରମ ଅନ୍ତର୍ଗତ ମହିଳାମାନଙ୍କୁ ସାନିଟାରୀ ନାପ୍‌କିନ୍ ବଂଟନ କରାଯାଇଥିଲା।

# ଖୁବ୍ ଶୀଘ୍ର ପୂରଣ ହେବ ପାଣ୍ଡରା ଆଧୁନିକ ହୋଲସେଲ୍ ମାଛ ବଜାର କାର୍ଯ୍ୟ: ଅପରାଜିତା

ଭୁବନେଶ୍ୱର,୧୬/୦୯ (ନି.ପ୍ର): ଭୁବନେଶ୍ୱର ର ମାଛ ବଜାରରେ ଆଉ ରହିବ ନାହିଁ ପୂତି ଗନ୍ଧମୟ ପରିବେଶ। ଦୂର ହେବ ୟୁନିଟ୍-୪ ର ମାଛ ବଜାରରେ ଦେଖାଯାଉଥିବା ଭିଡ ଓ ଟ୍ରାଫିକ ସମସ୍ୟା। ଆସନ୍ତା ୨୦୨୮ ମାର୍ଚ୍ଚ ଶେଷ ସୁଦ୍ଧା ପାଣ୍ଡରା ଠାରେ ପ୍ରାୟ ୫.୪ ଏକର ଜମିରେ ପାଖାପାଖି ୫୧ କୋଟି ୪୬ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ କରାଯାଉଥିବା ଅତ୍ୟାଧୁନିକ ମାଛ ବଜାର କାର୍ଯ୍ୟ ସମ୍ପନ୍ନ ହେବ। ଯେଉଁ ବଜାର ରେ ନିର୍ମିତ ହେଉଛି ୪୦ଟି ହୋଲସେଲ କାଉଂଟର ସମେତ ୧୦୦ଟି ପିଣ୍ଡି। ଆଜି ଉତ୍ତର ଭୁବନେଶ୍ୱରର ପାଣ୍ଡରା ଠାରେ ନିର୍ମାଣାଧୀନ ଆଧୁନିକ ହୋଲସେଲ୍ ମାଛ ବଜାର ପ୍ରକଳ୍ପର ସ୍ଥଳ ପରିଦର୍ଶନ କରିବା ପରେ ଏଭଳି କହିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ଅଂଚଳ ପରିଦର୍ଶନ ପରେ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଧୀରେ ଧୀରେ ଆକାର ନେଉଥିବା ଦେଖିବା ନିଶ୍ଚିତ ଭାବେ ଏକ ସ୍ୱପ୍ନ ସାକାର ହେବାର ଅନୁଭୂତି ଦେଉଛି ବୋଲି କହିଛନ୍ତି ସାଂସଦ ଅପରାଜିତା ଷଡ଼ଙ୍ଗୀ।

ଏଠାରେ ସୂଚନା ଯୋଗ୍ୟ, ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ଙ୍କ ସ୍ୱପ୍ନର ପ୍ରକଳ୍ପ ଭାବରେ ତାଙ୍କର ଲଗାତାର ପ୍ରୟାସ ପରେ ବି.ଏମ୍.ସି ଦ୍ୱାରା ଏହି ପ୍ରକଳ୍ପର ଟେଣ୍ଡର କରାଯାଇ ଗତ ଏପ୍ରିଲ ୨୦୨୬ ମସିହାରୁ ସାଇଟ୍ ହସ୍ତାନ୍ତର କରାଯାଇଛି। ଏପରିକି ସାଂସଦଙ୍କ ପ୍ରତ୍ୟକ୍ଷ ପ୍ରୟାସ ରେ ବି.ଏମ୍.ସି ପକ୍ଷରୁ ମାମଲା ମୁକ୍ତ ବା ଲିଟିଗେଶନ ଫ୍ରି ଜମି ହସ୍ତାନ୍ତର କାର୍ଯ୍ୟ ସମ୍ପନ୍ନ ହୋଇଛି।ଯାହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଏକ ଆଧୁନିକ ହୋଲସେଲ୍ ଓ ରିଟେଲ୍ ମାଛ ବଜାର ପ୍ରତିଷ୍ଠା କରିବା ସହିତ ୟୁନିଟ୍-୪ ମାଛ ବଜାରରେ ବର୍ତ୍ତମାନ ଦେଖାଦେଉଥିବା ଭିଡ଼ ଓ ଟ୍ରାଫିକ୍ ସମସ୍ୟାର ସମାଧାନ କରିବା।

ଏହି ପରିଦର୍ଶନ ସମୟରେ ସାଂସଦ ଙ୍କ ସହ ଭୁବନେଶ୍ୱର ଉତ୍ତର ବିଧାୟକ ପ୍ରିୟଦର୍ଶୀ ମିଶ୍ର , ରୁଦ୍ର ନାରାୟଣ ସାମନ୍ତରାୟ ପ୍ରମୁଖ ଉପସ୍ଥିତ ରହି ପ୍ରକଳ୍ପ ସ୍ଥଳ ପରିଦର୍ଶନ କରି ବିଏମସି ଅଧିକାରୀମାନଙ୍କ ସହିତ ପ୍ରକଳ୍ପର ଅଗ୍ରଗତି ଓ କାର୍ଯ୍ୟାନ୍ୱୟନ ସମ୍ପର୍କରେ ଆଲୋଚନା କରିବା ସହ ପାଣ୍ଡରା ଗ୍ରାମବାସୀଙ୍କ ସହିତ ମଧ୍ୟ ଆଲୋଚନା କରିଥିଲେ। ଏହି ଅବସରରେ ୩୧ ମାର୍ଚ୍ଚ ୨୦୨୮ ମଧ୍ୟରେ ନିର୍ଦ୍ଧାରିତ ସମୟସୀମା ଅନୁଯାୟୀ ପ୍ରକଳ୍ପର କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ସମ୍ପୃକ୍ତ ଅଧିକାରୀ ଓ କାର୍ଯ୍ୟନିର୍ବାହୀ ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି ସାଂସଦ।ଏଥିସହିତ ପ୍ରକଳ୍ପଟିକୁ ନିର୍ଦ୍ଧାରିତ ସମୟରେ ଏବଂ ଉଚ୍ଚମାନର ସହ ସମ୍ପୂର୍ଣ୍ଣ ହେବା ନିଶ୍ଚିତ କରିବା ପାଇଁ ଏହାର ଅଗ୍ରଗତିକୁ ନିଜେ ନିୟମିତ ଭାବେ ନିକଟରୁ ତଦାରଖ କରିବେ ବୋଲି କହିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ।

ଏହି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପର କାର୍ଯ୍ୟାନ୍ୱୟନରେ ନିୟୋଜିତ ସମସ୍ତ ଅଧିକାରୀ, କର୍ମଚାରୀ ଏବଂ ସହଯୋଗୀମାନଙ୍କୁ ମଧ୍ୟ ଆନ୍ତରିକ କୃତଜ୍ଞତା ଜଣାଇବା ସହିତ ଭୁବନେଶ୍ୱରବାସୀଙ୍କ ପାଇଁ ଏକ ଆଧୁନିକ, ସୁସଂଗଠିତ ଏବଂ ସୁଚାରୁ ଭାବେ ପରିଚାଳିତ ମାଛ ବଜାର ନିର୍ମାଣ ଦିଗରେ ଏହା ଏକ ଐତିହାସିକ ପଦକ୍ଷେପ ବୋଲି କହିଛନ୍ତି ସାଂସଦ।ଏହା ମାଧ୍ୟମରେ ମାଛ ବ୍ୟବସାୟୀମାନଙ୍କ ପାଇଁ ଉନ୍ନତ ଓ ସୁବିଧାଜନକ ବ୍ୟବସ୍ଥା ସୃଷ୍ଟି ହେବ। ଆଜିର ସ୍ଥଳ ପରିଦର୍ଶନ ସମୟରେ ବିଏମସିର ସିଟି ଇଞ୍ଜିନିୟର, ଏକ୍ଜିକ୍ୟୁଟିଭ୍ ଇଞ୍ଜିନିୟର, ବିଏମସି ଡେପୁଟି କମିଶନର, ଜୋନାଲ୍ ଡେପୁଟି କମିଶନର (ନର୍ଥ ଜୋନ୍)ଙ୍କ ସମେତ ଭୁବନେଶ୍ୱର ମହାନଗର ନିଗମର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।ଏହି କାର୍ଯ୍ୟକ୍ରମରେ ମାନନୀୟା ସାଂସଦଙ୍କ ପ୍ରତିନିଧି ଶ୍ରୀ ପ୍ରଣୟ କରଣଙ୍କ ସମେତ ସ୍ଥାନୀୟ ବାସିନ୍ଦା ଓ ଅନ୍ୟମାନେ ମଧ୍ୟ ଉପସ୍ଥିତ ଥିଲେ।

# ପାରାଦୀପ ବନ୍ଦର ପକ୍ଷରୁ ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା କାର୍ଯ୍ୟକ୍ରମ



ପାରାଦୀପ,୧୬/୦୯ (ନି.ପ୍ର): ସ୍ୱଚ୍ଛତା ହିଁ ସେବା-୨୦୨୬ ଅଧିନରେ ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ବିଭିନ୍ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ବନ୍ଦର ଓ ଟାଉନସିପ୍ ଅଂଚଳର ପରିବେଶ ସୁରକ୍ଷା, ପରିବେଶରେ ସ୍ୱଚ୍ଛତା ରକ୍ଷା କରିବା, ଏଥି ପାଇଁ ମିଳିତ ଉଦ୍ୟମ ଆରମ୍ଭ ହୋଇଛି । ବନ୍ଦର ଅଧ୍ୟକ୍ଷ ସୁଶାନ୍ତ କୁମାର ପୁରୋହିତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାରାଦୀପ ବନ୍ଦର ସ୍ୱଚ୍ଛତା ହିଁ ସେବା କାର୍ଯ୍ୟ ଜାରୀ ରଖିଛି । ଏହି ଅଭିଯାନରେ ବନ୍ଦର ଅଧିକାରୀ, କର୍ମଚାରୀ, ସିଆଇଏସଏଫ ଏବଂ ବନ୍ଦର ବ୍ୟବହାରକାରୀମାନେ ସାମିଲ ହୋଇଛନ୍ତି । ପାରାଦୀପ ବନ୍ଦର ଉପାଧ୍ୟକ୍ଷ ଟି.ଭେନୁ ଗୋପାଲ ବନ୍ଦର ଅଦିକାରୀ, ବିଭାଗୀୟ ମୁଖ୍ୟ, ସିଆଇଏସଏଫ କର୍ମଚାରୀମାନଙ୍କୁ ସ୍ୱଚ୍ଛତାର ଶପଥ ପାଠ କରାଇଥିଲେ । ବନ୍ଦର ଉପସଂରକ୍ଷକ କ୍ୟାପଟେନ୍ ଅଲେଖ ଚରଣ ସାହୁ, ସଚୀବ କ୍ରୀଷ୍ଣା ବୀ ରାଜୁଙ୍କ ସମେତ ବିଭିନ୍ ବିଭାଗୀୟ ମୁଖ୍ୟ, ଅଧିକାରୀ, ସିଆଇଏସଫ କର୍ମଚାରୀମାନେ ଯୋଗ ଦେଇ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଶପଥ ଗ୍ରହଣ କରିଥିଲେ । ପାରାଦୀପ ବନ୍ଦର ପରିବେଶକୁ ସ୍ୱଚ୍ଛ,ନିର୍ମଳ ଓ ପରିଷ୍କାର ରଖିବା ପାଇଁ ଉତ୍ସବର ମୁଖ୍ୟଅତିଥି ଉପାଧ୍ୟକ୍ଷ ଶ୍ରୀ ଭେନୁ ଗୋପାଳ ଆହ୍ୱାନ ଦେଇଥିଲେ । ଏହି ଅବସରରେ କାନମାସ୍ ପକ୍ଷରୁ ସଚେତନତାମୂଳକ ନାଟକ ପ୍ରଦର୍ଶିତ ହୋଇଥିଲା । ପାରାଦୀପ ବନ୍ଦର ବନ୍ଦର ଅନ୍ତେବାସୀ ତଥା ଆଖପାଖ ଅଂଚଳର ଜନସାଧାରଣଙ୍କୁ ସଚେତନ କରିବା ପାଇଁ ସ୍ୱଚ୍ଛତା ରଥ ପ୍ରଚଳନ କରି ସଚେତନତା ସୃଷ୍ଟି କରି ଆସୁଛି । ପରିବେଶ ସୁରକ୍ଷା ଓ ସ୍ୱଚ୍ଛତା ବଜାୟ ରଖିବା ପାଇଁ ପାରାଦୀପ ବନ୍ଦରର ଅବଦାନ ଅତୁଳନୀୟ ।

# ଏଏମ୍/ଏନ୍ଏସ୍ ଇଣ୍ଡିଆ ଚତୁର୍ଥ ନ୍ୟାସନାଲ୍ ପାୱାର-ଜେନ୍ ଲିଡରସିପ୍ ଆୱାର୍ଡସ୍ ୨୦୨୬ରେ ପ୍ରତିଷ୍ଠିତ 'ସଷ୍ଟେନେବଲ୍ ପରଫର୍ମାନ୍ସ ଆୱାର୍ଡ'ରେ ସମ୍ମାନିତ




ପାରାଦ୍ୱୀପ, ୧୬/୯ : ନୂଆଦିଲ୍ଲୀସ୍ଥିତ କାଉନସିଲ୍ ଅଫ୍ ଏନଭିରୋ ଏକ୍ସେଲେନ୍ସ ପକ୍ଷରୁ ଆୟୋଜିତ ଚତୁର୍ଥ ନ୍ୟାସନାଲ୍ ପାୱାର-ଜେନ୍ ଲିଡରସିପ୍ ଆୱାର୍ଡସ୍ ୨୦୨୬ରେ ' ୫୦ ମେଗାୱାଟ୍‌ରୁ କମ୍ ସିପିପି କୋଇଲା ୟୁନିଟ୍' ବର୍ଗରେ ଉତ୍କର୍ଷତା ପାଇଁ ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ ( ଏଏମ୍ /ଏନ୍ଏସ୍ ଇଣ୍ଡିଆ)ର ପାରାଦ୍ୱୀପସ୍ଥିତ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ (ସିପିପି)କୁ ' ସଷ୍ଟେନେବଲ୍ ପରଫର୍ମାନ୍ସ ଆୱାର୍ଡ'ରେ ସମ୍ମାନିତ କରାଯାଇଛି । ଏହି ପୁରସ୍କାର କେନ୍ଦ୍ରୀୟ ବିଦ୍ୟୁତ ନିୟାମକ କମିଶନ (ସିଇଆରସି)ର ଇଞ୍ଜିନିୟରିଂ ବିଭାଗ ଜଏଣ୍ଟ ଚିଫ୍ ଶ୍ରୀ ଅନ୍ନାମଲାଇ ଆର୍ ଏବଂ ସିଇଇର ଆଡଭାଇଜରି ବୋର୍ଡ ସଦସ୍ୟ ତଥା ଇ ଆଣ୍ଡ ୱାଇ ଏଆଇ ଏବଂ ଡିଜିଟାଲ୍ ଟ୍ରାନ୍ସଫର୍ମେସନ୍‌ର ଆଡଭାଇଜର୍ ଡଃ ହିମାଦ୍ରି ବାନାର୍ଜୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। କମ୍ପାନୀ ପକ୍ଷରୁ ଏଏମ୍ /ଏନ୍ଏସ୍ ଇଣ୍ଡିଆ କ୍ୟାପ୍ଟିଭ ପାୱାର ପ୍ଲାଣ୍ଟ ଅପରେସନ୍ସ ବିଭାଗର ସିନିୟର୍ ମ୍ୟାନେଜର, ଶ୍ରୀ ବିଜୟ କୁମାର ମହାନ୍ତ ଏହି ପୁରସ୍କାର ଗ୍ରହଣ କରିଥିଲେ। ସମ୍ପୂର୍ଣ୍ଣ ଭାବେ ଘରୋଇ କୋଲ ଦ୍ୱାରା ପରିଚାଳିତ ପାରାଦ୍ୱୀପସ୍ଥିତ ସିପିପି ପରିଚାଳନାଗତ କ୍ଷମତା, ପରିବେଶ ସୁରକ୍ଷା ଏବଂ ଦୀର୍ଘସ୍ଥାୟୀ ଉର୍ଜା ପ୍ରୟୋଗ କ୍ଷେତ୍ରରେ ନିରନ୍ତର ଭାବେ ଉତ୍କୃଷ୍ଟ ମାନଦଣ୍ଡ ସ୍ଥାପନ କରିଆସିଛି। ଏହି ସମ୍ମାନ ପାରାଦ୍ୱୀପ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ ଟିମ୍‌ର ଉତ୍ସର୍ଗୀକତା ଓ ଉତ୍କର୍ଷ ପ୍ରତି ଅଙ୍ଗୀକାରବଦ୍ଧତାର ପ୍ରତିଫଳନ। କ୍ୟାପ୍ଟିଭ୍ ପାୱାର ଉତ୍ପାଦନ କ୍ଷେତ୍ରରେ ଉତ୍କର୍ଷ ହାସଲ କରିବା ସହିତ ଏଏମ୍ /ଏନ୍ଏସ୍ ଇଣ୍ଡିଆ ପରିବେଶ-ଉପଯୋଗୀ ପଦକ୍ଷେପ ପ୍ରତି ଏହାର ପ୍ରତିବଦ୍ଧତାକୁ ଆହୁରି ସୁଦୃଢ଼ କରିଛି।

# ନୀଳଗିରି ମହିଳା କଲେଜରେ ନିଶାମୁକ୍ତ ଭାରତ କର୍ମଶାଳା ଅନୁଷ୍ଠିତ

ନୀଳଗିରି,୧୬/୦୯ (ନି.ପ୍ର): ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଜାତୀୟସେବା ଯୋଜନା ଦ୍ୱାରା ଏକ ନିଶାମୁକ୍ତ ଭାରତ କର୍ମଶାଳା ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରଫେସର ମଞ୍ଜୁଶ୍ରୀ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଶିବିରରେ ଇଂରାଜୀ ବିଭାଗର ବରିଷ୍ଠ ଅଧ୍ୟାପିକା ମଣିମାଳା ବିଶ୍ୱାଳ ମୁଖ୍ୟ ଆଲୋଚିକା ଭାବରେ ଯୋଗଦେଇ ସମାଜକୁ ନିଶାମୁକ୍ତ କରିବାର ଦିଗ ଗୁଡିକ ବର୍ଣ୍ଣନା କରିଥିଲେ । ଅନ୍ୟ ଆଲୋଚିକା ଭାବରେ ଶିକ୍ଷା ବିଭାଗର ଅଧ୍ୟାପିକା ସୁଷମା ସିଂହ ଯୋଗଦେଇ ଉକ୍ତ କର୍ମଶାଳାର ଉପକାରିତା ବଖାଣିଥିଲେ । ଶେଷରେ ଛାତ୍ରୀ ମଧୁସ୍ମିତା ବଳ ସମସ୍ତଙ୍କୁ କୃତଜ୍ଞତା ପୂର୍ବକ ଧନ୍ୟବାଦ ପ୍ରଦାନ କରିଥିଲେ । ସମସ୍ତ କାର୍ଯ୍ୟକ୍ରମକୁ ଜାତୀୟ ସେବା ଯୋଜନାର ଅଧିକାରିଣୀ ଅଧ୍ୟାପିକା ମୌସୁମୀ ଭୋଳ ପରିଚାଳନା କରିଥିଲେ ।

# ଇଫ୍‌କୋ ଅଧ୍ୟକ୍ଷ ଦିଲ୍ଲୀପ ସଂଘାନୀ ଆସିଏ ଗ୍ଲୋବାଲ୍ ବୋର୍ଡ ନିର୍ଦ୍ଦେଶକ ଭାବେ ନିର୍ବାଚିତ



ପାରାଦୀପ, ୧୬/୯ : ବିଶ୍ୱର ସର୍ବବୃହତ ସମବାୟଭିତିକ ସାରକାରଖାନା ଇଫକୋର ଅଧ୍ୟକ୍ଷ ଦିଲ୍ଲୀପ ସଂଘାନୀ ଆର୍ନ୍ତଜାତୀୟ ସମବାୟ ଆନ୍ଦୋଳନ ବୋର୍ଡ(ଆସିଏ)ର ନିର୍ଦ୍ଦେଶକ ଭାବେ ନିର୍ବାଚିତ ହୋଇଛନ୍ତି । ପାନାମାଠାରେ ଅନୁଷ୍ଠିତ ଆସିଏ ବୋର୍ଡ ବୈଠକରେ ଅଧ୍ୟକ୍ଷ ପଦବୀ ପାଇଁ ନିର୍ବାଚନରେ ଇଫକୋର ଅବଦାନ, ସଫଳତାକୁ ଭିତି କରି ଶ୍ରୀ ସଂଘାନୀ ଗ୍ଲୋବାଲ୍ ବୋର୍ଡ ଅଫ ଡାଇରେକ୍ଟରସ୍‌ରେ ନିର୍ଦ୍ଦେଶକ ଭାବେ ନିର୍ବାଚିତ ହୋଇଥିଲେ । ଶ୍ରୀ ସଂଘାନୀ ନିର୍ବଚିତ ହେବା ଘୋଷଣା ହେବା ପରେ ସେଠାରେ ଉପସ୍ଥିତ ଥିବା ଭାରତୀୟ ସରକାରୀ ପ୍ରତିନିଧି ମଣ୍ଡଳୀର ସଦସ୍ୟମାନେ ନିଜକୁ ଗୌରବାନ୍ୱିତ ମନେ କରି ବନ୍ଦେ ମାତରମ୍, ଭାରତୀ ମାତା କି ଜୟ ନାରା ଦେଇ ଖୁସି ମନାଇଥିଲେ । ପାନାମା ସହରରେ ଅନୁଷ୍ଠିତ ଏହି ମହାସଭାରେ ଶ୍ରୀ ସଂଘାନୀଙ୍କ ବିଜୟ ଭାରତରେ ସମବାୟ ଆନ୍ଦୋଳନ ପାଇଁ ଗର୍ବ ଓ ଗୌରବର ମୂହୁର୍ତ । ଶ୍ରୀ ସଂଘାନୀ ଦୀର୍ଘ ଦିନ ଧରି ସମବାୟ ଆନ୍ଦୋଳନ ସହିତ ଜଡିତ ହୋଇ ରହିବା ସହିତ ଗ୍ରାମୀଣ ଅର୍ଥନୀତିର ବିକାଶରେ ସହାୟକ ହୋଇଛନ୍ତି । ଆସିଏରେ ବିଶ୍ୱର ବିଭିନ୍ନ ଦେଶ ସମୁହ ପ୍ରତିନିଧିତ୍ୱ କରୁଛନ୍ତି । ଶ୍ରୀ ସଂଘାନୀଙ୍କ ବିଜୟ ବିଶ୍ୱ ମଂଚରେ ଭାରତର ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିଛି ।

# ନାଚେନମୁରା-ଟେଙ୍ଗେନାମାଲ ରାସ୍ତା ଅଧପନ୍ତରିଆ : ବ୍ରିଜ୍ ନିର୍ମାଣ ସରିଛି, ରାସ୍ତା ସଂଯୋଗ ହୋଇନି; ୨ ବର୍ଷରୁ ଅଧିକ ସମୟ ଧରି ଲୋକେ ଅସ୍ଥାୟୀ ପୋଲ ଭରସାରେ

ଝାରସୁଗୁଡ଼ା,୧୬/୦୯ (ନି.ପ୍ର): ଗ୍ରାମାଚଂଳରେ ଉନ୍ନତ ଯାତାୟାତ ବ୍ୟବସ୍ଥା ପାଇଁ ସରକାର ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ କୋଟି କୋଟି ଟଙ୍କା ବ୍ୟୟ କରୁଥିବା ବେଳେ ଲଖନପୁର ବ୍ଲକର ନାଚେନମୁରା-ଟେଙ୍ଗେନାମାଲ ରାସ୍ତାର ଅଧୁରା କାମ ଏବେ ସାଧାରଣଙ୍କ ପାଇଁ ସମସ୍ୟା ପାଲଟିଛି। ରାସ୍ତା ନିର୍ମାଣକୁ ଦୁଇ ବର୍ଷରୁ ଅଧିକ ସମୟ ବିତିଥିଲେ ମଧ ଅବଶିଷ୍ଟ କାମ ଆରମ୍ଭ ହୋଇନଥିବାରୁ ଅଂଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ୁଛି। ଲଖନପୁର ବ୍ଲକ ପଲସଦା ଗ୍ରାମପଂଚାୟତର ନାଚେନମୁରା ଠାରୁ କତରବଗା ପଂଚାୟତର ଦର୍ରଢିପା, ସୁଖାଡିହି, ବାଉସେନପାଲି ଓ ମଚିଦା ପଂଚାୟତର ବରଝା ଦେଇ ଟେଙ୍ଗେନାମାଲ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ପାଇଁ ୨୦୨୧ ଆର୍ଥିକ ବର୍ଷରେ ୨ କୋଟି ୫୯ ଲକ୍ଷ ୭୪ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ଟେଣ୍ଡର ପ୍ରକ୍ରିୟା ପରେ ଏକ ଠିକାସଂସ୍ଥାକୁ କାମ ଦାୟିତ୍ୱ ଦିଆଯାଇଥିଲା। ଏହି ରାସ୍ତାର ବରଝାଠାରୁ ସୁଖାଡିହି, ଦର୍ରଢିପା ଦେଇ ଏନ୍.ଏଚ୍.-୪୯ର ବାଉସେନପାଲି (କ) ଛକ ପର୍ଯ୍ୟନ୍ତ କାମ ସମ୍ପୂର୍ଣ୍ଣ ହୋଇଛି। ତେବେ ବରଝାଠାରୁ ଟେଙ୍ଗେନାମାଲ ଏବଂ ଏନ୍ଏଚ୍-୪୯ଠାରୁ ନାଚେନମୁରା ପର୍ଯ୍ୟନ୍ତ ରାସ୍ତା କାମ ଏଯାବତ୍ ଆରମ୍ଭ ହୋଇନଥିବା ଅଭିଯୋଗ ହୋଇଛି। ଫଳରେ ଏହି ରାସ୍ତା ଉପରେ ନିର୍ଭରଶୀଳ ଗ୍ରାମବାସୀ, ଛାତ୍ରଛାତ୍ରୀ, ଚାଷୀ ଓ ରୋଗୀମାନେ ଯାତାୟାତରେ ଦୁର୍ଦ୍ଦଶା ଭୋଗୁଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା, ଦର୍ରଢିପା ନିକଟସ୍ଥ ନାଳା ଉପରେ ଲକ୍ଷ ଲକ୍ଷ ଟଙ୍କା ବ୍ୟୟରେ ବ୍ରିଜ୍ ନିର୍ମାଣ ଶେଷ ହୋଇଛି। ମାତ୍ର ବ୍ରିଜ୍ କୁ ଉଭୟ ପାର୍ଶ୍ୱର ରାସ୍ତା ସହ ସଂଯୋଗ କରାଯାଇନଥିବାରୁ ଏହା ଲୋକଙ୍କ କାମରେ ଆସୁନାହିଁ। ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ବ୍ରିଜ୍ଟି ପୂର୍ବ-ପଶ୍ଚିମ ଦିଗରେ ନିର୍ମାଣ ହୋଇଥିବା ବେଳେ ରାସ୍ତା ଉତର-ଦକ୍ଷିଣ ଦିଗରେ ରହିଛି। ଏହା ସହିତ ଦୁଇ ପାର୍ଶ୍ୱରେ ରୟତି ଜମି ଥିବାରୁ ରାସ୍ତାକୁ ବ୍ରିଜ୍ ସହ ସଂଯୋଗ କରିବାରେ ସମସ୍ୟା ଉପୁଜିଛି। ଏହାର ପରିଣାମସ୍ୱରୂପ ଦୁଇ ବର୍ଷରୁ ଅଧିକ ସମୟ ଧରି ରାସ୍ତା ଅସମ୍ପୂର୍ଣ୍ଣ ହୋଇ ପଡ଼ିରହିଛି। ବ୍ରିଜ୍ ଥାଇ ମଧ ଲୋକେ ବାଧ ହୋଇ ଅସ୍ଥାୟୀ ପୋଲ ଦେଇ ଯାତାୟାତ କରୁଛନ୍ତି। ବର୍ଷା ସମୟରେ ନାଳାରେ ପାଣି ବଢ଼ିଲେ ଏହି ଅସ୍ଥାୟୀ ପୋଲ ଦେଇ ଯିବା ଅତ୍ୟନ୍ତ ବିପଦପୂର୍ଣ୍ଣ ହୋଇପଡୁଛି। ରାସ୍ତାର ଏଭଳି ଦୁରବସ୍ଥା ଯୋଗୁଁ ଛାତ୍ରଛାତ୍ରୀଙ୍କ ଶିକ୍ଷା, ଚାଷୀଙ୍କ ଯାତାୟାତ ଓ ରୋଗୀଙ୍କ ଚିକିତ୍ସା ସେବା ପ୍ରଭାବିତ ହେଉଛି। ସରକାରୀ ଅର୍ଥରେ ବ୍ରିଜ୍ ନିର୍ମାଣ ହୋଇଥିଲେ ମଧ ତାହା ରାସ୍ତା ସହ ସଂଯୋଗ ହୋଇନଥିବା ଘଟଣାକୁ ନେଇ ଅଂଚଳବାସୀ ପ୍ରଶ୍ନ ଉଠାଇଛନ୍ତି।

# ଝାଡେଶ୍ୱରୀ ମନ୍ଦିର ନିକଟ ରାସ୍ତା ଜଳାର୍ଣ୍ଣବ: ପର୍ଯ୍ୟଟକ ହନ୍ତସନ୍ତ

ପୁରୀ,୧୬/୦୯ (ନି.ପ୍ର): ମହାନଗର ନିଗମ ଅନ୍ତର୍ଗତ ପର୍ଯ୍ୟଟକ ବହୁଳ ରାସ୍ତା ଝାଡେଶ୍ୱରୀ ମନ୍ଦିର ନିକଟରେ ପାଣି ଦୀର୍ଘ ୧୫ ଦିନ ଧରି ଜମି ରହୁଥିଲେ ମଧ ନିଷ୍କାସିତ ହୋଇପାରୁ ନାହିଁ । ଭିଆଇପି ରୋଡ ଝାଡେଶ୍ୱରୀ ମନ୍ଦିର ପୋଲିସ ଲାଇନ ଦେଇ ଷ୍ଟେସନ ଛକ ପର୍ଯ୍ୟନ୍ତ ରାସ୍ତାର ଦୁଇ ପାର୍ଶ୍ୱରେ ଡ୍ରେନେଜ ବ୍ୟବସ୍ଥା ନଥିବା ଯୋଗୁ ଏଭଳି ଅକଥନୀୟ ଅବସ୍ଥା ପଥଚାରୀ ଓ ପର୍ଯ୍ୟଟକ ଭୋଗୁଛନ୍ତି । ଝାଡେଶ୍ୱରୀ ମନ୍ଦିରକୁ ପଙ୍କ କାଦୁଅ ପାଣି ଚକଟି ଶ୍ରଦ୍ଧାଳୁ ଦର୍ଶନ ପାଇଁ ଯାଉଛନ୍ତି। ଟ୍ରେନରେ ଆସୁଥିବା ପର୍ଯ୍ୟଟକ ମାନେ ସେହି ରାସ୍ତା ଦେଇ ଆସୁଥିବା ବେଳେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ପୁରୀ ପୌରସଂସ୍ଥ ମହାନଗର ନିଗମ ହୋଇଥିବା ବେଳେ କେବଳ ସାଇନବୋର୍ଡରେ ରହିଯାଇଛି ।

# ସ୍ୱାଧୀନତା ସଂଗ୍ରାମୀ ଓ ଶହୀଦ ପରିବାରଙ୍କ ପକ୍ଷରୁ ସାମ୍ବାଦିକ ସମ୍ମିଳନୀ



ବାସୁଦେବପୁର,୧୬/୦୯ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଇରମ ଶହୀଦ ଭବନ ପରିସରରେ ସ୍ୱାଧୀନତା ସଂଗ୍ରାମୀ ଓ ଶହୀଦ ପରିବାର ଦାୟାଦ ମାନଙ୍କ ପକ୍ଷରୁ ବିଭିନ୍ନ ସମସ୍ୟା ସମ୍ପର୍କରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇ ଯାଇଛି। ଏହି ସଭାରେ ହରେକୃଷ୍ଣ ପଲାଇ ସଭାପତିତ୍ୱ କରିଥିଲେ। ଏହି ସଭାରେ ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବ୍ରଜ କିଶୋର ରାଉତ,ମହେଶ୍ୱର ସାହୁ, ଅକ୍ଷୟ କୁମାର ମହାଲିକ,ଲୋପାମୁଦ୍ରା ନାୟକ,ଦୟାନିଧି ବେହେରା ପ୍ରମୁଖ ଯୋଗ ଦେଇଥିଲେ ଏବଂ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସଂଗ୍ରାମୀ ପରିବାର ପକ୍ଷରୁ ସରକାରଙ୍କ ଠାରେ ଯେଉଁ ଦାବି ରହିଛି ସେଗୁଡ଼ିକ ହେଲା ସଂଗ୍ରାମୀ ଓ ଶହୀଦ ପରିବାରଙ୍କୁ ଚିହ୍ନଟ କରି ପରିଚୟ ପତ୍ର ପ୍ରଦାନ, ଦୁଇ ହଜାର ଚବିଶ ଅଗଷ୍ଟ ନଅ ତାରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଘୋଷଣା କରାଯାଇଥିବା କୁଟୁମ୍ବ ଭତ୍ତା ପ୍ରଦାନ, ସଂଗ୍ରାମୀ ଦୟାଦ ମାନଙ୍କୁ ଶିକ୍ଷାର ସୁବିଧା,ସରକାରୀ ଚାକିରି କ୍ଷେତ୍ରରେ ସୁବିଧା, ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ସେବାର ସୁବିଧା ଓ ଦାବି ପୂରଣ ନ ହେଲେ ସଂଗ୍ରାମୀ ଓ ଶହୀଦ ପରିବାର ପକ୍ଷରୁ ଶହୀଦ ଦିବସ ବର୍ଜନ କରାଯିବ। ଏହି ସଭାରେ କବି ରଞ୍ଜନ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ ଏବଂ ରତିକାନ୍ତ ନାୟକ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ ସଂଗ୍ରାମୀ ପରିବାର ପକ୍ଷରୁ ସୁଶାନ୍ତ କୁମାର ରାଉତ, ଭରତ ପତି ଓ ବିଭିନ୍ନ ବର୍ଗର ବିଶିଷ୍ଟ ବ୍ୟକ୍ତି ତଥା ସାମ୍ବାଦିକ ବନ୍ଧୁ ଯୋଗ ଦେଇଥିଲେ।

# ଉଦଳା ରାଜନୀତି: ସାମ୍ବାଦିକତାର ଜୀବନ ଶାଣିତ କରିଛି ରାଜନୀତି କ୍ୟାରିଅରକୁ



ଉଦଳା , ୧୬/୯ (ନି.ପ୍ର): ସାମ୍ବାଦିକତା ସହିତ ପ୍ରତକ୍ଷ ରାଜନୀତିରେ ଅଂଶ ଗ୍ରହଣ ଓ ଏଥିରେ ନିଜର କ୍ୟାରିଅର ତିଆରି କରିଥିବା ଉଦଳାର କେତେଜଣ ରାଜନେତା ନଜରକୁ ଆସୁଛନ୍ତି । ଏହିସବୁ ନେତା ମାନଙ୍କର ସାମ୍ବାଦିକତା ଯେତିକି ସୁନ୍ଦର, ରାଜନୀତିର କ୍ୟାରିଅର ମଧ ଠିକ୍ ସେହିପରି ଶାଣିତ । ଯଦିଓ ଏମାନଙ୍କର ସଂଖ୍ୟା ବହୁତ କମ୍, ତେବେ ଜନମାନସରେ ଏହିସବୁ ନେତାଙ୍କର ରହିଛି ସ୍ୱତନ୍ତ୍ର ପରିଚୟ ଓ ସମ୍ମାନ । ଏହି ନେତା ମାନଙ୍କ ମଧ୍ୟରେ ପ୍ରଥମେ ଚର୍ଚ୍ଚାକୁ ଆସୁଛନ୍ତି ଶରତଚନ୍ଦ୍ର ଦାସ । ଜଣେ ବରିଷ୍ଠ ଓ ଭଲ ରାଜନେତା ଭାବରେ ତାଙ୍କର ରହିଛି ପରିଚୟ । ଛାତ୍ର ଜୀବନରୁ ରାଜନୀତି କରି ଆସୁଥିବା ଶରତଚନ୍ଦ୍ର ଦାସ ଯେ ଜଣେ ସାମ୍ବାଦିକ ଥିଲେ ଏ କଥା ଆଜି ଅନେକଙ୍କୁ ଜଣାନାହିଁ । ସେ 'ଦୁର୍ମୁଖ', 'ନିଆଁଖୁଂଟା' ଭଳି କେତେଗୁଡ଼ିଏ ସମାଲୋଚନାମୂଳକ ପତ୍ରିକାରେ ସାମ୍ବାଦିକତା କରିଛନ୍ତି । ତାଛଡ଼ା ଦୈନିକ ଖବର କାଗଜ 'କଳିଙ୍ଗ'ରେ ମଧ ଦିର୍ଘଦିନ ସାମ୍ବାଦିକତା କରିଛନ୍ତି । ଏପରିକି ଦୈନିକ ଖବର କାଗଜ 'ଧରିତ୍ରୀ'ର ଉତର ଓଡ଼ିଶା ସର୍କୁଲାଇଜେସନ ମ୍ୟାନେଜର ଭାବରେ ଦିର୍ଘ ସମୟ ବିତାଇଛନ୍ତି । ଏହି ସାମ୍ବାଦିକତା ଜୀବନ ମଧ୍ୟରେ ସେ ଆମ ଅଂଚଳର ବହୁ ସମସ୍ୟା ସରକାରଙ୍କ ନଜରକୁ ଆଣିବାରେ ସକ୍ଷମ ହୋଇଛନ୍ତି । ସାମ୍ବାଦିକତା ଜୀବନ ହିଁ ପରବର୍ତି ସମୟରେ ତାଙ୍କର ରାଜନୀତି କ୍ୟାରିଅରକୁ ବେଶ ଶାଣିତ କରିଛି ବୋଲି ସ୍ୱୀକାର କରନ୍ତି । ସେ ଅତିତରେ ଉଦଳା ବ୍ଲକର ଅଧକ୍ଷ ପଦ ଦଖଲ କରିଥିଲେ । ବ୍ଲକ ଗଠନ ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ କେବଳ ଶରତ ଚନ୍ଦ୍ର ଦାସଙ୍କୁ ଛାଡ଼ିଦେବା ପରେ ଅନ୍ୟ କେହି ସାମ୍ବାଦିକ ଏହି ପଦ ଦଖଲ କରିଥିବାର ନଜରକୁ ଆସୁ ନାହାଁନ୍ତି । ଦ୍ୱିତୀୟରେ ପ୍ରଭାତ ପରିଡ଼ାଙ୍କ ନାମଟି ଚର୍ଚ୍ଚାକୁ ଆସୁଛି । ଜଣେ ଛାତ୍ର ନେତା ଭାବରେ ତାଙ୍କର ମଧ ରହିଛି ପରିଚୟ । ସେ ଦୈନିକ ଖବର କାଗଜ 'କୁରୁକ୍ଷେତ୍ର', 'ପ୍ରଜାତନ୍ତ୍ର'ରେ ଦିର୍ଘବର୍ଷ ସାମ୍ବାଦିକତା କରିଛନ୍ତି । ତାଛଡ଼ା ମୟୂରଭଂଜରୁ ପ୍ରକାଶ ପାଉଥିବା ପତ୍ରିକା 'ଲାଭା'ରେ ମଧ ସାମ୍ବାଦିକତା କରିଛନ୍ତି । ସାମ୍ବାଦିକତା ସହିତ ସମଗ୍ର କପ୍ତିପଦା ଉପଖଣ୍ଡ ମଧରେ କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ଏକତ୍ରିତ କରି ସଂଘ ଗଢ଼ିବା ଓ ତ୍ରିଲୋଚନ ମିଶ୍ରଙ୍କୁ ଏହାର ସଭାପତି ପଦରେ ବସାଇବାରେ ନେତୃତ୍ୱ ନେଇଥିଲେ । ଏହି ସଂଘଟି ସେ ସମୟରେ କପ୍ତିପଦା ଉପଖଣ୍ଡର ରାଜନୀତିକୁ ବହୁଳ ଭାବରେ ପ୍ରଭାବିତ କରୁଥିଲା । ସେ ଆମ ଅଂଚଳର ବହୁକିଛି ସମସ୍ୟାକୁ ସମ୍ବାଦ ଆକାରରେ ପରିବେଷଣ କରି ସରକାରଙ୍କ ନଜରକୁ ଆଣିବାରେ ବେଶ ସୁନ୍ଦର ଭୂମିକା ଲିଭାଇଛନ୍ତି । ଏହି ସାମ୍ବାଦିକତାର ଜୀବନ ହିଁ ତାଙ୍କର ରାଜନୀତି କ୍ୟାରିଅରକୁ ଭଲଭାବରେ ଗଢ଼ି ତୋଳିବା ସହ ଚଲାପଥକୁ ଶାଣିତ କରିଛି ଏଥିରେ ସନ୍ଦେହ ନାହିଁ । ସେ ଅତିତରେ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ଉପନଗରପାଳ ପଦ ଦଖଲ କରିଥିଲେ ।ଏ ପର୍ଯ୍ୟନ୍ତ ଅନ୍ୟ କୌଣସି ସାମ୍ବାଦିକ ଉଦଳାର ଉପନଗରପାଳ ପଦ ଦଖଲ କରିଥିବା ଦେଖିବାକୁ ମିଳୁ ନାହାଁନ୍ତି । ଶେଷରେ ବର୍ତମାନର ନଗରପାଳ ପ୍ରମିଳା ପଣ୍ଡାଙ୍କ ନାମଟି ଚର୍ଚ୍ଚାକୁ ଆସୁଛି । ସେ ମଧ ଦୈନିକ ଖବର କାଗଜ 'କାଳନ୍ତର', 'ଧ୍ୱନିପ୍ରତିଧ୍ୱନି' ସହିତ ସାପ୍ତାହିକ ପତ୍ରିକା 'ରାଷ୍ଟ୍ରଦୀପ'ରେ ସାମ୍ବାଦିକତା କରିଛନ୍ତି । ତାଚଡ଼ା ଜଣେ ସାହିତ୍ୟିକ ଭାବରେ ତାଙ୍କର ସମ୍ମାନ ବହୁ ଉର୍ଦ୍ଧରେ । ସାହିତ୍ୟ ସାଧନା ସହିତ ସାମ୍ବାଦିକତାର ଜୀବନ ତାଙ୍କର ରାଜନୀତି କ୍ୟାରିଅରକୁ ବହୁଳ ଭାବରେ ପ୍ରଭାବିତ କରିଛି । ଏ ପର୍ଯ୍ୟନ୍ତ ଉଦଳା ନଗରପାଳ ପଦରେ ପ୍ରମିଳା ପଣ୍ଡାଙ୍କୁ ଛାଡ଼ିଦେଲେ ଅନ୍ୟ କେହି ସାମ୍ବାଦିକ ବସି ନାହାଁନ୍ତି । ଉକ୍ତ ୩ଜଣଯାକ ରାଜନେତାଙ୍କର ବକ୍ତବ୍ୟରେ ରହିଛି ଯାଦୁକରି ଶକ୍ତି । ସୁନ୍ଦର ଭାଷଣ ଦେବା ମଧ ସାମ୍ବାଦିକତାର ଏକ କଳା ଅଟେ । ଏହିଭଳି ସାମ୍ବାଦିକତା ଜୀବନରୁ ରାଜନୀତି କ୍ୟାରିଅର ତିଆରି କରିଥିବା ଏହି ରାଜନେତା ମାନେ ଅନେକ ସମୟରେ ବିଭିନ୍ନ ମହଲରେ ଚର୍ଚ୍ଚାର ପରିସରକୁ ଆସୁଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଓଡ଼ିଶା ଡିଜିପି ନିଯୁକ୍ତିରେ....

ଯାହାକୁ ନେଇ, ଚୟନ ପ୍ରକ୍ରିୟା ଉପରେ କୋର୍ଟଙ୍କ ନିର୍ଦ୍ଦେଶ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିବ। ସେପଟେ ଓଡ଼ିଶା ପରେ ବିହାରରେ ମଧ ଡିଜିପି ପଦକୁ ନେଇ ଚର୍ଚ୍ଚା ଜୋର ଧରିଛି। ବିହାର ଡିଜିପି ବିନୟ କୁମାର ୧୫ ସେପ୍ଟେମ୍ବରରୁ ୫ ଅକ୍ଟୋବର ପର୍ଯ୍ୟନ୍ତ ୨୧ ଦିନ ଛୁଟିରେ ରହିବେ। ବିନୟ କୁମାରଙ୍କ ଛୁଟି ନେବା ପଛରେ କଣ କାରଣ ତାହା ଏବେବି ଅସ୍ପଷ୍ଟ। କିନ୍ତୁ ସେ ଏହାକୁ ବ୍ୟକ୍ତିଗତ ଓ ଭିନ୍ନ ଭିନ୍ନ କାରଣ ଦର୍ଶାଇ ଏହାକୁ ଏଡାଇ ଦେଇଛନ୍ତି। ବିନୟ କୁମାରଙ୍କ ଅବସରକୁ ଆଉ ପ୍ରାୟ ତିନି ମାସ ବାକି ଥିବାରୁ, ତା ପୂର୍ବରୁ ଛୁଟିରେ ଯିବା ଘଟଣା ଚର୍ଚ୍ଚାକୁ ଖୋରାକ ଯୋଗାଇଛି। ତା ସାଙ୍ଗକୁ ପଶ୍ଚିମବଙ୍ଗରେ ମଧ ଡିଜିପି ନିଯୁକ୍ତି ପ୍ରକ୍ରିୟାକୁ ନେଇ ଜାତୀୟ ସ୍ତରରେ ଚର୍ଚ୍ଚା ରହିଛି। ଡିଜିପିଙ୍କ ନିଯୁକ୍ତି ପ୍ରକ୍ରିୟା ଘୁଞ୍ଚି ଘୁଞ୍ଚି ଚାଲିଛି। ଆସନ୍ତାକାଲି ସୁପ୍ରିମକୋର୍ଟରୁ ଆସିବ କି ଗୁରୁତ୍ୱପୂର୍ଣ୍ଣ ରାୟ? ନା ପୁଣି ଘୁଞ୍ଚିବ ଶୁଣାଣି?

### ୟୁପିଆଇ ପେମେଣ୍ଟରେ...

ମାସିକ ୟୁପିଆଇ ପେମେଣ୍ଟ ୧ ଲକ୍ଷ ଟଙ୍କାରୁ ଅଧିକ ଥିବା ନିର୍ଦ୍ଦିଷ୍ଟ ବ୍ୟବସାୟୀଙ୍କ ଉପରେ ଏହି ଗଉଜ ଲାଗୁ ହେବ। ବଡ଼ ବ୍ୟବସାୟୀଙ୍କ ପାଇଁ ଗଉଜ ସର୍ବାଧିକ ୩୦୦ ଟଙ୍କାରେ ସୀମିତ ରହିବ। ଏବେ ଏହି ନିୟମର ଆଇନଗତ ବୈଧତା ଉପରେ ସୁପ୍ରିମକୋର୍ଟରେ ମାମଲା ଚାଲିବ।

### ମିସାଇଲ ମାଡ଼ରେ ଥରିଲା ...

ଏହାର ପୂର୍ବଦିନ ୫୦ରୁ ଅଧିକ ମିସାଇଲ ମାଡ଼ରେ ୭୩ ଜଣ ରକ୍ତାକ୍ତ ହୋଇଥିଲେ। ହୁତିର ଏହି ଅତର୍କିତ ଏୟାର ଷ୍ଟ୍ରାଇକକୁ ପ୍ରତିହତ କରିବାରେ ସାଉଦି ଏୟାର ଡିଫେନ୍ସ ବାରମ୍ବାର ବିଫଳ ସାବ୍ୟସ୍ତ ହେଉଛି। ଏପରି ସ୍ଥିତିରେ ସାଉଦି ଯୁବରାଜ ମହମ୍ମଦ ବିନ ସଲମାନ ପାରମ୍ପରିକ ମିତ୍ର ଆମେରିକା ଓ ପାକିସ୍ତାନର ଦ୍ୱାରସ୍ଥ ହୋଇଥିଲେ ମଧ ସେମାନେ ସାମରିକ ସହାୟତା ଦେବାକୁ ରୋକଠୋକ୍ ମନା କରିଦେଇଛନ୍ତି। ଫଳରେ ନିଜ ସୁରକ୍ଷା ପାଇଁ ଏବେ ଇସ୍ରାଏଲ ଓ ଇଜିପ୍ଟର ସାହାଯ୍ୟ ଖୋଜୁଛି ରିୟାଦ। ୟେମେନର ଦକ୍ଷିଣ ଓ ପଶ୍ଚିମ ଭାଗରେ ସାଉଦି ସମର୍ଥିତ ସରକାରୀ ସେନା ଛତ୍ରଭଙ୍ଗ ଦେଇଛି। ଫଳରେ ବିଶ୍ୱ ବାଣିଜ୍ୟର ଜୀବନରେଖା କୁହାଯାଉଥିବା 'ବାବ ଅଲ୍-ମନ୍ଦେବ' ଜଳପଥ ନିକଟସ୍ଥ ୪ଟି ରଣନୈତିକ ଦ୍ୱୀପକୁ ନିଜ କବ୍‌ଜାକୁ ନେଇଛନ୍ତି ବିଦ୍ରୋହୀ । ଗତ କିଛି ଦିନର ଭୟଙ୍କର ଗୁଳିବିନିମୟରେ ୫୦୦ରୁ ଅଧିକ ସରକାରୀ ଯବାନ ଏବଂ ହୋଦେଦା-ତାଇଜ୍ ଅଞ୍ଚଳରେ ୧ ହଜାରରୁ ଅଧିକ ହୁତି ବିଦ୍ରୋହୀ ନିହତ ହୋଇଛନ୍ତି ।

### କଂଗ୍ରେସକୁ ମୂରବୀ ଶୂନ୍ୟ...

ଏହି ସମୟରେ ମାଓବାଦୀମାନେ ପୂରା ଅଞ୍ଚଳକୁ ଘେରାବନ୍ଦୀ କରି ଗୁଳି ବର୍ଷା କରିଥିଲେ। କଂଗ୍ରେସ ନେତା ଓ କର୍ମୀମାନେ ପରିବର୍ତ୍ତନ ଶୋଭାଯାତ୍ରାକୁ ଫେରୁଥିବା ବେଳେ ନକ୍ସଲ ଆମ୍ବୁସରେ ଫସି ଯାଇଥିଲେ। ଏହି ଆକ୍ରମଣରେ ଛତିଶଗଡ଼ର ତତ୍କାଳୀନ କଂଗ୍ରେସ ସଭାପତି ନନ୍ଦ କୁମାର ପଟେଲ, ତାଙ୍କ ପୁଅ ଦୀନେଶ, ବିଧାନସଭାର ପୂର୍ବତନ ବିରୋଧୀ ଦଳ ନେତା ମହେନ୍ଦ୍ର କର୍ମା, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଦ୍ୟା ଚରଣ ଶୁକ୍ଳା ଓ ପୂର୍ବତନ ବିଧାୟକଙ୍କ ଉଦୟ ମୁଦଲିୟାରଙ୍କ ସମେତ ଅନେକ ବରିଷ୍ଠ କଂଗ୍ରେସ ନେତାଙ୍କ ମୃତ୍ୟୁ ହୋଇଥିଲା। କିଛି ସାଧାରଣ ଲୋକ ଓ ସୁରକ୍ଷାକର୍ମୀ ମଧ ଏହି ନକ୍ସଲ ହମଲାରେ ପ୍ରାଣ ହରାଇଥିଲା। ଏହି ଘଟଣାର ୧୩ ବର୍ଷ ପରେ ଜଗଦଲପୁର ସ୍ଥିତ ଏନଆଇଏ କୋର୍ଟର ସ୍ୱତନ୍ତ୍ର ବିଚାରପତି ଅଭୟ ସିଂହ ରାଜପୁତ ୧୦ ଦୋଷୀଙ୍କ ବିରୋଧରେ ଦଣ୍ଡାଦେଶ ଘୋଷଣା କରିଛନ୍ତି। ଏମାନଙ୍କ ମଧ୍ୟରେ ୨ ଜଣ ମହିଳା ରହିଛନ୍ତି। ସେପ୍ଟେମ୍ବର ୫ରେ ପ୍ରଥମେ ଏମାନଙ୍କୁ କୋର୍ଟ ଦୋଷୀ ସାବ୍ୟସ୍ତ କରିଥିଲେ। ସେମାନଙ୍କ ବିରୋଧରେ ମୋଟ ୨୪ଟି ଚାର୍ଜ ଲାଗିଥିବା ବେଳେ ୭ଟି ଦଫାରେ ସମସ୍ତଙ୍କୁ ଦଣ୍ଡବିଧାନ କରାଯିବା ସହ ୮୦୦ ଟଙ୍କା ଲେଖାଏ ଜୋରିମାନା ଲାଗୁ କରାଯାଇଛି। ଏବେ ଏନଆଇଏ କୋର୍ଟ ସମସ୍ତଙ୍କୁ ଫାଶୀ ଦଣ୍ଡରେ ଦଣ୍ଡିତ କରିଥିବା ବେଳେ ଉଚ୍ଚ କୋର୍ଟଙ୍କ ଚୂଡ଼ାନ୍ତ ନିର୍ଦ୍ଦେଶ ପରେ ଏହାକୁ କାର୍ଯ୍ୟକାରୀ କରାଯିବ। ଦୋଷୀମାନଙ୍କୁ ଉପର କୋର୍ଟରେ ଆବେଦନ କରିବାକୁ ୩୦ ଦିନର ସମୟ ମିଳିଛି। ଏହି ଘଟଣାର ତଦନ୍ତ ପ୍ରଥମେ ବସ୍ତର ପୁଲିସ୍ କରିଥିଲା। କିନ୍ତୁ ହମଲାର ଗମ୍ଭୀରତାକୁ ଦୃଷ୍ଟିରେ ରଖି ଏହାର ତଦନ୍ତ ଦାୟିତ୍ୱ ଏନଆଇଏକୁ ହସ୍ତାନ୍ତର କରାଯାଇଥିଲା। ୨୦୧୪ ସେପ୍ଟେମ୍ବର ମାସରେ ଏନଆଇଏ ଜଗଦଲପୁର ସ୍ପେଶାଲ କୋର୍ଟରେ ନିଜର ପ୍ରଥମ ଚାର୍ଜଶିଟ ଦାଖଲ କରିଥିଲା। ପ୍ରାୟ ୧୦୧ ଜଣ ସାକ୍ଷୀଙ୍କ ବୟାନ ମଧ କୋର୍ଟରେ ରେକର୍ଡ ହୋଇଥିଲା। ଏନଆଇଏ ବ୍ୟତୀତ ଘଟଣାର ତଦନ୍ତ ପାଇଁ ୨ଟି ନ୍ୟାୟିକ କମିଶନ ମଧ ଗଠନ କରାଯାଇଥିଲା। କୋର୍ଟ ମାମଲାର ଶୁଣାଣି ଶେଷ କରିବା ପରେ ଅଗଷ୍ଟ ୩୧ରେ ରାୟ ଦେବାର ଥିଲା। କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ଏହା ସେପ୍ଟେମ୍ବର ୫କୁ ଘୁଞ୍ଚିଥିଲା। କୋର୍ଟ ୨୦୧୩ ନକ୍ସଲ ହମଲା ଘଟଣାରେ ପ୍ରମିଳା ମୋଡିୟାମ, ଚୈତୁ ଲେକାମ ଓରଫ ମୁନା, ସୁମିତା ଓରଫ ପୁନେମ ମୋଡିୟାମ, ମୁକ୍କା ମାଣ୍ଡଭୀ, କୋସା କାବାସି ଓରଫ କୋସାରାମ, ଆୟାତା ମର୍କମ, ମାଡକାମୀ ଦେବ, ଜୋଗା ମାଡକାମୀ, ବଞ୍ଜାମି ସ୍ନା ଓରଫ ଚାମରୁ ଓ ମହାଦେବକ ନାଗକୁ ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଛନ୍ତି। ୧୩ ବର୍ଷ ମଧ୍ୟରେ ମାମଲାର ଶୁଣାଣି ପ୍ରାୟ ୨୯୪ ଥର ହୋଇଥିଲା।

# ଶକ୍ତି ସ୍ୱରୂପା ମହିଳା ସଂଗଠନର ସାଙ୍ଗଠନିକ ବୈଠକ

## ନାରୀମାନଙ୍କର ସାମାଜିକ ଅବସ୍ଥାକୁ ସୁଧାରିବା ପାଇଁ ସଂଗଠନ କାର୍ଯ୍ୟ କରିବ



ଭଦ୍ରକ , ୧୬/୯ (ନି.ପ୍ର): ନାରୀମାନଙ୍କର ସାମାଜିକ ଅବସ୍ଥାକୁ ସୁଧାରିବା ଓ ଅନ୍ୟଦିଗରେ ତାଙ୍କୁ ସଂପୂର୍ଣ୍ଣ ଏବଂ ସ୍ୱାଧୀନ ନାଗରିକ କରିବା ପାଇଁ ଏକ ଦୃଢ଼ ପ୍ରୟାସ କରିବା ଦିଗରେ ଏକ ନୂତନ ମହିଳା ସଂଗଠନ ଭଦ୍ରକ ର ବନ୍ତ ଛକ ନିକଟସ୍ଥ ସ୍ୱାଦ ହୋଟେଲ କକ୍ଷ ରେ ଆଜି ବୁଧବାର ଏହାର ପ୍ରତିଷ୍ଠା ଦିବସ ଅନୁଷ୍ଠିତ ହୋଇଯାଇଛି । ସଭାପତି ଶଶିକଳା ମିଶ୍ର ଙ୍କ ସଭାପତିତ୍ୱରେ ସମ୍ପାଦିକା ଶିକ୍ଷୟତ୍ରୀ ସରୋଜିନୀ ନାୟକ ସଂଗଠନ ଗଠନ ର ଆଭିମୁଖ୍ୟ ପ୍ରଦାନ କରିଥିଲେ । ମହିଳାମାନଙ୍କର ସାମାଜିକ, ଅର୍ଥନୈତିକ ଏବଂ ଶିକ୍ଷାଗତ ବିକାଶ ତଥା ସେମାନଙ୍କର ସଶକ୍ତିକରଣ ପାଇଁ କାର୍ଯ୍ୟ କରିବ ବୋଲି ଏହି ସଂଗଠନ ସଂକଳ୍ପ ନେଇଛି କ୍ଷସମାଜର ସୃଷ୍ଟି ଏବଂ ବିକାଶରେ ନାରୀର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ ବୋଲି ଉପସଭାପତି ଅନିତା ରାୟ କହିଥିଲେ । ନାରୀ ବିନା ଏ' ସଂସାର ଅପୂର୍ଣ୍ଣ ଅଟେ ବୋଲି ଅନ୍ୟତମ ଉପସଭାପତି ସୁଚିତ୍ରା ସିଂ ବକ୍ତବ୍ୟ ରଖିଥିଲେ ଓ ପୁରୁଷ ପ୍ରଧାନ ଏ' ସମାଜ ନାରୀମାନଙ୍କୁ ଏପର୍ଯ୍ୟନ୍ତ ପୁରୁଷମାନଙ୍କ ସହ ସମାନ ଅଧିକାର ଦେଇ ନାହିଁ ବୋଲି ଶିକ୍ଷୟତ୍ରୀ ତଥା କୋଷାଧକ୍ଷ ପ୍ରଜ୍ଞା ପାରମିତା ଜେନା କହିଥିଲେ। ଅନ୍ୟ ମାନଙ୍କ ମଧରେ ସହ ସମ୍ପାଦିକା ଶିକ୍ଷୟତ୍ରୀ ତୃପ୍ତି ଦାସ, ଶ୍ରୀମତୀ ସୀମା ପ୍ରମୁଖ ଯୋଗଦେଇ ଥିଲେ ଆସନ୍ତା ଡିସେମ୍ବର ମାସ ପ୍ରଥମ ସପ୍ତାହ ରେ ସଂଗଠନ ର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବ ବୋଲି ସଭାନେତ୍ରୀ ଶ୍ରୀମତୀ ମିଶ୍ର ପ୍ରକାଶ କରିଥିଲେ ।

# ଆକ୍ରମଣ ମାମଲା: ଅଭିଯୁକ୍ତ ଗିରଫ

ଜୟପୁର, ୧୬/୯ (ନି.ପ୍ର): ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଜଣେ ଯୁବକଙ୍କୁ ଛୁରି ଭୁସି ମରଣାନ୍ତକ ଆକ୍ରମଣ ମାମଲାରେ ଜୟପୁର ସଦର ପୋଲିସ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଜୟପୁର ସଦର ଥାନା ଅନ୍ତର୍ଗତ ପୋଲକାପୁଟ ଗ୍ରାମର ଅମନ ଖ୍ରୀଷ୍ଟିଆନ୍(୩୯)। ବର୍ତମାନ ସେ ହାଡ଼ିଆସ୍ଥିତ ଖ୍ରୀଷ୍ଟିଆନ୍ ସାହିରେ ରହୁଥିବା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁଯାୟୀ, ସେପ୍ଟେମ୍ବର ୧୪ ତାରିଖରେ ଅଭିଯୁକ୍ତ ଅମନ ଖ୍ରୀଷ୍ଟିଆନ୍ ସତ୍ୟବାନ ନାଗଙ୍କ ସାନ ଭାଇ ଡମ୍ବରୁ ନାଗଙ୍କ ବେକକୁ ଛୁରିରେ ଆକ୍ରମଣ କରି ଜୀବନରୁ ମାରି ଦେବାକୁ ଉଦ୍ୟମ କରିଥିଲା। ଅଭିଯୁକ୍ତ ଅମନ ଡମ୍ବରୁ ନାଗଙ୍କୁ ଛୁରିରେ ଆକ୍ରମଣ କରୁଥିବାବେଳେ ଛୁରିଟି ଡମ୍ବରୁଙ୍କ ବେକରେ ବାଜିଯିବାରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ବର୍ତମାନ ଡମ୍ବରୁ ନାଗଙ୍କ ବେକରେ ୧୦ଟି ଷ୍ଟିଚ୍ ପଡ଼ିଥିବାବେଳେ ସେ କୋରାପୁଟ ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡ଼ିକାଲ କଲେଜରେ ଜୀବନ ସହ ସଂଗ୍ରାମ କରି ଚିକିତ୍ସିତ ହେଉଛନ୍ତି। ଡମ୍ବରୁ ନାଗଙ୍କ ବଡ ଭାଇ ସତ୍ୟବାନ ନାଗ ଗତ ସେପ୍ଟେମ୍ବର ୧୫ ତାରିଖରେ ଜୟପୁର ସଦର ଥାନା ଅଭିଯୋଗ କରିବା ପରେ ପୋଲିସ ୨୯୦/ ୨୬ରେ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରେ ଜାଣି ପୋଲିସ ଅଭିଯୁକ୍ତ ଅମନକୁ ଗିରଫ କରିବା ସହ କୋର୍ଟ ଚାଲାଣ କରାଯାଇଥିବା ନେଇ ସଦର ଥାନା ଅଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

# ବନପାଳଙ୍କ ହାତରେ କୁଳଡିହା ଜଙ୍ଗଲ: କାଠମାଫିଆଙ୍କ ଭୂସ୍ୱର୍ଗରେ ଅଭୟାରଣ୍ୟ, କାଟିନେଲେ ମୂଲ୍ୟବାନ ଶାଳଗଛ



ନୀଳଗିରି , ୧୬/୯ (ନି.ପ୍ର): ବାଲେଶ୍ୱର ଜିଲ୍ଲା କୁଳଡ଼ିହା ରେଞ୍ଜ ବାଲିଆନାଳ ବିଟ୍ ଅଧୀନ ବେତକଟା ଜଙ୍ଗଲରୁ ମୂଲ୍ୟବାନ ଶାଳଗଛ କାଟିନେଇଛନ୍ତି କାଠମାଫିଆ ।ବନବିଭାଗର ଢିଲା ପେଟ୍ରୋଲିଂର ସୁଯୋଗନେଇ କାଠମାଫିଆ ଜଙ୍ଗଲ ଭିତରୁ ବେଧଡ଼କ ଭାବେ ଶାଳଗଛ କାଟି ନେଇଥିବା ଦେଖିବାକୁ ମିଳିଛି। ଘଟଣାସ୍ଥଳରେ ୧୫ରୁ ଉର୍ଦ୍ଧ୍ୱ ଶାଳଗଛ କଟାଯାଇଥିବା ଦେଖିବାକୁ ମିଳିଥିବା ବେଳେ କୁଳଡିହା ଅଭୟାରଣ୍ୟର ଭାରାପ୍ରାପ୍ତ ରେଞ୍ଜର ଦୁଇଟି ଶାଳଗଛ କଟିଥିବା ସ୍ୱୀକାର କରିଛନ୍ତି। ତେବେ କିଛି କାଠଗଣ୍ଡି କାଠମାଫିଆ ନେଇଯାଇଥିବା ବେଳେ, ଆଉକିଛି କାଠଗଣ୍ଡି ଏବେବି ଜଙ୍ଗଲ ଭିତରେ ପଡ଼ି ରହିଛି ।କୁଳଡ଼ିହା ଭଳି ସଂରକ୍ଷିତ ଜଙ୍ଗଲରେ ପେଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି ନହେବାରୁ କାଠ ମାଫିଆମାନେ ସକ୍ରିୟହୋଇ ମୂଲ୍ୟବାନ ଗଛ କାଟିନେଉଥିବା ଅଭିଯୋଗ ହୋଇଛି। ପ୍ରଶ୍ନଉଠେ ଜଙ୍ଗଲଭିତରେ ଏତେ ସଂଖ୍ୟକ ଗଛ କଟାଯାଉଥିବା ବେଳେ ବନବିଭାଗ କିପରି ଜାଣିପାରିଲା ନାହିଁ ନା ଜାଣିଶୁଣି ମାଫିଆମାନଙ୍କ ମିଳିଭଗତରେ ଏପରି କାର୍ଯ୍ୟହେଉଛି ତାହା ତଦନ୍ତ ସାପେକ୍ଷ। ଏନେଇ ବିଭାଗପକ୍ଷରୁ ୪/୨୬-୨୭ରେ ମାମଲା ରୁଜୁ ହୋଇଥିବା ବିଭାଗୀୟ ସୂତ୍ରରୁ ପ୍ରକାଶ। ଏହି ଘଟଣାରେ ସଂପୃକ୍ତ କାଠମାଫିଆଙ୍କ ବିରୋଧରେ କେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ତାକୁ ସମସ୍ତଙ୍କର ଅପେକ୍ଷା ।ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ୨୭୨.୭୫ବର୍ଗକିମି ବିସ୍ତୀର୍ଣ୍ଣ କୁଳଡିହା ଅଭୟାରଣ୍ୟର ରକ୍ଷଣାବେକ୍ଷଣ ପାଇଁ ସ୍ୱତନ୍ତ୍ର ରେଞ୍ଜଅଧିକାରୀ ନିଯୁକ୍ତି ହୋଇଥିବା ବେଳେ କିଛିମାସ ପୂର୍ବରୁ ସ୍ଥାୟୀ ଅଧିକାରୀଙ୍କ ବଦଳିପରେ ଅସ୍ଥାୟୀଭାବେ ଜଣେ ବନପାଳଙ୍କ ହାତରେ ଏତେବଡ ସମ୍ବେଦନଶିଳ ଜଙ୍ଗଲର ଗୁରୁଦାୟିତ୍ୱ ଦେବାଫଳରେ ଏଭଳି ସମସ୍ୟା ଦେଖାଦେଇଥିବା ଅଭିଯୋଗ ଉଠିଛି। ତେବେ କେବେ ସ୍ଥାୟୀ ରେଞ୍ଜଅଧିକାରୀ ନିଯୁକ୍ତିହେବେ ଏବଂ ବିସ୍ତୀର୍ଣ୍ଣ ଜଙ୍ଗଲ ଓ ଜୀବଜନ୍ତୁଙ୍କ ସୁରକ୍ଷା ହୋଇପାରିବ ତାକୁ ସମସ୍ତଙ୍କର ଅପେକ୍ଷା।

# ଜିଲ୍ଲା ସାମ୍ବାଦିକ ସଂଘର ଅଧିବେଶନ ତଥା ଆଲୋଚନାଚକ୍ର




ରାଇରଙ୍ଗପୁର, ୧୬/୯ (ନି.ପ୍ର): ରାଇରଙ୍ଗପୁର ସ୍ଥିତ ମହତାବ ଭବନ ଠାରେ ରବିବାର ୧୩/ ୦୯/୨୬ ରିଖ ମୟୁରଭଞ୍ଜ ଜିଲ୍ଲା ସାମ୍ବାଦିକ ସଂଘ ର ଅଧିବେଶନ ଓ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଂଘର ସଭାପତି ଅରୁଣ ଓତା ଙ୍କର ସଭାପତିତ୍ୱରେ ମୁଖ୍ୟ ଅତିଥି ସାଂସଦ ମୟୁରଭଞ୍ଜ,ସମ୍ମାନୀୟ ଅତିଥି ରୂପେ ବିଧାୟକ ଉଦଳା, ରାଇରଙ୍ଗପୁର ଏବଂ ପୌରପାଳିକା ରାଇରଙ୍ଗପୁର ର ଅଧ୍ୟକ୍ଷ ଅଭିଷେକ ପଟ୍ଟନାୟକ ତଥା ପୋଲିସ ଜିଲ୍ଲା ରାଇରଙ୍ଗପୁର ର ଆରକ୍ଷୀ ଅଧୀକ୍ଷକ ସୁରେଶ ଚନ୍ଦ୍ର ପାତ୍ର ଏବଂ କଳିଙ୍ଗ ୟୁନିୟନ ଅଫ ୱାର୍କିଂ ଜର୍ଣ୍ଣାଲିଷ୍ଟ ର ରାଜ୍ୟ ସଭାପତି ମନୋଜ କୁମାର ଦାସ ପ୍ରମୁଖ ମଞ୍ଚାସୀନ ଥିଲେ ।ଜିଲ୍ଲା ତଥା ଜିଲ୍ଲା ବାହାରୁ ବିଭିନ୍ନ ସମ୍ବାଦପତ୍ର ତଥା ବୈଦ୍ୟୁତିକ ଗଣମାଧ୍ୟମର କାର୍ଯ୍ୟରତ ୧୫୦ ରୁ ଅଧିକ ସାମ୍ବାଦିକ ମାନେ ପ୍ରତିଶ୍ରୁତି ଓ ପ୍ରତାରଣା ର ବଳୟରେ ଓଡିଶା ସାମ୍ବାଦିକ ଶୀର୍ଷକ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର ରେ ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ । ସାମ୍ବାଦିକ ଙ୍କୁ ପେନସନ୍,କାର୍ଯକ୍ଷେତ୍ରରେ ସୁରକ୍ଷା ଆଦି ୮ ଦଫା ଦାବୀ ସଂବଳିତ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟ ରେ ଉପସ୍ଥିତ ସାଂସଦ ତଥା ବିଧାୟକଙ୍କୁ ପ୍ରଦାନ କରାଯାଇଥିଲା । ଏହି ଅବସରରେ ସାମ୍ବାଦିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସାମ୍ବାଦିକଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଦ ଗ୍ଲୋବାଲ କ୍ରାଉନ୍ ୨୦୨୬ର ସାମ୍ବାଦିକ ସମ୍ମିଳନୀ




ଭୁବନେଶ୍ୱର, ୧୬/୯ (ନି.ପ୍ର): ଆନୋନିମସ ଫିଲ୍ମସ ଏବଂ କେ.ଏଫ. ଟି. ଆଇ ଦ୍ୱାରା ଆୟୋଜିତ ଦ ଗ୍ଲୋବାଲ କ୍ରାଉନ୍ ୨୦୨୬ ର ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଓଡିଶା ସଂଗଠନ ଅଂଶୀଦାର ଭାବେ କାର୍ଯ୍ୟ କରୁଥିବା ଅନୀଶ ଏଣ୍ଟରଟେନମେଣ୍ଟର ମୁଖ୍ୟ ତପନ ଦାଶ, ମିଡ଼ିଆ ପ୍ଲାନରର ମ୍ୟାନେଜିଂ ଡାଇରେକ୍ଟର ପ୍ରଣୟ ଜେଠୀ ଏବଂ ଏହି ପ୍ରତିଯୋଗୀତାକୁ ସହଯୋଗ କରୁଥିବା ମୁନ୍ ଟିଭି ମୁଭିଜ୍ ର ପ୍ରଯୋଜକ ସଚ୍ଚିକାନ୍ତ ଜେନା, ଉମାମଣୀ ଭିଜୁଆଲ୍ସ କ୍ରିଏସନ ର ଡାଇରେକ୍ଟର ନାରାୟଣ ନାୟକ ଉପସ୍ଥିତ ଥିଲେ । ତାଙ୍କ ସମେତ ଆନୋନିମସ ଫିଲ୍ମସର ପ୍ରତିଷ୍ଠାତ୍ରୀ ପାୟଲ ମୁଖାର୍ଜୀ ଏବଂ କେ.ଏଫ. ଟି. ଆଇ ର ନିର୍ଦ୍ଦେଶିକା ରୁବିୟା ବାନାର୍ଜୀ ଯୋଗଦେଇ ଏହି ଗ୍ଲୋବାଲ କ୍ରାଉନ ୨୦୨୬ ର ପ୍ରତିଯୋଗିତା ସମ୍ପର୍କରେ ସବିଶେଷ ବିଷୟ ଗଣମାଧମକୁ ପ୍ରକାଶ କରିଥିଲେ । ଗ୍ଲୋବାଲ କ୍ରାଉନ ମୁକୁଟ ପିନ୍ଧାଇବା ପାଇଁ ବିଶ୍ୱ ସ୍ତରୀୟ ଅଡିସନ ମାଧ୍ୟମରେ ୫୦ ଜଣ ପ୍ରତିଯୋଗୀ ଚୟନ କରାଯିବ। ୨୫ ଜଣ ମିସ୍ ଏବଂ ୨୫ ଜଣ ମିସ୍ଟ୍ରେସ୍ ବର୍ଗର ପ୍ରତିଯୋଗୀଙ୍କୁ ଚୟନ କରାଯିବ । ଚୟନ ହୋଇଥିବା ସେହି ୫୦ ଜଣ ପ୍ରତିଯୋଗୀଙ୍କୁ ନେଇ ଅକ୍ଟୋବର ୧ ରୁ ୬ ତାରିଖ କଲିକତାରେ ୬ ଦିନର ଏକ କର୍ମଶାଳା ଅନୁଷ୍ଠିତ ହେବ। ସେମାନଙ୍କ ମଧ୍ୟରୁ ୩୦ ଜଣ ପ୍ରତିଯୋଗୀଙ୍କୁ ସେମୀଫାଇନାଲକୁ ଚୟନ କରାଯିବ ଏବଂ ଅକ୍ଟୋବର ୮ ତାରିଖରେ କଲିକତାର ଟାଲିଗଞ୍ଜ କ୍ଲବଠାରେ ଗ୍ରାଣ୍ଡ ଫିନାଲେ ହେବ । ଆସନ୍ତା ୨୬ ସେପ୍ଟେମ୍ବରରେ ସାଣ୍ଡିସ ଟାୱାର ହୋଟେଲଠାରେ ଓଡିଶା ଜୋନ୍ ର ଅଡିସନ ହେବ । ମୁଖ୍ୟ ସେଲିବ୍ରିଟି ଜୁରି ଭାବରେ ନୟନିକା ଚାଟାର୍ଜୀ ରହିବେ। ମୁଖ୍ୟ ବିଚାରକ ଭାବେ ପ୍ରସିଦ୍ଧ ବଲିଉଡ ସେଲିବ୍ରିଟି, ପ୍ରତିଷ୍ଠିତ ବ୍ୟକ୍ତିତ୍ୱ, ଫେଶନ ଡିଜାଇନର, ଚଳଚ୍ଚିତ୍ର ନିର୍ମାତା, ପ୍ରଯୋଜକ ଏବଂ ଶିଳ୍ପ ନେତା ରହିବେ। ତେବେ ଏହି ଇଭେଣ୍ଟ ଦ୍ୱାରା ଓଡିଶାରେ ଥିବା ଅନେକ ପ୍ରତିଭା ସୁଯୋଗ ପାଇବେ ବୋଲି ଆୟୋଜକ ସାମ୍ବାଦିକ ସମ୍ମିଳନୀ ରେ ପ୍ରକାଶ କରିଥିଲେ।

# ଜଳେଶ୍ୱରରେ ଜିଲ୍ଲା ଅଧିବକ୍ତା ପରିଷଦର ୩୫ତମ ପ୍ରତିଷ୍ଠା ଦିବସ ପାଳିତ




ଜଳେଶ୍ୱର, ୧୬/୯ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଜାଲେଶ୍ୱର ନୂଆ ବଜାର ଭଞ୍ଜ ଭବନ ଠାରେ ଜିଲ୍ଲା ସ୍ତରୀୟ ଅଧିବକ୍ତା ପରିଷଦର ୩୫ ତମ ପ୍ରତିଷ୍ଠା ଦିବସ ବାଲେଶ୍ୱର ଜିଲ୍ଲା ଅଧିବକ୍ତା ପରିଷଦର ସଭାପତି ଆଇନଜିବି ଲକ୍ଷ୍ମୀଧର ବେହେରାଙ୍କ ଅଧକ୍ଷତାରେ ମହାସମାରୋହରେ ପାଳିତ ହୋଇଯାଇଛି ।ରାଷ୍ଟ୍ର,ନ୍ୟାୟ,ଓ ସାମାଜିକ ସମରସତାର ମୂଳ ମନ୍ତ୍ରକୁ ନେଇ ଆୟୋଜିତ ଏହି ସମାରୋହରେ ଜିଲ୍ଲାର ସରକାରୀ ଓକିଲ ଲମ୍ବୁଧର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ସହପ୍ରାନ୍ତ ପ୍ରଚାର ପ୍ରମୁଖ ମନୀନ୍ଦ୍ର ସୁନ୍ଦର ଦାସ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତିଙ୍କୁ ସୁଲଭ ଓ ତ୍ୱରିତ ନ୍ୟାୟ ପ୍ରଦାନ କରିବା ଏବଂ ଆଇନ ସେବା ମାଧ୍ୟମରେ ସାମାଜିକ ସମରସତା ବଜାୟ ରଖିବା ଉପରେ ବିଶେଷ ଆଲୋକପାତ କରିବା ସହ ରାଷ୍ଟ୍ର ନିର୍ମାଣରେ ଆଇନଜୀବୀମାନଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ସେମାନେ କେବଳ ଆଇନଗତ ସେବା ମଧ୍ୟରେ ସୀମିତ ନରହି ସମାଜସେବା ଓ ନ୍ୟାୟ ପ୍ରତିଷ୍ଠାରେ ପ୍ରମୁଖ ଭୂମିକା ଗ୍ରହଣ କରିବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ ।ଅଧିବକ୍ତା ପରିଷଦର ଓଡିଶା ପ୍ରାନ୍ତ ସମ୍ପାଦକ ଆଇନଜିବୀ ଦେବାଶିଷ ତ୍ରିପାଠୀ,ଜିଲ୍ଲାର ସଂପାଦକ ଆଇନଜିବୀ ଗୋବର୍ଦ୍ଧନ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।ବାଲେଶ୍ୱର ଜିଲ୍ଲାର ଅଧିବକ୍ତା ପରିସଦର ଜିଲ୍ଲା ଯୁଗ୍ମ ସମ୍ପାଦକ ଅରୁପ କୁମାର ଜେନା ମଞ୍ଚ ଆହ୍ୱାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜିଲ୍ଲା ଉପ ସଭାପତି ଆଇନଜିବି ରାଜାରାମ ମହାପାତ୍ର ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।ଅଧିବକ୍ତା ପରିଷଦର ଓଡିଶା ପ୍ରାନ୍ତ ସମ୍ପାଦକ ଦେବାଶିଷ ତ୍ରିପାଠୀ ଜିଲ୍ଲାର ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଜିଲ୍ଲା କମିଟି ନାମ ଘୋଷଣା କରିଥିଲେ ।ସଭାପତି ଆଇନଯିବି ଶିବବ୍ରତ ମହାପାତ୍ର,ସଂମ୍ପାଦକ କାର୍ତ୍ତୀକ କୁମାର ସ ,କୋଷାଧକ୍ଷ ପରେଶ ଚନ୍ଦ୍ର ବେହେରା,ଉପ ସଭାପତି ରାଜାରାମ ମହାପାତ୍ର,ସିଦ୍ଧାର୍ଥ ପ୍ରସାଦ କାମିଲା,ପ୍ରସାନ୍ତି ସାହୁ,ସହ ସମ୍ପାଦକ ଭାବରେ ଅରୁପ କୁମାର ଜେନା,ରତିକାନ୍ତ ଜେନାଙ୍କ ନାମ ଘୋଷଣା କରିଥିଲେ ।ସମାଜରେ ଶାନ୍ତି,ସୌହାର୍ଦ୍ଦ୍ୟ ଓ ନ୍ୟାୟପୂର୍ଣ୍ଣ ବାତାବରଣ ସୃଷ୍ଟି କରିବା ।ଆଇନ କ୍ଷେତ୍ରରେ ନୈତିକତା ଓ ସାଧୁତା ବଜାୟ ରଖିବା ପାଇଁ ଯୁବ ଆଇନଜୀବୀମାନଙ୍କୁ ପ୍ରେରଣା ପ୍ରଦାନ କରିବା ଏହି ପ୍ରତିଷ୍ଠା ଦିବସ ସମାରୋହରେ ପରିଷଦର ବହୁ ବରିଷ୍ଠ ସଦସ୍ୟ ଏବଂ କର୍ମକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

# ମୁକ୍ତେଶ୍ୱର କ୍ଲବ୍ ପକ୍ଷରୁ ରକ୍ତଦାନ ଶିବିର

ବସ୍ତା,୧୬/୯(ନିପ୍ର): ଗଣେଶ ପୂଜା ଅବସରରେ ବସ୍ତା ବ୍ଲକ ମଥାନୀ ପଞ୍ଚାୟତ ସାନଖୁଡି ଗ୍ରାମର (ମନ୍ଦିର ସାହି) ଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସୁରେନ୍ଦ୍ର ନାଥ ଜେନା ସ୍ମୃତି କମିଟି ସହଯୋଗରେ ଆୟୋଜିତ ଏହି ଶିବିରକୁ ଡାକ୍ତର ହିମାଂଶୁ ପଲେଇ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ସମାଜସେବୀ ତଥା ଜିଲ୍ଲା ରକ୍ତଦାତା ସଂଘର ଉପସଭାପତି ସୁମନ୍ତ କୁମାର ଜେନା ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଉଦଳା ରକ୍ତ କେନ୍ଦ୍ରର କର୍ମଚାରୀ ମାନେ ରକ୍ତ ସଂଗ୍ରହ କରିଥିଲେ। ଶିବିରରୁ ୟୁନିଟ ରକ୍ତ ସଂଗୃହିତ ହୋଇଥିଲା। କ୍ଲବର ସଭାପତି ଗୌତମ ମହାପାତ୍ର, ଉପସଭାପତି ଜୀବନ ପାତ୍ର, ସମ୍ପାଦକ ତପନ ପାତ୍ର, ସହସମ୍ପାଦକ ନରେଶ କୁମାର ସିଂହ, ସଭ୍ୟ ସପନ ପାତ୍ର, ଅରୁଣ ପାତ୍ର, ଜ୍ଞାନ ପାତ୍ର, ଶ୍ରୀତମ ସିଂହ, ଜିତେନ୍ଦ୍ରୁ ଦାସ, ଲକ୍ଷ୍ମଣ ପାତ୍ର, ରାକେଶ ବେହେରା, ରାଜୀବ ମହାପାତ୍ର, ସ୍ୱେଚ୍ଛାସେବୀ ସୁଜିତ୍ ପରିଡ଼ା ଶିବିରକୁ ପରିଚାଳନା କରିଥିଲେ।



# ବାଲିଆପାଳ ଖପରାପଦା ଗ୍ରାମ୍ୟ ବ୍ୟାଙ୍କ ଡକାୟତି ଘଟଣାରେ ୫ ଗିରଫ

## ଦେଶୀ ବନ୍ଧୁକ ସହିତ ୩ଟି ଅଫୁଟା ଗୁଳି ଜବତ



ବାଲିଆପାଳ , ୧୬/୯ (ନି.ପ୍ର): ବାଲିଆପାଳ ଥାନା ଅଧୀନ ଖପରାପଦା ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରୁ ଲକ୍ଷାଧିକ ଟଙ୍କା ଡକାୟତି ଘଟଣାରେ ପୋଲିସକୁ ବଡ଼ ସଫଳତା ମିଳିଛି। ଘଟଣାରେ ସମ୍ପୃକ୍ତ ୫ ଜଣ ଅଭିଯୁକ୍ତଙ୍କୁ ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରୁ ଗିରଫ କରିଛି ପୋଲିସର ସ୍ୱତନ୍ତ୍ର ଟିମ୍। ୨୦୨୬ ସେପ୍ଟେମ୍ବର ୮ ତାରିଖ ରାତି ପ୍ରାୟ ୧୦ଟା ୧୦ ମିନିଟ୍ ସମୟରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ, ଖପରାପଦା ଶାଖାର ଈଗ ଅଜୟ କୁମାର ସେଠୀ ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ୬ ଜଣ ଦୁର୍ବୃତ୍ତ ବ୍ୟାଙ୍କ ଭିତରକୁ ପଶି କର୍ମଚାରୀଙ୍କୁ ଆକ୍ରମଣ କରିବା ସହ ହାତଗୋଡ଼ ବାନ୍ଧି ଦେଇଥିଲେ। ପରେ କ୍ୟାସ୍ କାଉଣ୍ଟରରୁ ୧୩ ଲକ୍ଷ ୮୦ ହଜାର ୪୪୪ ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଥିଲା।ଏହି ଅଭିଯୋଗ ଆଧାରରେ ବାଲିଆପାଳ ଥାନାରେ କେସ୍ ନମ୍ବର ୪୩୧, ତାରିଖ ୦୮.୦୯.୨୦୨୬ରେ ମାମଲା ରୁଜୁ ହୋଇଥିଲା। ଇଘଝର ଧାରା ୩୧୦(୨) ସହ ଆର୍ମସ୍ ଆକ୍ଟର ଧାରା ୨୫/୨୭ ଲାଗୁ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା। ଅଭିଯୁକ୍ତଙ୍କୁ ଧରିବା ପାଇଁ ବାଲେଶ୍ୱର ଏସ୍ପି ଏବଂ ଡିଆଇଜି, ଇଷ୍ଟର୍ଣ୍ଣ ରେଞ୍ଜ ବାଲେଶ୍ୱରଙ୍କ ନିର୍ଦ୍ଦେଶରେ ଦୁଇଟି ସ୍ୱତନ୍ତ୍ର ଟିମ୍ ଗଠନକରାଯାଇଥିଲା। ବସ୍ତା ଝଉଚଡ ସମର୍ଥ କୁମାର ବେହେରା ଙ୍କ ଙ୍କ ତତ୍ତ୍ୱାବଧାନରେ ଏହି ଟିମ୍ଗୁଡ଼ିକ ତଦନ୍ତ ଓ ଚଢ଼ାଉ ଜାରି ରଖିଥିଲେ।ତଦନ୍ତ ସମୟରେ ପଶ୍ଚିମବଙ୍ଗର ବିଭିନ୍ନ ସ୍ଥାନରେ ପୋଲିସ ଚଢ଼ାଉ କରିଥିଲା। ସନ୍ଦେଶଖାଲି ଥାନା ଅଧୀନ ରାମପୁର, ଜୀବନତଳା ଥାନା ଅଧୀନ ଚଣ୍ଡିବାଲି, ସୋନାରପୁର ଏବଂ ମହେନ୍ଦ୍ରପୁର ଥାନା ଅଞ୍ଚଳର ଚାଟପୁର ଆଦି ସ୍ଥାନରେ ଚଢ଼ାଉ କରାଯାଇ ୫ ଜଣ ଅଭିଯୁକ୍ତଙ୍କୁ ଧରାଯାଇଛି। ୬ ଜଣ ଅଭିଯୁକ୍ତ ସମ୍ପୃକ୍ତ ଥିବା ଉଲ୍ଲେଖ ରହିଥିବା ବେଳେ ଏପର ?ୟନ୍ତ ୫ ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟ ଜଣ ଅଭିଯୁକ୍ତଙ୍କୁ ଧରିବା ସହ ଲୁଟ୍ ଟଙ୍କା ଓ ଘଟଣାରେ ବ୍ୟବହୃତ ସାମଗ୍ରୀ ସମ୍ପର୍କରେ ପୋଲିସର ତଦନ୍ତ ଜାରି ରହିଚି।

# ପ୍ରତିଶ୍ରୁତି ସାରସ୍ୱତ ସମ୍ମାନ -୨୦୨୬ ପ୍ରଦାନ ସମାରୋହ ଅନୁଷ୍ଠିତ



ବାରିପଦା, ୧୬/୯ (ନି.ପ୍ର): ମୟୂରଭଞ୍ଜର ବାରିପଦାରୁ ଦୀର୍ଘ ୪୪ ବର୍ଷ ଧରି ନିରବଚ୍ଛିନ୍ନଭାବେ ଭାଗବତ ପଣ୍ଡାଙ୍କ ସମ୍ପାଦନାରେ ପ୍ରକାଶ ପାଉଥିବା ସାହିତ୍ୟ ଓ ସଂସ୍କୃତି ମୂଳକ ତ୍ରୈମାସିକ ପତ୍ରିକା 'ପ୍ରତିଶ୍ରୁତି' ତରଫରୁ ପବିତ୍ର ନୂଆଖାଇର ଶୁଭ ଅବସରରେ ଏକ ସାରସ୍ୱତ ସମାରୋହ ଓ ସମ୍ବର୍ଦ୍ଧନା ପର୍ବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବର୍ଷିୟାନ ସାରସ୍ୱତ ସାଧକ ତଥା ବହୁ ପୁସ୍ତକର ରଚୟିତା ବୃନ୍ଦାବନ ଦାଶଙ୍କୁ ପ୍ରତିଶ୍ରୁତି ସାରସ୍ୱତ ସମ୍ମାନ - ୨୦୨୬ ପ୍ରଦାନ କରାଯାଇଛି । ପ୍ରତିଷ୍ଠାନର ସଭାପତି ଡା. ପାର୍ଥ ସାରଥୀ ଜେନାଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରତିଶ୍ରୁତିର ପ୍ରତିଷ୍ଠାତା ସମ୍ପାଦକ ଭାଗବତ ପଣ୍ଡା ଶ୍ରୀ ଦାଶଙ୍କ ଜୀବନ ବ୍ୟାପି ସାରସ୍ୱତ ସାଧନା ସମ୍ପର୍କରେ ଆଲୋକପାତ କରିଥିଲେ । ବାର୍ଦ୍ଧକ୍ୟ ଓ ଶାରୀରିକ ଅସୁସ୍ଥତା ଯୋଗୁଁ ଏହି କାର୍ଯ୍ୟକ୍ରମ ଶ୍ରୀ ଦାଶଙ୍କ ବାସଗୃହରେ ଅନୁଷ୍ଠିତ ହୋଇଥିଲା । ସଭାପତି ଡା. ଜେନା ଶ୍ରୀ ଦାଶଙ୍କର ସାହିତ୍ୟକୃତି ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ । ସମ୍ବର୍ଦ୍ଧନାର ଉତ୍ତରରେ ଶ୍ରୀ ଦାଶ ଅତି ସଂକ୍ଷେପରେ ତାଙ୍କ ସାରସ୍ୱତ ଜୀବନର ଅନୁଭୂତି ବର୍ଣ୍ଣନା କରିବା ସହିତ ଜୀବନର ୪ର୍ଥ ଅବସ୍ଥାରେ ପ୍ରତିଶ୍ରୁତି ତାଙ୍କୁ ସମ୍ବର୍ଦ୍ଧିତ କରିଥିବାରୁ ଅତିଶୟ ସନ୍ତୋଷବ୍ୟକ୍ତ କରିଥିଲେ । ପରିଶେଷରେ ସମ୍ପାଦକ ଶ୍ରୀ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ବୋମାମାଡ଼: ବଡ଼ଭାଇ ମୃତ, ସାନଙ୍କ ହାତ ଛିଣ୍ଡିଲା

ଖୋର୍ଦ୍ଧା, ୧୬/୯ (ନି.ପ୍ର): ପତିଆରା ପାଇଁ ୨ ଭାଇ ସାଜିଲେ ଶତ୍ରୁ ମହୁଲି ମଦ ପିଇ ୨ଭାଇ ପ୍ରଥମେ ଝଗଡ଼ା କଲେ। ତା'ପରେ ରାଗ ସୁଝାଇବା ପାଇଁ ପରସ୍ପର ଜୀବନ ନେବାକୁ ପଛାଇଲେ ନାହିଁ। ଜନ୍ତୁ ଘଉଡ଼ାଇବା ପାଇଁ ରଖାଯାଇଥିବା ବୋମାକୁ ପରସ୍ପର ଉପରକୁ ଫିଙ୍ଗିଲେ। ଫଳରେ ବଡ଼ଭାଇ ମୋହନ ପାଢ଼ୀଙ୍କ ମୃତ୍ୟୁ ଘଟିଥ?ିବା ବେଳେ ସାନ ଭାଇ ମଦନ ପାଢ଼ୀଙ୍କ ହାତ ଛିଣ୍ଡିଯାଇଛି। ଏଭଳି ଘଟଣା ମଙ୍ଗଳବାର ରାତି ସାଢେ ୧୦ଟାରେ ଚନ୍ଦକା ଥାନା ଅନ୍ତର୍ଗତ ମହୁଲ ଗାଁରେ ଦେଖିବାକୁ ମିଳିଛି। ଖବର ପାଇ ପୋଲିସ ଗାଁରେ ପହଞ୍ଚି ମୃତଦେହ ଜବତକରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ମଦନଙ୍କୁ ପୋଲିସ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲ ପରେ ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରିଛି। ହତ୍ୟାକାଣ୍ଡକୁ ନେଇ ଗାଁରେ ଉତ୍ତେଜନା ଦେଖିବାକୁ ମିଳିଥିଲା। ପୋଲିସ ଲୋକଙ୍କୁ ବୁଝାଶୁଝା କରିବା ପରେ ସେଠାରେ ରାତିରେ ଫୋର୍ସ ଜଗି ରହିଥିଲେ। ଏନେଇ ପୋଲିସ ଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ବାରିପଦାରେ ବିଜେପିର ଜିଲ୍ଲା ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

ବାରିପଦା, ୧୬/୯ (ନି.ପ୍ର): ଭାରତୀୟ ଜନତା ପାର୍ଟି (ମୟୂରଭଞ୍ଜ ପୂର୍ବ ସାଂଗଠନିକ ଜିଲ୍ଲା) ତରଫରୁ ଏକ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ତକତପୁରସ୍ଥିତ ଜିଲ୍ଲା କାର୍ଯ୍ୟାଳୟ ପରିସରରେ ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜ୍ୟ ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବରେ ଜିଲ୍ଲା ପ୍ରଭାରୀ ତଥା ରାଜ୍ୟ ଉପ-ସଭାନେତ୍ରୀ ସିପ୍ରା ବାଜପେୟୀ, ଉଦଳା ବିଧାୟକ ଭାସ୍କର ମଢେଇ, ବାରିପଦା ବିଧାୟକ ପ୍ରକାଶ ସୋରେନ, ବଡ଼ସାହି ବିଧାୟକ ସନା ତନ ବିଜୁଳି, ସାରସକଣା ବିଧାୟକ ଭାଦବ ହାଁସଦାଃ, ବାଙ୍ଗିରିପୋଷି ବିଧାୟିକା ସଂଜଳି ମୁର୍ମୁ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ, ଏସଡିସି ଅଧ୍ୟକ୍ଷ ଡା. ବୁଦ୍ଧାନ ମୁର୍ମୁ, ଉପାଧ୍ୟକ୍ଷା କୌଶଲ୍ୟା ନାଏକ, ଏସ.ଟି. ମୋର୍ଚ୍ଚାର ରାଜ୍ୟ ସଭାପତି କାନ୍ଦ୍ରା ସୋରେନ, ଉଦଳା ବିଜ୍ଞାପିତ ପରିଷଦର ଅଧ୍ୟକ୍ଷା ପ୍ରମିଳା ପଣ୍ଡା, ରାଜ୍ୟ ମିଡ଼ିଆ ପେନାଲିଷ୍ଟ କବି ବିଷ୍ଣୁ ଶତପଥି ପ୍ରମୁଖ ଉପସ୍ଥିତ ଥିଲେ. ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୨୫ ବର୍ଷର ସୁଶାସନ ଉପଲକ୍ଷେ ବିଭିନ୍ନ ଜନକଲ୍ୟାଣକାରୀ କାର୍ଯ୍ୟକ୍ରମକୁ ତୃଣମୂଳ ସ୍ତରରେ ସଫଳ ରୂପାୟନ କରିବା ଲାଗି ଉପସ୍ଥିତ କାର୍ଯ୍ୟକର୍ତ୍ତାମାନଙ୍କୁ ଆହ୍ୱାନ ଦିଆଯାଇଥିଲା. ଏହା ସହିତ ଆଗାମୀ ତ୍ରି-ସ୍ତରୀୟ ପଞ୍ଚାୟତ, ସମବାୟ ତଥା ପୌର ନିର୍ବାଚନ ପାଇଁ ଦଳୀୟ ରଣନୀତି ପ୍ରସ୍ତୁତ କରାଯିବା ସହ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନା ବିଷୟରେ ଆଲୋଚନା କରାଯାଇଥିଲା. ଜିଲ୍ଲା ସାଧାରଣ ସମ୍ପାଦକ ପ୍ରଦୀପ କୁମାର ମହାନ୍ତି ବିଗତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମ ଏବଂ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ବିବରଣୀ ପ୍ରଦାନ କରିଥିବା ବେଳେ ବାରିପଦା ଦକ୍ଷିଣ ମଣ୍ଡଳ ସଭାପତି ସୁବ୍ରତ ମୁଖି ସ୍ୱାଗତ ଭାଷଣ ଦେଇଥିଲେ. ଜିଲ୍ଲା ସମ୍ପାଦକ ପ୍ରବିଣ କୁମାର ପାତ୍ର ମଞ୍ଚ ପରିଚାଳନା କରି ଥିବା ବେଳେ, ବାରିପଦା ଉତ୍ତର ନଗର ମଣ୍ଡଳ ସଭାପତି ଶ୍ରଦ୍ଧାଞ୍ଜଳି ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# ଅଭିଶପ୍ତ ନୀଳଗିରି- ବଉଳଗଡିଆ ରାସ୍ତା: ଚାଲୁଛି ଅଳପ, ଝୁଣ୍ଟୁଛି ବେଶୀ



ନୀଳଗିରି, ୧୬/୯ (ନି.ପ୍ର): ପ୍ରଶାସନ, ଠିକାଦାର ଓ ରାଜନୈତିକ ପଶାପାଲିରେ ବାନ୍ଧିହୋଇ ଗୁମୁରିଗୁମୁରି କାନ୍ଦୁଛି ଅଭିଶପ୍ତ ନୀଳଗିରି - ବଉଳଗଡିଆ ରାସ୍ତା। କେବେ ମେଟାଲ୍,ଚିପ୍ସ, ପିଚୁର ପୂର୍ଣ୍ଣାଙ୍ଗ ଆସ୍ତରଣରେ ସଜେଇହୋଇ ପଥିକ, ଯାତ୍ରୀ, ଶ୍ରଦ୍ଧାଳୁଙ୍କୁ ନିଜର ଶକ୍ତବକ୍ଷରେ ସ୍ଥାନଦେଇ ସ୍ୱାଗତ କରିବ, ଏହି ଆଶା ତା'ର ମଉଳି ଯିବାକୁ ବସିଛି।ନିର୍ମାଣକାର୍ଯ୍ୟ ସତରେ କଣ ପୂର୍ଣ୍ଣାଙ୍ଗ ହେବ ? ଆଶା ଆଶଙ୍କାରେ ଥିବା ଅଞ୍ଚଳବାସୀଙ୍କ ମନରେ ଏଇ ପ୍ରଶ୍ନ। ମରାମତି ନାମରେ ବାରମ୍ବାର ସରକାରୀ ଅର୍ଥର ଦୁରୁପଯୋଗ ହେଉଥିବା ବେଳେ ସରକାରୀବାବୁ, ଠିକାସଂସ୍ଥା ଓ ରାଜନେତାଙ୍କ ମଧୁଚନ୍ଦ୍ରିକାରେ ରାସ୍ତାକାମ ବାଧାପ୍ରାପ୍ତ ହେଉଛି। ଫଳରେ ଦୀର୍ଘ ୧୬କିଲୋମିଟର ରାସ୍ତା ମରଣଯନ୍ତା ପାଲଟିଛି। ରାସ୍ତା ମରାମତି ନାମରେ ସରକାରୀ ତହବିଲରୁ ବାରମ୍ବାର ଅର୍ଥ ସ୍ୱାହା ହୋଇଥିଲା ବେଳେ ଯଥା ପୂର୍ବଂ ତଥା ପରଂ ଅବସ୍ଥା।ସୂଚନାମୁତାବକ ନୀଳଗିରି ପୂର୍ତ୍ତବିଭାଗ ଏସଡିଓଙ୍କ ବୟାନ ଅନୁଯାୟୀ ଉକ୍ତରାସ୍ତାର ପ୍ରାରମ୍ଭିକ ନିର୍ମାଣନିମିତ୍ତ ୧କୋଟି ୯୦ଲକ୍ଷଟଙ୍କା ମଂଜୁର ହୋଇ ନୂତନ ଠିକାସଂସ୍ଥାକୁ ପ୍ରଦାନ କରାଯାଇଛି। ପୂର୍ବରୁ ରାସ୍ତାର ଖାଲଖମା ସ୍ଥାନରେ ଡଷ୍ଟ ପକାଯାଇମରାମତି କରାଯାଇଥିଲେ ହେଁ ଏବେ ତାହା ଉଠିଯାଇ ଖାଲଢିପରେ ପରିଣତ ହୋଇଛି। ତେବେ ଉକ୍ତ ସଂସ୍ଥା ଆଜକୁ ୧୦/୧୨ଦିନ ପୂର୍ବରୁ ଡଷ୍ଟ ସଫାନକରି ରାତିଅଧରେ ଜାତୀୟ ରାଜପଥରେ କାମ ହେଉଥିବା ବଳକା ପୋଟଲ ଆଣି ପକାଇଥିଲା। ଫଳରେ ରାତାରାତି ରାସ୍ତାରୁ ପିଚୁ ଓ ଗୋଡି ଉଠିଯାଇ ଯେସାକୁ ତେସା ଦେଖିବାକୁ ମିଳିଛି।ବାଡ଼ ଯଦି ଫସଲ ଖାଇବ ତାହାହେଲେ ଫସଲ ଜଗିବ କିଏ ନ୍ୟାୟରେ ବିଭାଗୀୟ ଅଧିକାରୀ,ଠିକାଦାର, ରାଜନେତା ମଧୁଚନ୍ଦ୍ରିକା ଏବଂ ଏପରିକି କିଛି ପ୍ରତିପତ୍ତି ଲୋକଙ୍କ ବାହୁବଳୀରେ ରାସ୍ତାର ଉନ୍ନତିକରଣ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ଉଠିଛି। ରାସ୍ତାକାମ ପାଇଁ କିଛି ରାଜନୈତିକ ସଂଗଠନ ପକ୍ଷରୁ ରାସ୍ତାରୋକ, ଧାରଣା ଦିଆଯାଇଥିଲେ ହେଁ ଏହା ତାଙ୍କର ସ୍ୱାର୍ଥସାଧନ ପାଇଁ ଉଦ୍ଦିଷ୍ଟ ବୋଲି ଅଭିଯୋଗ ହୁଏ। ସର୍ବୋପରି କିଛିଦିନ ପୂର୍ବରୁ ଜୈନିକ ସ୍ଥାନୀୟ ଯୁବକ ରାତିରେ କାମହେଉଥିବା ବେଳେ କୌଣସି ବିଭାଗୀୟ ଅଧିକାରୀ ନଥିବାରୁ ଠିକାଦାରଙ୍କୁ ନିମ୍ନମାନର କାର୍ଯ୍ୟ ହେଉଥିବାର ବିରୋଧ କରିବାରୁ ଠିକାଦାର ସମସ୍ତଙ୍କୁ ପିସି ଦିଆଯାଉଥିବା ସର୍ବସାଧାରଣରେ କହିଥିବା ବେଳେ ନିମ୍ନମାନର କାମହେବ କହିବା ସହିତ ସଂପୃକ୍ତ ଯୁବକଙ୍କୁ ଠିକାଦାର ଏବଂ ତାଙ୍କ କର୍ମଚାରୀ ଆକ୍ରମଣ କରିବାଫଳରେ ଯୁବକଜଣକ ଗୁରୁତରହୋଇ ନୀଳଗିରି ହସ୍ପିଟାଲରେ ଚିକିତ୍ସିତ ହୋଇଥିଲେ। ସତରେ କଣ ବାବା ପଞ୍ଚଲିଙ୍ଗେଶ୍ୱରଙ୍କ କୃପାଦୃଷ୍ଟି ପଡ଼ିବ ଓ ରାସ୍ତାର ଭାଗ୍ୟ ଖୋଲିବ ଏହାକୁ ଆଳକରି ନେତା, ବାବୁ ଓ ଠିକାଦାରଙ୍କ ପକେଟ ଗରମ ହୋଇଚାଲିବ ତାକୁ ଦେଖିବାକୁ ବାକି ରହିଲା।

## କାର୍ଯ୍ୟରତ ବିଦ୍ୟୁତ କର୍ମଚାରୀଙ୍କ ଅକାଳ ବିୟୋଗରେ ଶୋକର ଛାୟା

ବୈଶିଙ୍ଗା, ୧୬/୯ (ନି.ପ୍ର): ବୈଶିଙ୍ଗା ଥାନା ଅଧୀନ ରଙ୍ଗାମାଟିଆ ଗ୍ରାମର ନିରଞ୍ଜନ ମଣ୍ଡଳଙ୍କ ପୁଅ ହରିହର ମଣ୍ଡଳ (୪୦) ବୈଶିଙ୍ଗା ବିଦ୍ୟୁତ ସେକ୍ସନ ଅଧୀନ ଅଁଳା ଷ୍ଟ୍ରକଚରରେ କାର୍ଯ୍ୟରତ ଥିଲେ । ଡ୍ୟୁଟିରେ ଥିବା ସମୟରେ ସେ ଅସୁସ୍ଥ ହୋଇ ପଡ଼ିବାରୁ ଅନ୍ୟ କର୍ମଚାରୀ ତାଙ୍କୁ ସଙ୍ଗେ ସଙ୍ଗେ ୧୦୮ ଯୋଗେ ବୈଶିଙ୍ଗା ଡାକ୍ତରଖାନାକୁ ନେଇ ଆସିଥିଲେ । ସେଠାରେ ଡାକ୍ତର ହରିହର କୁ ମୃତ ବୋଲି ଘୋଷଣା କରିଥିଲେ । ଏ ନେଇ ପରିବାରବର୍ଗଙ୍କ ଲିଖିତ ଅଭିଯୋଗକୁ ଆଧାର କରି ବୈଶିଙ୍ଗା ପୁଲିସ ଏକ ମାମଲା ରୁଜୁ କରିଥିଲେ । ବୈଶିଙ୍ଗା ପୁଲିସ ଡାକ୍ତରଖାନାରେ ପହଞ୍ଚି ତଦନ୍ତ କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ବାରିପଦା ଡ଼ାକ୍ତରଖାନାକୁ ପଠାଇଥିଲେ । ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଥିବା ବେଳେ ସନ୍ଧ୍ୟା ସମୟରେ ଗ୍ରାମ ଶ୍ମସାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ଜଣାଯାଇଛି । ପ୍ରକାଶ ଥାଉକି ଅତ୍ୟଧିକ ନିଶା ସେବନ ପାଇଁ ମୃତ୍ୟୁ ହୋଇଥାଇ ପାରେ ବୋଲି ଲୋକଙ୍କ ନିକଟରେ ଆଲୋଚିତ ହେଉଛି ।

# ତ୍ରିପୁରାରେ ୪୦ କୋଟିର ୟାବା ଟାବଲେଟ ଜବତ: ଟ୍ରକ ଚାଳକ ଗିରଫ

ନୂଆଦିଲ୍ଲୀ,୧୬/୯ : ତ୍ରିପୁରା ପୁଲିସ, ଆସାମ ରାଇଫଲ୍ସ ଏବଂ ଡାଇରେକ୍ଟୋରେଟ ଅଫ ରେଭେନ୍ୟୁ ଇଂଟେଲିଜେନ୍ସ (ଡିଆରଆଇ)ର ମିଳିତ ଟିମ ଉତର ତ୍ରିପୁରାର ପାଣିସାଗର ନାକା ଅଂଚଳରେ ବଡ଼ କାର୍ଯ୍ୟାନୁଷ୍ଠାନ କରି ପ୍ରାୟ ପାଂଚ ଲକ୍ଷ ୟାବା ଟାବଲେଟ ଜବତ କରିଛି। ଜବତ ନିଶାଦ୍ରବ୍ୟର ଅନ୍ତର୍ଜାତୀୟ ବଜାରରେ ମୂଲ୍ୟ ପ୍ରାୟ ୪୦ କୋଟି ଟଙ୍କା ଆକଳନ କରାଯାଇଛି। ପାଣିସାଗରର ଏସଡିପିଓ କିଶଲୟ ଶିଶୋଦିଆଙ୍କ ଅନୁଯାୟୀ, ସୁରକ୍ଷା ବଳଙ୍କୁ ଗୁପ୍ତ ସୂଚନା ମିଳିଥିଲା ଯେ ଆସାମରୁ ଏକ ଟ୍ରକ ଯୋଗେ ନିଶାଦ୍ରବ୍ୟର ଚାଲାଣ ତ୍ରିପୁରାକୁ ଅଣାଯାଉଛି।




# ୟୁନିଅନ ବ୍ୟାଙ୍କ ଡକାୟତି ମାମଲାରେ ବୈଶିଙ୍ଗା ପୋଲିସର ପ୍ରେସ ମିଟ୍

## ବ୍ୟାଙ୍କ ଡକାୟତିକୁ ପଣ୍ଡ କରିଲା ବୈଶିଙ୍ଗା ପୋଲିସ : ୬ କୋର୍ଟ ଚାଲାଣ



ବୈଶିଙ୍ଗା , ୧୬/୯ (ନି.ପ୍ର): ବୈଶିଙ୍ଗା ଥାନା ଅଞ୍ଚଳରେ କିଛି ମାସ ଧରି ସ୍କୁଲ , ମନ୍ଦିର , ଏବଂ ବଡ ବଡ ଦୋକାନ ଚୋରି ବଢି ଯାଇଥିବା ବେଳେ ନୂତନ ଭାବେ ଦାୟିତ୍ୱ ନେଇଥିବା ଆଇ ଆଇ ସି ବାବା ଶଙ୍କର ସରାଫ ଙ୍କ ଉପସ୍ଥିତ ବୃଦ୍ଧି ପାଇଁ ଏକ ବଡ ଧରଣର ବ୍ୟାଙ୍କ ଡକାୟତି ପଣ୍ଡ ହୋଇଥିବା ଜଣାଯାଇଛି । ପ୍ରାପ୍ତ ସୂଚନା ଅନୁଯାଇ ବୈଶିଙ୍ଗା ଥାନା ଅନ୍ତର୍ଗତ ମାନଗୋବିନ୍ଦପୁର ଠାରେ ଥିବା ୟୁନିୟନ ବ୍ୟାଙ୍କ କୁ ଡକାୟତି କରିବା ପାଇଁ କିଛି ଡକାୟତ ଯୋଜନା କରିଥିଲେ ଓ ରାତି ଦୁଇଟା ସମୟରେ ବ୍ୟାଙ୍କର ହେଡ ଅଫିସ ବମ୍ବେ ରୁ ଫୋନ ପାଇ ବୈଶିଙ୍ଗା ଆଇ ଆଇ ସି ବିଭିନ୍ନ ଏରିଆକୁ ନାକା ବନ୍ଦି କରି ନିଜେ ସଦଳବଳେ ବ୍ୟାଙ୍କ ନିକଟରେ ପହଞ୍ଚିଥିଲେ । ପୋଲିସ ଆସୁଥିବା ଜାଣି ଡକାୟତ ମାନେ ଏକ ପଶ୍ଚିମବଙ୍ଗ ନମ୍ବର ଥିବା ଚେଭରଲେଟ କାର ନଂ-ଡବ୍ଲ୍ୟୁ ବି ୨୦ଜେଡ଼-୯୭୫୬ ରେ ଖସି ପଳାଇ ଯାଉଥିବା ବେଳେ ପୂର୍ବରୁ ବୈଶିଙ୍ଗା ରେ ଜଗି ରହିଥିବା ପୋଲିସ ହାତରେ ଧରାପଡିଥିଲେ । ଆଇ ଆଇ ସି ମଧ ସେମାନଙ୍କୁ ପିଛା କରି ବୈଶିଙ୍ଗା ଠାରେ ୬ ଜଣ ଅଭିଯୁକ୍ତ ସମେତ ଜଣେ ନାବାଳକକୁ କାବୁ କରି ଥାନାକୁ ନେଇ ଆସିଥିଲେ । ତାଙ୍କ ନିକଟରୁ ମାରଣାସ୍ତ୍ର , ଗ୍ରୀଲ୍ କଟର ଓ ବ୍ୟାଙ୍କର ଏକ ମୋବାଇଲ ସମେତ କାର ଟିକୁ ମଧ ଜବତ କରିଥିବା ପ୍ରକାଶ କରିଛନ୍ତି ଥାନାଧିକାରୀ । ବ୍ୟାଙ୍କର ସିକ୍ୟୁରିଟୀ ଉତ୍ତମ କୁମାର ପୃଷ୍ଟିଙ୍କ ଲିଖିତ ଅଭିଯୋଗ ଅନୁଯାଇ କେସ ନଂ ୪୭୪/୨୬ ମୂଳେ ମାମଲା ରୁଜୁ ହୋଇଥିବା ବେଳେ ଏମାନଙ୍କ ସହିତ ଆଉ କେଉଁ ଆନ୍ତରାଜ୍ୟ ଗ୍ୟାଙ୍ଗ ସଂପୃକ୍ତ ଅଛନ୍ତି ତାହାର ଅନୁସନ୍ଧାନ ଜାରି ରହିଛି । ଏ ନେଇ ବେତନଟୀ ପୋଲିସ ଉପଖଣ୍ଡ ଅଧିକାରୀ ମିନତୀ ବିଶ୍ୱାଳ ଙ୍କ ପରିଚାଳନାରେ ବୈଶିଙ୍ଗା ଥାନାରେ ଏକ ପ୍ରେସ୍ ମିଟ୍ ଅନୁଷ୍ଠିତ ହୋଇଥିଲା । ବୈଶିଙ୍ଗା ଥାନାଧିକାରୀ ବାବା ଶଙ୍କର ଶରାଫ, ମାମଲା ପରିଚାଳନା ଦାୟିତ୍ ନେଇଥିବା ଏସ ଆଇ ସରୋଜ କୁମାର ଜେନା ଓ ଅନ୍ୟ ଅଧିକାରୀ ଉପସ୍ଥିତ ରହିଥିଲେ । ସାମ୍ବାଦିକ ଙ୍କ ପ୍ରଶ୍ନର ଉତ୍ତରରେ ଆଗାମୀ ଦିନରେ କେମିତି ସୁରକ୍ଷା କଡାକଡି ହେବ ସେଥିପାଇଁ ପୋଲିସ ସଜାଗ ରହିବ ବୋଲି ଏସ୍ ଡି ପି ଓ ମିନତୀ ବିଶ୍ୱାଳ ପ୍ରତିଶୃତି ଦେଇଥିଲେ । ଏହି ଡକାୟତି ଘଟଣାରେ ପୋଲିସ ର ତୁରନ୍ତ ପଦକ୍ଷେପ ପାଇଁ ପ୍ରଶଂସା କରାଯାଇଥିଲା ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida